

যা দেৱী সর্বভূতেষু............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୧୦ ଜୁଲାଇ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 10 July 2024

Vol.No. 35 ■ No.184 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ମୋଦୀଙ୍କୁ ମିଳିଲା ରୁଷର ସର୍ବୋଚ୍ଚ ନାଗରିକ ସମ୍ମାନ

ନୂଆଦିଲ୍ଲୀ, ୦୯/୭ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁଇ ଦିନିଆ ରୁଷ ଗସ୍ତରେ ଅଛନ୍ତି। ଏହି ସମୟ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ରୁଷର ସର୍ବୋଚ୍ଚ ନାଗରିକ ସମ୍ମାନ 'ଅର୍ଡର ଅଫ୍ ସେଣ୍ଟ ଆଣ୍ଡ୍ରୁ ଏପୋଷ୍ଟେଲ ' ପ୍ରଦାନ କରାଯାଇଛି। ଏହି ସମ୍ମାନ ରୁଷର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ପ୍ରଦାନ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ଏହି ସମ୍ମାନକୁ ଭାରତର ୧୪୦ କୋଟି ଲୋକଙ୍କ ସମ୍ମାନ ବୋଲି ବର୍ଣ୍ଣନା କରିଛନ୍ତି। ଭାରତ ଏବଂ ରୁଷ ମଧ୍ୟରେ ଭାଗିଦାରୀ ତଥା ବନ୍ଧୁତ୍ୱକୁ ଆହୁରି ଦୃଢ଼ କରିବାକୁ ତାଙ୍କର ଉଦ୍ୟମ ହେତୁ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହି ପୁରସ୍କାର ୧୬୯୮ ମସିହାରେ ପିଟର ଦି ଗ୍ରେଟ୍ ଦ୍ୱାରା ଆରମ୍ଭ କରାଯାଇଥିଲା । ସବୁଠାରୁ ଉଲ୍ଲେଖନୀୟ ନାଗରିକ କିମ୍ବା ସାମରିକ ଯୋଗ୍ୟତା ପାଇଁ ଏହି ସମ୍ମାନ ଦିଆଯାଏ । ଏହାପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ମସ୍କୋରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ରୁଷରେ ରହୁଥିବା ଭାରତୀୟ ସମୁଦାୟ ସହ ମତ ବିନିମୟ କରିଛନ୍ତି । ପ୍ରଧାନମନ୍ତ୍ରୀଙ୍କୁ ପ୍ରବାସୀ ଭାରତୀୟମାନେ ସହୃଦୟତା ଓ ସ୍ନେହର ସହିତ ସ୍ୱାଗତ କରିଥିଲେ । ପ୍ରବାସୀ ଭାରତୀୟଙ୍କୁ ଉଦବୋଧନ ଦେଇ ପ୍ରଧାନମନ୍ତ୍ରୀ ଏଭଳି ଭବ୍ୟ ସ୍ୱାଗତ ପାଇଁ ଧନ୍ୟବାଦ ଜଣାଇବା ସହ ଭାରତ-ରୁଷ ସମ୍ପର୍କକୁ ବଢ଼ାଇବାରେ ଭାରତୀୟ ସମୁଦାୟର ଅବଦାନକୁ ପ୍ରଶଂସା କରିଥିଲେ । ବିଗତ ଦଶ ବର୍ଷ ମଧ୍ୟରେ ଭାରତରେ ଘଟିଥିବା ଉଲ୍ଲେଖନୀୟ ପରିବର୍ତ୍ତନ ବିଷୟରେ ପ୍ରଧାନମନ୍ତ୍ରୀ ଆଲୋକପାତ କରିଥିଲେ । ଏହା ସମସ୍ତ ଭାରତୀୟଙ୍କ ପାଇଁ ଗର୍ବର ବିଷୟ ବୋଲି ସେ କହିଥିଲେ। ତାଙ୍କ ତୃତୀୟ କାର୍ଯ୍ୟକାଳରେ ଦେଶକୁ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥବ୍ୟବସ୍ଥାରେ ପରିଣତ କରିବା ସରକାରଙ୍କ ଲକ୍ଷ୍ୟ ବୋଲି ସେ କହିଥିଲେ। ସେ ଭାରତର ଆର୍ଥିକ ଅଭିବୃଦ୍ଧି ବିଷୟରେ ଆଲୋଚନା କରିଥିଲେ ଯାହା ବିଶ୍ୱ ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ପ୍ରତିଶତ ହାସଲ କରିଛି। ଦେଶର ଡିଜିଟାଲ ଏବଂ ଫିନଟେକ୍ ସଫଳତା; ସବୁଜ ବିକାଶ କ୍ଷେତ୍ରରେ ସଫଳତା; ଏବଂ ଏହାର ପ୍ରଭାବଶାଳୀ ସାମାଜିକ-ଆର୍ଥିକ କାର୍ଯ୍ୟକ୍ରମ ସାଧାରଣ ଲୋକଙ୍କୁ ସଶକ୍ତ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ । ୧୪୦ କୋଟି ଭାରତୀୟଙ୍କ ସମର୍ପଣ, ପ୍ରତିବଦ୍ଧତା ଏବଂ ଯୋଗଦାନ ଯୋଗୁଁ ଭାରତରେ ପରିବର୍ତ୍ତନକାରୀ ସଫଳତା ମିଳିଛି ବୋଲି ସେ ଗୁରୁତ୍ୱାରୋପ କରି କହିଥିଲେ।



## ଗ୍ରାହାମ୍ ଷ୍ଟେନ୍ସ ହତ୍ୟା ମାମଲାରେ ସୁପ୍ରିମକୋର୍ଟଙ୍କ ଜବାବ ତଲବ

ନୂଆଦିଲ୍ଲୀ, ୦୯/୭ : ବହୁଚର୍ଚ୍ଚିତ ଗ୍ରାହାମ୍ ଷ୍ଟେନ୍ସ ହତ୍ୟା ମାମଲାରେ ସୁପ୍ରିମକୋର୍ଟଙ୍କ ଜବାବ ତଲବ। ଓଡ଼ିଶା ସରକାରଙ୍କଠାରୁ ଜବାବ ମାଗିଛନ୍ତି ସୁପ୍ରିମକୋର୍ଟ। ଆସନ୍ତା ୬ ସପ୍ତାହ ଭିତରେ ଜବାବ ଦେବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କାରଣ ଗତ ୨୪ ବର୍ଷର ଜେଲ୍ ଜୀବନ କାଟିଥିବାରୁ ମୁକ୍ତି ଆବେଦନ କରିଛି ଦାରା ସିଂ। ତେଣୁ ତାଙ୍କର ମୁକ୍ତି ଆବେଦନ ଉପରେ ସର୍ବୋଚ୍ଚ ଅଦାଲତ ରାଜ୍ୟ ସରକାରଙ୍କୁ ଜବାବ ତଲବ କରିଛନ୍ତି। ▶▶ପୃଷ୍ଠା ୭

## ଡେଙ୍ଗୁ ଚିନ୍ତା: ସବୁ ଜିଲ୍ଲାପାଳଙ୍କୁ ସ୍ୱାସ୍ଥ୍ୟବିଭାଗର ଚିଠି

ଭୁବନେଶ୍ୱର, ୦୯/୭ (ନି.ପ୍ର): ରାଜ୍ୟରେ ଡେଙ୍ଗୁ ସଂକ୍ରମଣ ବୃଦ୍ଧିକୁ ନଜରରେ ରଖି ତତ୍ପର ହୋଇଛି ସ୍ୱାସ୍ଥ୍ୟ ବିଭାଗ। ଗତ ୫ ବର୍ଷ ଭିତରେ ରାଜ୍ୟର ଯେଉଁ ଅଞ୍ଚଳ ଡେଙ୍ଗୁ ହଟ୍‌ସ୍ପଟ୍ ରହିଆସିଛି, ସେସବୁ ଅଞ୍ଚଳକୁ ମ୍ୟାପିଂ କରିବା ସହ ସେଠାରେ ସର୍ବେକ୍ଷଣ ଆରମ୍ଭ ଲାଗି ନିର୍ଦ୍ଦେଶ ଦିଆଯାଇଛି। ଏଥିପାଇଁ ସବୁ ଜିଲ୍ଲାପାଳ ଓ ମ୍ୟୁନିସିପାଲ କମିଶନରଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦେଇଛନ୍ତି ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ। ମୌସୁମୀ ଓ ଏହାର ପରବର୍ତ୍ତୀ ସମୟରେ ଡେଙ୍ଗୁ ଓ ମ୍ୟାଲେରିଆ ସଂକ୍ରମଣ ବଢୁଥିବାରୁ ଆଗୁଆ ସତର୍କତା ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଆବଶ୍ୟକ ସଂଖ୍ୟକ ଫ୍ରଣ୍ଟଲାଇନ ୱାର୍କର, ଡାଏଗ୍ନୋଷ୍ଟିକ୍ କିଟ୍, ଔଷଧ ମହଜୁଦ ରଖିବା ପାଇଁ କୁହାଯାଇଛି। ଜିଲ୍ଲା ଓ ମହାନଗର ନିଗମସ୍ତରରେ ସବୁ ଅଂଶୀଦାରଙ୍କ ସହ ମିଶି ଯୁଗ୍ମ ଆକ୍ସନ୍ ପ୍ଲାନ ସମୀକ୍ଷା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ସ୍ୱାସ୍ଥ୍ୟ ସଚିବ। ସେହିପରି ଜନସଚେତନତା ସହ ଅନ୍ୟ ସହଯୋଗୀ ବିଭାଗ ସହ ସମନ୍ୱୟ ରକ୍ଷା, ଟେଷ୍ଟିଂ, ▶▶ପୃଷ୍ଠା ୭

## ନିଟ୍-ୟୁଜି ମାମଲାରେ ଆଉ ୨ ଜଣଙ୍କୁ ଗିରଫ କଲା ସିବିଆଇ

ନୂଆଦିଲ୍ଲୀ, ୦୯/୭ (ନି.ପ୍ର): ନିଟ ୟୁଜି ପେପର ଲିକ୍ ମାମଲାରେ ସିବିଆଇ ବିହାରରୁ ଆଉ ଦୁଇ ଜଣଙ୍କୁ ଗିରଫ କରିଛି। ଏହି ମାମଲାରେ ଏପର୍ଯ୍ୟନ୍ତ ୧୧ ଜଣଙ୍କୁ ଗିରଫ କରାଯାଇଛି। ସିବିଆଇ ନାଳନ୍ଦା ଓ ଗୟାରୁ ସନ୍ନି କୁମାର ଓ ରଞ୍ଜିତ ନାମକ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି। ସନ୍ନି ପ୍ରାର୍ଥୀ ହୋଇଥିବା ବେଳେ ରଞ୍ଜିତ ଅନ୍ୟ ଜଣେ ପରୀକ୍ଷାର୍ଥୀଙ୍କ ପିତା। ଦୁହେଁ ପ୍ରଶ୍ନପତ୍ର ଲିକ୍ କରିବାରେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଛି। ଏହା ପୂର୍ବରୁ ଜୁଲାଇ ୮ତାରିଖରେ ସିବିଆଇ ମହାରାଷ୍ଟ୍ରର ଲାଟୁରରୁ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଥିଲା। ନାନଜୁନ ଧପ୍ପା ନାମକ ଏହି ବ୍ୟକ୍ତି ଜଣକ ସେମାନଙ୍କଠାରୁ ଟଙ୍କା ନେଇ ଛାତ୍ରଛାତ୍ରୀଙ୍କ ମାର୍କ ବଢ଼ାଇବାକୁ ଦାବି କରୁଥିଲେ। ଲାଟୁରର ଏକ ସରକାରୀ ସ୍କୁଲର ଦୁଇ ଜଣ ଶିକ୍ଷକ ପରୀକ୍ଷାରେ ସଫଳତା ସୁନିଶ୍ଚିତ କରିବା ପାଇଁ ନିଟ୍-ୟୁଜି ପରୀକ୍ଷାର୍ଥୀଙ୍କ ଠାରୁ ପାଖାପାଖି ୫ ଲକ୍ଷ ଟଙ୍କା ଦାବି କରିଥିଲେ। ଏହା ପୂର୍ବରୁ ଜଣେ ସିବିଆଇ ଅଧିକାରୀ କହିଥିଲେ ଯେ ଏପର୍ଯ୍ୟନ୍ତ ବିହାରରୁ ନିଟ୍-ୟୁଜି ପ୍ରଶ୍ନପତ୍ର ଲିକ୍ ମାମଲାରେ ସିବିଆଇ ଏପର୍ଯ୍ୟନ୍ତ ୬ ଜଣଙ୍କୁ ଗିରଫ କରିଛି । ଲାଟୁର ଏବଂ ଗୋଧ୍ରାରେ ଜଣେ ଲେଖାଏଁ ବ୍ୟକ୍ତିଙ୍କୁ ଗିରଫ କରିଥିବା ବେଳେ ଷଡ଼ଯନ୍ତ୍ର ଅଭିଯୋଗରେ ଡେରାଡୁନରୁ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ଏବେ ଏଜେନ୍ସି ବିହାରରୁ ଆଉ ୨ ଜଣଙ୍କୁ ଗିରଫ କରିଛି।

## ଦୀର୍ଘବର୍ଷ ପରେ କ୍ୟାବିନେଟ୍ ବୈଠକ ନେଇ ଗଣମାଧ୍ୟମକୁ ଆଗୁଆ ସୂଚନା ଦେଲେ ସରକାର

ଭୁବନେଶ୍ୱର, ୦୮/୭ (ନି.ପ୍ର): ରାଜ୍ୟରେ ନବୀନ ପଟ୍ଟନାୟକ ସରକାରର ପତନ ସହ ଭୁଶୁଡ଼ି ପଡ଼ିଥିବା ଗଣତାନ୍ତ୍ରିକ ବ୍ୟବସ୍ଥାକୁ ପୁଣିଥରେ ସକ୍ରିୟ କରିବା ଉପରେ ବିଜେପି ସରକାର ଗୁରୁତ୍ୱ ଦେଉଥିବା ଜଣାପଡ଼ିଛି। ଦୀର୍ଘବର୍ଷ ବ୍ୟବଧାନରେ ରାଜ୍ୟ ସରକାର ଆସନ୍ତାକାଲି ହେବାକୁ ଥିବା କ୍ୟାବିନେଟ୍ ବୈଠକ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଯାହାକି ରାଜ୍ୟ ସରକାରର ପରିବର୍ତ୍ତିତ କାର୍ଯ୍ୟଶୈଳୀର ସନ୍ଦେଶ ଦେଇଛି । ପୂର୍ବରୁ ନବୀନ ପଟ୍ଟନାୟକ ସରକାରରେ କ୍ୟାବିନେଟ୍ ବୈଠକ କେବେ ବସିବ ତା'ର



ଟେର୍ ଗଣମାଧ୍ୟମ ତ ଦୂରର କଥା ଖୋଦ୍ ମନ୍ତ୍ରୀମାନଙ୍କୁ ବି ଆଗୁଆ ଜଣାନଥାଏ । କିନ୍ତୁ ଏବେ ମୋହନ ସରକାର ଆଗୁଆ ଗଣମାଧ୍ୟମକୁ କ୍ୟାବିନେଟ୍ ବୈଠକ ସମ୍ପର୍କରେ ସୂଚନା ଦେଇ ସମସ୍ତଙ୍କ ସହଭାଗିତାରେ ସରକାର କାର୍ଯ୍ୟ କରିବ ବୋଲି ସନ୍ଦେଶ ଦେଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ, ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆଜି ଗଣମାଧ୍ୟମକୁ ଆସନ୍ତାକାଲି ସାଢ଼େ ୧୧ଟାରେ କ୍ୟାବିନେଟ୍ ବୈଠକ ସମ୍ପର୍କରେ ସୂଚନା ଦିଆଯାଇଛି । କ୍ୟାବିନେଟ୍ ବୈଠକ ପରେ ଲୋକସେବା ଭବନର କନଭେନସନ ସେଂଟରର ପ୍ରଥମ ମହଲା ସମ୍ମିଳନୀ କକ୍ଷରେ ସାମ୍ବାଦିକ ସମ୍ମିଳନୀ କରି ସରକାର ନିଆଯାଇଥିବା ନିଷ୍ପତ୍ତି ସମ୍ପର୍କରେ ଗଣମାଧ୍ୟମକୁ ଅବଗତ କରିବେ ବୋଲି ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ମୋହନ ମାଝୀଙ୍କ ନେତୃତ୍ୱରେ ରାଜ୍ୟରେ ସରକାର କ୍ଷମତାକୁ ଆସିବା ପରେ ଏହା ହେଉଛି ▶▶ପୃଷ୍ଠା ୭

## ଗୋଟି ପହଣ୍ଡି ବେଳେ ହାମୁଡେଇ ପଡ଼ିଲେ ବଡ଼ ଠାକୁର

ପୁରୀ, ୦୯/୭ (ନି.ପ୍ର): ଶ୍ରୀକ୍ଷେତ୍ରରେ ଆଡ଼ପ ପହଣ୍ଡି ବେଳେ ଖସି ପଡ଼ିଲେ ବଡ଼ ଠାକୁର ବଳଭଦ୍ର। ଚାରମାଳ ଉପରେ ହାମୁଡେଇ ପଡ଼ିଲେ ବଡ଼ ଠାକୁର। ପହଣ୍ଡିରେ ସାମିଲ ହୋଇଥିବା କେତେକ ସେବାୟତ ଆହତ ହୋଇଛି। ସେମାନଙ୍କୁ ଉଦ୍ଧାର କରାଯାଇ ମେଡ଼ିକାଲ୍‌ରେ ଭର୍ତ୍ତି କରାଯାଇଛି। ଆଜି ସନ୍ଧ୍ୟା ବେଳେ ଗୋଟି ପହଣ୍ଡି ଆରମ୍ଭ ହୋଇଥିଲା। ଘଣ୍ଟୁଆଙ୍କ ଘଣ୍ଟ ମାଦ୍ଦଳ ତାଳେ ତାଳେ ସେବାୟତମାନେ ଗୋଟି ପହଣ୍ଡିରେ



ବଡ଼ ଠାକୁରଙ୍କୁ ନେଇଯାଉଥିଲେ। ହେଲେ ଚାରମାଳ ଉପରେ ହାମୁଡେଇ ପଡ଼ି ଯାଇଥିଲେ ବଡ଼ ଠାକୁର। ଯେଉଁଥିପାଇଁ ସେବାୟତମାନେ ରଥ ତଳକୁ ଖସି ▶▶ପୃଷ୍ଠା ୭

## ଦିନ ଦିପ୍ରହରରେ ବ୍ୟାଙ୍କ ସମ୍ମୁଖରୁ ଗୁଳି ଫୁଟାଇ ୧୨ଲକ୍ଷ ଲୁଟ୍: ଖଇରାରେ ଆତଙ୍କ



ଖଇରା, ୦୯/୭ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ବର୍ତ୍ତନା ସ୍ଥିତ ଇଣ୍ଡିଆନ ବ୍ୟାଙ୍କ ଶାଖା ସମ୍ମୁଖରୁ ପେଟ୍ରୋଲ ପମ୍ପ କର୍ମଚାରୀଙ୍କୁ ଗୁଳି ମାରି ୬ଜଣ ଦୁର୍ବୃତ୍ତ ୧୨ଲକ୍ଷ ଲୁଟ କରି ପଳାଇଯିବା ଘଟଣା ଖଇରାରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ନିଳଗିରି ଏସଡିପିଓ ସରୋଜ କୁମାର ଉପାଧ୍ୟାୟ,ଖଇରା ଥାନା ଆଇଆଇସି ଗୟାଧର ବେହେରା, ସାଇବର ଏକ୍ସପର୍ଟ ଟିମ ସିସିଟିଭି ଫୁଟେଜ ଯାଞ୍ଚ କରିବା ସହ ଅଭିଯୁକ୍ତମାନଙ୍କୁ ଧରିବାକୁ ତନାଘନା ଚଳାଇଛନ୍ତି। ସିସି ଫୁଟେଜରୁ ଏହି ଲୁଟରେ ଜଣେ ନାବାଳକ ସାମିଲ ଥିବା ଦେଖିବାକୁ ମିଳିଛି । ଗୁଳିକାଣ୍ଡରେ ଆହତ ଜଣେ ବ୍ୟାଙ୍କ କର୍ମଚାରୀଙ୍କୁ ଚିକିତ୍ସାପାଇଁ ଭଦ୍ରକ ସ୍ଥାନାନ୍ତର କରାଯାଇଛି । ୨ମାସ ମଧ୍ୟରେ ୭ରୁ ଅଧିକ ଚୋରୀ ଘଟଣା ଖଇରାବାସୀଙ୍କୁ ଚିନ୍ତାରେ ପକାଇଛି।

## ଜୁଲାଇ ୧୪ ତାରିଖରେ ଖୋଲିବ ରତ୍ନଭଣ୍ଡାର: ଜଷ୍ଟିସ୍ ବିଶ୍ୱନାଥ ରଥ

ପୁରୀ, ୦୯/୭ (ନି.ପ୍ର): ଜୁଲାଇ ୧୪ ତାରିଖରେ ଖୋଲିବ ରତ୍ନଭଣ୍ଡାର, ଏନେଇ ସୂଚନା ଦେଇଛନ୍ତି ରତ୍ନଭଣ୍ଡାର ତଦାରଖ କମିଟି ଅଧ୍ୟକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥ। ସେ ଆହୁରି କହିଛନ୍ତି, ସରକାରଙ୍କୁ ନିଷ୍ପତ୍ତି ନେଇ ଜଣାଇଦିଆଯାଉଛି। ବିବରଣୀ ମ୍ୟାନେଜମେଣ୍ଟ କମିଟିଙ୍କୁ ଦିଆଯିବ ଏହା ପରେ ମ୍ୟାନେଜମେଣ୍ଟ କମିଟି ସରକାରଙ୍କ ପାଖକୁ ଯିବ। ସରକାରଙ୍କ ନିର୍ଦ୍ଦେଶ ଆସିଲେ ରତ୍ନଭଣ୍ଡାର ଖୋଲିପାରିବ। ଆଶା କରୁଛି, ସରକାର ୧୪ ତାରିଖରେ ରତ୍ନଭଣ୍ଡାର ଖୋଲିବା ଲାଗି ଅନୁମତି ଦେବେ। ଚାବି କାମ କରୁ କି ନ କରୁ ତାଲା ଖୋଲାଯିବ। ଏଥିଲାଗି ସଂପୂର୍ଣ୍ଣ ଏସଓପି ପ୍ରସ୍ତୁତ ହୋଇଛି। ସରକାର ଅନୁମତି ଦେଲେ ୨୪ ତାରିଖରେ



ରତ୍ନଭଣ୍ଡାର ଖୋଲିବୁ। ସେ ଆହୁରି କହିଛନ୍ତି, ୧୪ ତାରିଖରେ ଚାବି କମିଟିକୁ ପ୍ରଶାସନ ହସ୍ତାନ୍ତର କରିବ। ରତ୍ନଭଣ୍ଡାରର ଅଳଙ୍କାର ସ୍ଥାନାନ୍ତର ଲାଗି ନିର୍ଦ୍ଧାରିତ ସ୍ଥାନ ଠିକ୍ କରାଯାଇଛି। ତାପରେ ଗଣତିମଣତି କରାଯିବ। ଏଥିପାଇଁ ଗହଣା ଗଣତି ପାଇଁ ସରକାର ମେଟ୍ରୋଲୋଜିଷ୍ଟ ଗ୍ରୁପ ଓ ବଣିଆ ଗ୍ରୁପଙ୍କୁ ନିଯୁକ୍ତି ଦେବେ ସରକାର।

## ସାଙ୍ଗ ପାଇଁ ସାଙ୍ଗର ଚାଲିଗଲା ଜୀବନ: ଦୁଇ ଜଣଙ୍କ ଉପରେ ମାଡ଼ିଗଲା ଟ୍ରେନ

ବାଲେଶ୍ୱର, ୦୯/୭ (ନି.ପ୍ର): ସାଙ୍ଗକୁ ବଞ୍ଚାଇବାକୁ ଯାଇ ଚାଲିଗଲା ସାଙ୍ଗର ଜୀବନ। ଦୁଇ ସାଙ୍ଗଙ୍କ ଉପରେ ମାଡ଼ିଗଲା ଟ୍ରେନ। ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ ଦାଣ୍ଡହରିପୁର ରେଳ ଫାଟକ ନିକଟରେ ଏହି ଦୁର୍ଘଟଣାରେ ଘଟିଛି। ମୃତକ ହେଲେ ବରିପଦା ଗାଁର ହେମନ୍ତ ସାହୁ ଓ ଆରୁହାବାଡ଼ ଗାଁର ରାକେଶ ପାଡ଼ୀ। ଗତକାଲି ରାତିରେ ଦୁଇ ସାଙ୍ଗ କୌଣସି କାମ ପାଇଁ ଦାଣ୍ଡହରିପୁର ଫାଟକ ନିକଟକୁ ବାଇକରେ ଆସିଥିଲେ। ଗେଟ୍ ପଡ଼ିଥିବା ସତ୍ତ୍ୱେ ଟ୍ରେନ୍ ଆଗକୁ ପଳାଇ ଆସିଥିଲେ ରାକେଶ।



ହେମନ୍ତ ବାଇକ୍‌ରୁ ଓହ୍ଲାଇ ତାଙ୍କୁ ବଞ୍ଚାଇବାକୁ ଦୌଡ଼ି ଯାଇଥିଲେ। ସେହି ସମୟରେ ଯାଉଥିବା ପୁରୀ-ହାୱଡା ଏକ୍ସପ୍ରେସ ଦୁଇ ସାଙ୍ଗଙ୍କ ଉପରେ ମାଡ଼ି ଯାଇଥିଲା। ଆଜି ସକାଳେ ରେଲୱେ ଟ୍ରାକକୁ ଉଭୟଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ଉଦ୍ଧାର କରାଯାଇଥିଲା। ତେବେ ରାକେଶ କାହିଁକି ଗେଟ୍ ପଡ଼ିବା ସତ୍ତ୍ୱେ ଟ୍ରେନ ଆଗକୁ ଆସିଲେ ▶▶ପୃଷ୍ଠା ୭

## ରାଜ୍ୟଗୁଡ଼ିକ ସହ ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗର ସମୀକ୍ଷା କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର, ୦୯/୭ (ନି.ପ୍ର): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳମାନଙ୍କ ସହ ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗର ସମୀକ୍ଷା ବୈଠକର ଉଦଘାଟନୀ ଅଧିବେଶନକୁ ସମ୍ବୋଧିତ କରିଛନ୍ତି । ଏହି ଅବସରରେ ଶ୍ରୀ ପ୍ରଧାନ ସମଗ୍ର ଭାରତବର୍ଷରେ ବିଦ୍ୟାଳୟ ଶିକ୍ଷାର ସାମଗ୍ରିକ ବିକାଶ ପାଇଁ ଆଗାମୀ ପାଞ୍ଚ ବର୍ଷର ରୋଡମ୍ୟାପ୍ ଉପରେ ନିଜ ମତ ରଖିଛନ୍ତି। ସେ କହିଛନ୍ତି ଯେ ଶିକ୍ଷା ହେଉଛି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ବିକଶିତ ଭାରତ ପରିକଳ୍ପନାର ଏକ ପ୍ରମୁଖ ସ୍ତମ୍ଭ ଏବଂ ଏହି ଲକ୍ଷ୍ୟ ହାସଲ କରିବା ପାଇଁ ହେଲେ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ମିଳିତ ଭାବେ କାର୍ଯ୍ୟ କରିବାକୁ ପଡିବ । ଜାତୀୟ ଶିକ୍ଷା ନୀତିର ପାଖାପାଖି ୪ ବର୍ଷ ମଧ୍ୟରେ ଦେଶର ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ଅଗ୍ରଗତି ହୋଇଛି । ଭାରତକୁ ଏକ ଜ୍ଞାନ ମହାଶକ୍ତିରେ ପରିଣତ କରିବା ପାଇଁ ଗୁଣାତ୍ମକ ଶିକ୍ଷାକୁ ପ୍ରାଥମିକତା ଦିଆଯାଉଛି । ଶିକ୍ଷାକୁ ସର୍ବବ୍ୟାପୀ ଏବଂ ସର୍ବସ୍ପର୍ଶୀ କରିବା ଦିଗରେ ଜାତୀୟ ଶିକ୍ଷା ନୀତିର କ୍ରିୟାନ୍ୱୟନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଭାରତୀୟ ଭାଷାରେ ଶିକ୍ଷା ପ୍ରଦାନ ଉପରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଜାତୀୟ



ଶିକ୍ଷା ନୀତି ୨୦୨୦ରେ ମାତୃଭାଷା ଏବଂ ସମସ୍ତ ଭାରତୀୟ ଭାଷାରେ ଶିକ୍ଷା ପ୍ରଦାନ କରିବା ଉପରେ ଗୁରୁତ୍ୱ ଦିଆଯାଇଛି । ଜାତୀୟ ଶିକ୍ଷା ନୀତିର ସୁପାରିଶ ଅନୁସାରେ ଶିକ୍ଷାକୁ ସର୍ବବ୍ୟାପୀ ଓ ସର୍ବସ୍ପର୍ଶୀ କରିବା ସହ ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବାକୁ ହେବ । ସେ ଆହୁରି କହିଛନ୍ତି ଯେ ଭାରତ ହେଉଛି ଏକ ଯୁବବର୍ଗଙ୍କ ଦେଶ । ବିଶେଷ ଭାବରେ ବିଶ୍ୱ ଯେତେବେଳେ ଦ୍ରୁତ ଗତିରେ ପରିବର୍ତ୍ତନ ହେଉଛି ଏବଂ ଟେକ୍ନୋଲୋଜି ଦ୍ୱାରା ପରିଚାଳିତ ହେଉଛି ସେହି ସମୟରେ ଯୁବକଙ୍କୁ ଏକବିଂଶ ଶତାବ୍ଦୀରେ ବୈଶ୍ୱିକ ନାଗରିକ କରିବା ଆମର ଆହ୍ୱାନ । ଆମକୁ ମିଳିତ ଉଦ୍ୟମରେ ଏପରି ଏକ ଶିକ୍ଷା ବ୍ୟବସ୍ଥା କରିବା ପାଇଁ ପଡିବ ଯେଉଁ ଶିକ୍ଷା ଉଭୟ ରୁଟେଡ୍ ଏବଂ ଭବିଷ୍ୟତବାଦୀ ହେବ । ସାମଗ୍ରିକ ଆଭିମୁଖ୍ୟ ସହିତ ବିଦ୍ୟାଳୟ ଗୁଡ଼ିକରେ ବୈଷୟିକ ଜ୍ଞାନକୌଶଳ ▶▶ପୃଷ୍ଠା ୭

# ରହସ୍ୟରେ ରହିଗଲା ଚିଟ୍‌ଫଣ୍ଡ କେଳେଙ୍କାରୀ: ବିଚାର ବିଭାଗୀୟ ତଦନ୍ତକୁ ପୂରିଲା ୧୧ ବର୍ଷ



କଟକ, ୦୯/୦୭ (ନି.ପ୍ର): ଚିଟ୍‌ଫଣ୍ଡ ଦୁର୍ନୀତିର ବିଚାରବିଭାଗୀୟ ତଦନ୍ତକୁ ୧୧ ବର୍ଷ ପୂରିଛି। ଚାରି ବର୍ଷ ହେଲା ଚିଟ୍‌ଫଣ୍ଡ ତଦନ୍ତ କମିସନରେ ତାଲା ପକାଇ ଦିଆଯାଇଥିବା ବେଳେ ସଂପୂର୍ଣ୍ଣ ଘଟଣା ରହସ୍ୟ ହୋଇ ରହିଯାଇଛି। ତଦନ୍ତ କମିସନଙ୍କ ନିକଟରେ ଦାଖଲ ହୋଇଥିବା ନଥିପତ୍ର, ସତ୍ୟପାଠ ସବୁ ଉଇ ଖାଇ ନଷ୍ଟ ହୋଇଯାଇଥିବା ବେଳେ ତଦନ୍ତ କମିସନଙ୍କ କାର୍ଯ୍ୟାଳୟର ସ୍ଥିତି ଏବେ କ୍ଷତିଗ୍ରସ୍ତ ଜମାକାରୀଙ୍କୁ ଉପହାସ କରୁଛି। ଚିଟ୍‌ଫଣ୍ଡ ଦୁର୍ନୀତିକୁ ନେଇ ସାରା ରାଜ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଥିବା ବେଳେ ତତ୍କାଳୀନ ରାଜ୍ୟ ସରକାର ୨୦୧୩, ଜୁଲାଇ ୯ରେ ବିଚାରବିଭାଗୀୟ ତଦନ୍ତ ପାଇଁ ଜଣିକିଆ କମିସନ୍ ଗଠନ ସଂପର୍କିତ ବିଜ୍ଞପ୍ତି ପ୍ରକାଶ କରିଥିଲେ। ଏଥିସହିତ ଚିଟଫଣ୍ଡ କ୍ଷତିଗ୍ରସ୍ତଙ୍କ ପାଇଁ ୩ଶହ କୋଟି ଟଙ୍କାର କର୍ପସ ଫଣ୍ଡ ଗଠନ ନେଇ ଘୋଷଣା କରିଥିଲେ। ପ୍ରଥମରୁ ୫ଟି ପ୍ରସଙ୍ଗରେ ତଦନ୍ତ ପାଇଁ କମିସନଙ୍କୁ ଦାୟିତ୍ୱ ପ୍ରଦାନ କରାଯାଥିଲା। ସରକାର ଏହାପରେ ପୂର୍ବ ଟର୍ମସ୍ ଅଫ୍ ରେଫରେନ୍ସରେ ଆଉ ଏକ ପ୍ରସଙ୍ଗ ଯୋଡି ୨୦୧୫, ଫେବ୍ରୁଆରି ୨୦ରେ ବିଜ୍ଞପ୍ତି ପ୍ରକାଶ କରିଥିଲେ। ଅତିରିକ୍ତ ଟର୍ମସ୍ ଅଫ ରେଫରେନ୍ସରେ ବେଆଇନ ଅର୍ଥ କାରବାର ଓ ଠକ କମ୍ପାନି ଗୁଡିକ ଦ୍ୱାରା ପ୍ରଭାବିତ ହୋଇଥିବା ପ୍ରକୃତ ଜମାକାରୀଙ୍କୁ ଚିହ୍ନଟ ପ୍ରସଂଗରେ ତଦନ୍ତ ଦାୟିତ୍ୱ କମିସନଙ୍କୁ ପ୍ରଦାନ କରାଯାଇଥିଲା। କମିସନଙ୍କ କାର୍ଯ୍ୟକାଳ ବିଭିନ୍ନ ସମୟରେ ବୃଦ୍ଧି କରାଯାଇଥିଲା। ଶେଷ ଥର ୨୦୧୯, ଅଗଷ୍ଟ ୪ରେ କମିସନଙ୍କ ବର୍ଦ୍ଧିତ କାର୍ଯ୍ୟକାଳ ପୂରିବାକୁ ଯାଉଥିବା ବେଳେ ଅଗଷ୍ଟ ୨ରେ ସରକାର ବିଜ୍ଞପ୍ତି ପ୍ରକାଶ କରି ୬ ମାସ କାର୍ଯ୍ୟକାଳ ବୃଦ୍ଧି କରିଥିଲେ। ଏହାପରେ ୨୦୧୫, ଫେବ୍ରୁଆରି ୨୦ର ଟର୍ମସ୍ ଅଫ୍ ରେଫେରେନ୍ସରେ ସଂଶୋଧନ କରି ସରକାର ୨୦୧୯, ଡିସେମ୍ବର ୧୧ରେ ଏକ ବିଜ୍ଞପ୍ତି ପ୍ରକାଶ କରିଥିଲେ। ପୂର୍ବରୁ ପ୍ରକୃତ ଜମାକାରୀ (ଇନ୍‌ଭେଷ୍ଟର)ଙ୍କୁ ଚିହ୍ନଟ କରାଯିବ ବୋଲି ଟର୍ମସ୍ ଅଫ୍ ରେଫରେନ୍ସରେ ରହିଥିଲା। କିନ୍ତୁ ୨୦୧୯, ଡିସେମ୍ବର ୧୧ରେ ପ୍ରକାଶିତ ସଂଶୋଧିତ ବିଜ୍ଞପ୍ତିରେ ଜମାକାରୀ ବଦଳରେ କ୍ଷୁଦ୍ର ଜମାକାରୀ (ସ୍ମଲ୍ ଇନଭେଷ୍ଟର) ବୋଲି ଉଲ୍ଲେଖ କରାଯାଇଥିଲା। ଫଳରେ କମିସନ୍ କେବଳ କ୍ଷୁଦ୍ର ଜମାକାରୀଙ୍କୁ ଚିହ୍ନଟ କରି ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବେ ବୋଲି ନିଷ୍ପତ୍ତି ହୋଇଥିଲା। ଏଭଳି ସ୍ଥିତିରେ ଲକ୍ଷାଧିକ ଟଙ୍କା ଚିଟଫଣ୍ଡରେ ଜମାକରି ଥିବା କ୍ଷତିଗ୍ରସ୍ତ ଜମାକାରୀଙ୍କ ଆଶା ମଉଳି ଯାଇଥିଲା। ସରକାର ବିଚାରବିଭାଗୀୟ ତଦନ୍ତ ପ୍ରକ୍ରିୟାରେ ୬.୧୯ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରିବା ପରେ ହଠାତ୍ ଚିଟଫଣ୍ଡ ତଦନ୍ତକୁ ବନ୍ଦ କରି ଦିଆଯାଇଥିଲା। ୨୦୨୦, ଫେବ୍ରୁଆରି ୪ରେ ଚିଟଫଣ୍ଡ ଘଟଣାର ବିଚାରବିଭାଗୀୟ ତଦନ୍ତ କରୁଥିବା ଜଷ୍ଟିସ ମଦନ ମୋହନ ଦାସ କମିସନଙ୍କ କାର୍ଯ୍ୟକାଳ ଶେଷ ହୋଇଥିବା ବେଳେ କମିସନଙ୍କ କାର୍ଯ୍ୟକାଳ ଆଉ ବୃଦ୍ଧି କରାଯାଇ ନଥିଲା। ପରେ ୨୦୨୦, ମାର୍ଚ୍ଚ ୩ରୁ କମିସନ୍ ଅଧକ୍ଷ ଆଉ ବସିବେ ନାହିଁ ବୋଲି କମିସନଙ୍କ କାର୍ଯ୍ୟାଳୟ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା। ଏହାପରେ କମିସନର ଅଧକ୍ଷ ଆଉ କଟକ ବକ୍ସିବଜାର ପୁଲିସ ଲାଇନସ୍ଥିତ କାର୍ଯ୍ୟାଳୟକୁ ଆସି ନଥିଲେ। ଏଭଳି ପରିସ୍ଥିତିରେ ବକ୍ସିବଜାର ପୁଲିସ ଲାଇନସ୍ଥିତ ତଦନ୍ତ କମିସନଙ୍କ କାର୍ଯ୍ୟାଳୟରେ ୨୦୨୦ରୁ ତାଲା ପଡ଼ିଛି। କାର୍ଯ୍ୟାଳୟରେ ନୂଆ ଓ ପୁରୁଣା ସତ୍ୟପାଠ ସବୁ ପଡି ରହିଛି। ଆସବାବପତ୍ର, କମ୍ପ୍ୟୁଟର, ପ୍ରିଣ୍ଟର, ଜେରକ୍ସ ମେସିନ, ଫ୍ୟାକ୍ସ, ଏସି ଓ ଗୁରୁତ୍ୱପୂର୍ଣ୍ଣ ରେକର୍ଡ ରହିଛି। କିନ୍ତୁ ସେ ସବୁର ରକ୍ଷଣାବେକ୍ଷଣ ପାଇଁ କିଛି ବ୍ୟବସ୍ଥା କରାଯାଇ ନାହିଁ। ଚିଟଫଣ୍ଡ ତଦନ୍ତ କମିସନ କାର୍ଯ୍ୟାଳୟର ବାହାର ଫାଟକରେ ଲାଗିଥିବା ବୋର୍ଡ ଆଉ ନାହିଁ। କମିସନ କାର୍ଯ୍ୟାଳୟ ପୋର୍ଟିକୋ ତଳେ ପ୍ରାୟ ଏକ ଟ୍ରକ କାଗଜପତ୍ର, ରେକର୍ଡ, ଫାଇଲ, ବଡ଼ ବଡ଼ ବାକ୍ସ, କେତେକ ଆସବାବପତ୍ର ପଡି ରହିଛି। ଖରା ବର୍ଷା ଖାଇ ବହୁ କାଗଜପତ୍ର ନଷ୍ଟ ହୋଇ ଗଲାଣି। କେତେକ କାଗଜପତ୍ର ମାଟି ହୋଇଯାଇଥିବା ଦେଖିବାକୁ ମିଳିଛି।

## ଜଳବାୟୁ ପରିବର୍ତ୍ତନ ସମ୍ପର୍କୀୟ ଆଲୋଚନା କାର୍ଯ୍ୟକ୍ରମ

ଧର୍ମଶାଳା, ୦୯/୦୭ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ମୁଗପାଳ ଉଚ୍ଚ ବିଦ୍ୟାଳୟ ପରିସରରେ ଗ୍ରାମ୍ୟ ସେବକ ସଂଗଠନ ପକ୍ଷରୁ ବୃକ୍ଷରୋପଣ ଓ ଜଳବାୟୁ ପରିବର୍ତନ ସମ୍ପର୍କୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ପଙ୍କଜୀନ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଶିକ୍ଷକ ଅବିନାଶ ଆୟଚ ଯୋଗ ଦେଇଥିଲେ । 'ପରିବର୍ତିତ ଜଳବାୟୁରେ ବନୀକରଣର ଗୁରୁତ୍ୱ' ଶୀର୍ଷକ ଆଲୋଚନାଚକ୍ର ପ୍ରଥମେ ଚାତ୍ରଛାତ୍ରୀମାନେ ନିଜନିଜର ମତ ରଖିଥିଲେ । ଦ୍ରୁତ ଜନସଂଖ୍ୟା ବୃଦ୍ଧି,ଜୀବନ ଶୈଳୀର ପରିବର୍ତନ, ବିପଥଗାମୀ ମନୁଷ୍ୟର କାର୍ଯ୍ୟକଳାପ ହେତୁ ବିଶ୍ୱତାପାୟନ, ଜଳବାୟୁ ପରିବର୍ତନ ଭଳି ସମସ୍ୟା ଜୀବଜଗତ ପାଇଁ ଆହ୍ୱାନ ରୂପେ ଉର୍ଡା ହୋଇଛି । ପ୍ରତିକାର ସ୍ୱରୂପ ଜନସଚେତନତା ସୃଷ୍ଟି ସହ ଜଙ୍ଗଲ ପାହାଡର ସୁରକ୍ଷା ଏବଂ ବ୍ୟାପକ ବୃକ୍ଷ ରୋପଣ ଏକାନ୍ତ ଜରୁରୀ ବୋଲି ପ୍ରକୃତିବନ୍ଧୁ ମନୋଜ କୁମାର ସାହୁ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମ ଶେଷ ପର୍ଯ୍ୟାୟରେ ଅଂଶ ଗ୍ରହଣ କରିଥିବା ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଇ ସମ୍ମାନୀତ କରାଯାଇଥିଲା । ତତ୍ ସହିତ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଥିଲା । କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ପ୍ରିୟଦର୍ଶନୀ ଦାସ,ସୁଜ୍ଞାନୀ ପଣ୍ଡା,ଗ୍ରାମ୍ୟ ସେବକ ସଂଗଠନର ଉପ-ସଭାପତି ପ୍ରବୀଣ କୁମାର ସାହୁ, ସମ୍ପାଦକ କିରଣ ମହାରଣାଙ୍କ ସମେତ ସତ୍ୟଭାମା ସାହୁ,ଅଭିମନ୍ୟୁ ରାଉତ ଓ କ୍ରିଷ୍ଣା ଦାସ ପ୍ରମୁଖ ଯୋଗ ଦେଇ ସହଯୋଗ କରିଥିଲେ ।

# ନରସିଂହପୁର ସ୍କୁଲରେ ବନ ମହୋତ୍ସବ ଅନୁଷ୍ଠିତ



ବାସୁଦେବପୁର, ୦୯/୦୭ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ନରସିଂହପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବନ ମହୋତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଏହି ଉତ୍ସବରେ ରେ ବୃକ୍ଷ ରୋପଣ କରା ଯାଇଥିଲା । ଏହି ଉତ୍ସବରେ ଡେପୁଟି ରେଞ୍ଜର କପିଳେନ୍ଦ୍ର ପ୍ରଧାନ, ଫରେଷ୍ଟର ସୁଶୀଲ କୁମାର ସିଂ, ପ୍ରଧାନ ଶିକ୍ଷୟତ୍ରୀ ଶାନ୍ତି ଲତା ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ବୃକ୍ଷ ରୋପଣ କରିଥଲେ । ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ମିନତୀ ପଣ୍ଡା, ଆରତୀ ଧର, ଦୟାନିଧି ପଲେଇ, ଭାନୁମତୀ ଶଙ୍ଖୁଆ, ରାଜେଶ ପ୍ରଧାନ, ଆରତି ଲତା ନାୟକ ଓ ଛାତ୍ର ଛାତ୍ରୀ ଯୋଗ ଦେଇଥିଲେ।

# କଇନଗରୀରେ ରଥଯାତ୍ରା

ବସ୍ତା, ୦୯/୦୭ (ନି.ପ୍ର): ବସ୍ତା ବ୍ଲକ ଅର୍ନ୍ତଗତ କଇନଗରୀ ଗ୍ରାମ ପଂଚାୟତସ୍ଥ କଇନଗରୀ ଗ୍ରାମରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ମହାଆନନ୍ଦ, ଉଲ୍ଲାସ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ସକାଳରୁ ଠାକୁରଙ୍କ ବିଭିନ୍ନ ପୂଜା ଓ ରୀତିନୀତି ହେବାପରେ ଅପରାହ୍ନରେ ପହଣ୍ଡି ବିଜେ ଆରମ୍ଭ ହୋଇଥିଲା। ରଥଯାତ୍ରା କମିଟିର ସଭାପତି ଭାସ୍କର ଚନ୍ଦ୍ର ସାନ୍ତରା ଛେରା ପହଁରା କରିଥିଲେ। ପରେ ରଥାରୂଢ଼ ଜଗନ୍ନାଥଙ୍କ ରଥକୁ ଶହ ଶହ ଶ୍ରଦ୍ଧାଳୁ ଟାଣି ଟାଣି ମନ୍ଦିର ଛକଠାରୁ ରଜଛକ, ତୁଳସୀ ଚଉରା ଛକ, ବସନ୍ତୀଛକ ଓ ଶେଷରେ ମାଉସୀ ମା'ଙ୍କ ଘର ପର୍ଯ୍ୟନ୍ତ ନେଇଥିଲେ। ଠାକୁର ପୂଜକ ଅକ୍ଷୟ ସନ୍ଧିବିଗ୍ରହ, ସଂଜୟ ସନ୍ଧିବିଗ୍ରହ, ଜଗନ୍ନାଥ ସନ୍ଧିବିଗ୍ରହ ଓ ବଳରାମ ସନ୍ଧିବିଗ୍ରହ ଠାକୁରଙ୍କ ସେବା ପୂଜା କରିଥିଲେ। ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ଦ୍ୱାରା କଳାକାର ଭତ୍ତା ପାଉଥିବା ବିଶିଷ୍ଟ କୀର୍ତ୍ତନ ଓ ଭଜନ ଗାୟକ ଶ୍ରୀକାନ୍ତ କୁମାର ଜେନାଙ୍କ ସଂଯୋଜନାରେ ରାଖାଲ ମହାନ୍ତି, ଗୌରାଙ୍ଗ ମହାକୁଡ଼ ଓ ପ୍ରଦୀପ ସାମନ୍ତ ଭଜନ ଓ କୀର୍ତ୍ତନ ପରିବେଷଣ କରିଥିଲେ। କମିଟିର ବରିଷ୍ଠ ସଦସ୍ୟ ରାଜେନ୍ଦ୍ର କୁମାର ମହାନ୍ତିଙ୍କ ନେତୃତ୍ୱରେ ଗୋପୀକୃଷ୍ଣ ମହାନ୍ତି, ଅରୁଣ ମାନ୍ନା, ତାରାକାନ୍ତ ସାନ୍ତରା, ଅଶୋକ ମାନ୍ନା, ଶମ୍ଭୁନାଥ ମୈକାପ, ଶଙ୍କର ମହାନ୍ତି, ରାଧୁ ଜେନା, ଜନ୍ମେଜୟ ମହାନ୍ତି, ପ୍ରଭାସ ମାନ୍ନା, ସ୍ୱପ୍ନାବତୀ ମହାନ୍ତି, ଗୀତାଞ୍ଜଳି ମଣ୍ଡଳ, ମୋନାଲିସା ମହାନ୍ତି, ଝୁମାମଣି ମହାକୁଡ଼, ଦୀପିକା ମାନ୍ନା, ରୀନାରାଣି ମହାନ୍ତି, ମଂଜୁଲତା ସନ୍ଧିବିଗ୍ରହ, ନିଳୀମା ସନ୍ଧିବିଗ୍ରହ, ମଞ୍ଜୁଲତା ମୈକାପ ପ୍ରମୁଖ ଶହ ଶହ ଶ୍ରଦ୍ଧାଳୁ ରଥ ଟାଣିଥିଲେ। ଶେଷରେ ସମସ୍ତେ ପ୍ରସାସ ସେବନ କରିଥିଲେ।

# ଟ୍ରାକ୍ଟର ଧକ୍କାରେ କଲେଜ ଛାତ୍ରୀ ମୃତ: ରାସ୍ତା ଅବରୋଧ ଓ ଉତ୍ତେଜନା ଜାରି

ଲଙ୍ଗଳେଶ୍ୱର , ୦୯/୦୭ (ନି.ପ୍ର): ଟ୍ରାକ୍ଟର ଧକ୍କାରେ ଜଣେ ସ୍ଥାନୀୟ କଲେଜ ଛାତ୍ରୀଙ୍କ ମୃତ୍ୟୁ ହେବା ଭଳି ଏକ ଅଭାବନୀୟ ଘଟଣା ଘଟିଛି ମାନ୍ଧାତା ପଞ୍ଚୁପାଲି ରାସ୍ତାର ମହାବଳା ଛକରେ। ଘଟଣାକୁ କେନ୍ଦ୍ର କରି ସେଠାରେ ଉତ୍ତେଜନା ଲାଗି ରହିଥିବା ବେଳେ ସଂପୃକ୍ତ କଲେଜର ଛାତ୍ର ଛାତ୍ରୀମାନେ ରାସ୍ତା ରୋକ୍ କରିଛନ୍ତି ।ପ୍ରକାଶ , ବାଲିଆପାଳ ବ୍ଲକ ଜମ୍ବିରାଇ ପଞ୍ଚାୟତ ବଡ ଖୋଲିଆ ଗ୍ରାମର ରଶ୍ମିତା ପ୍ରଧାନ ଆଜି ସକାଳେ ସ୍ଥାନୀୟ ଦୁର୍ଗା ପ୍ରସନ୍ନ କଲେଜକୁ ନିଜ ସାଇକେଲରେ ଆସୁ ଥିଲେ। ରାସ୍ତାର ଦକ୍ଷିଣ ମହାବଳା ଛକ ନିକଟରେ ପଛ ପଟରୁ ଏକ ନମ୍ବର ବିହୀନ ବାଲି ବୋଝେଇ ଟ୍ରାକ୍ଟର ତାଙ୍କୁ ଧକ୍କା ଦେଇ ଥିଲା। ରଶ୍ମିତା ତଳେ ପଡ଼ି ଯିବାରୁ ଟ୍ରାକ୍ଟର ଚକ ତଳେ ଚାପି ହୋଇ ଯାଇଥିଲେ। ଘଟଣା ସ୍ଥଳରେ ରଶ୍ମିତା ର ପ୍ରାଣ ବାୟୁ ଉଡ଼ି ଯାଇଥିଲା। ସେଠାରେ ସ୍ଥାନୀୟ ଲୋକେ ରୁଣ୍ଡ ହୋଇ ଟ୍ରାକ୍ଟରକୁ ଅଟକାଇବା ସହ ଡ୍ରାଇଭରକୁ କାବୁ କରି ବାନ୍ଧି ଥିଲେ। ଖବର ପାଇ ସ୍ଥାନୀୟ ଦୁର୍ଗା ପ୍ରସନ୍ନ କଲେଜରୁ ଶତାଧିକ ଛାତ୍ର ଛାତ୍ରୀ ସମବେତ ହୋଇ ରାସ୍ତା ଅବରୋଧ କରିଛନ୍ତି। ମୃତ ଛାତ୍ରୀଙ୍କ କ୍ଷତି ପୂରଣ, ଡ୍ରାଇଭର, ଡ୍ରାଇଭର ମାଲିକ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରି ଛାତ୍ର ଛାତ୍ରୀ ମାନେ ଏପରି ପଦକ୍ଷେପ ନେ୍ଇଛନ୍ତି। ଖବର ପାଇ ବାଲିଆପାଳ ଅତିରିକ୍ତ ତହସିଲଦାର ସୁବ୍ରତ କୁମାର ପାତ୍ର, ଥାନା ଅଧିକାରୀ ବ୍ରହ୍ମା ନନ୍ଦ ନାୟକ , ସିଂଲା ଥାନାଧିକାରୀ ଭୂବନ ମୋହନ ସେଠୀ ପ୍ରମୁଖ ଆନ୍ଦୋଳନ ରତ ଛାତ୍ର ଛାତ୍ରୀ ଙ୍କୁ ଯେତେ ବୁଝା ସୁଝା କରି ଥିଲେ ମଧ୍ୟ ଏଇ ଖବର ଲେଖା ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରୀ ରହିଛି।

# କୀର୍ତ୍ତିରାଜି ଅର୍ଥରେ ଠିକାଦାର ପୋଷା: ୪ବର୍ଷ ମଧ୍ୟରେ ମଞ୍ଜୁର ୯୧ କୋଟି



ଯାଜପୁର, ୦୯/୦୭ (ନି.ପ୍ର): ଯାଜପୁର ଜିଲ୍ଲାରେ ରହିଛି ହଜାରହଜାର ବର୍ଷର ଐତିହ୍ୟ। ଏହାର ମୂକସାକ୍ଷୀ ବିଶ୍ୱପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ହୀରକ ତ୍ରିଭୁଜ ଭାବେ ଖ୍ୟାତ ରତ୍ନଗିରି ଓ ଉଦୟଗିରି, ଲାଙ୍ଗୁଡ଼ି ପାହାଡ଼ର ପୁଷ୍ପଗିରି। ଏହିସବୁ ପର୍ଯ୍ୟଟନସ୍ଥଳୀର ବିକାଶ ପାଇଁ ଅର୍ଥ ମଞ୍ଜୁର କରାଯାଇଛି। ଏହି ଅର୍ଥ ବିନିଯୋଗ ମାଧମରେ ବୌଦ୍ଧ ସମେତ ଅନ୍ୟାନ୍ୟ କୀର୍ତ୍ତିରାଜି ଆହୁରି ବିକାଶିତ ହେବାକଥା। ମାତ୍ର, ବାସ୍ତବକ୍ଷେତ୍ରରେ ଏହି ଅର୍ଥ ଖର୍ଚ୍ଚ ହୋଇନାହିଁ କିମ୍ବା ଅନ୍ୟ କ୍ଷେତ୍ରରେ ବିନିଯୋଗ କରାଯାଇଛି। ହସ୍ତଗତ ତଥ୍ୟ ଅନୁସାରେ, ଲଳିତଗିରି, ରତ୍ନଗିରି ଓ ଲାଙ୍ଗୁଡ଼ି ବୌଦ୍ଧସ୍ଥଳୀ ପୁଷ୍ପଗିରିର ବିକାଶ ପାଇଁ ୨୦୧୯-୨୦ ବର୍ଷରେ ୫ କୋଟି, ୨୦୨୦-୨୧ ରେ ଉଦୟଗିରି ଭିତ୍ତିଭୂମିର ବିକାଶ ପାଇଁ ୧ କୋଟି ୭୫ ଲକ୍ଷ ୬୪ ହଜାର ଓ ରତ୍ନଗିରିର ବିକାଶ ପାଇଁ ୪ କୋଟି ୫୭ ଲକ୍ଷ ୮୮ ହଜାର ଟଙ୍କା ମଞ୍ଜୁର ହୋଇଛି। ମୋଟ୍ ୧୧ କୋଟି ୩୩ ଲକ୍ଷ ୫୨ ହଜାର ଟଙ୍କା ମଞ୍ଜୁର ହୋଇଥିବା ତଥ୍ୟରେ ଉଲ୍ଲେଖ ଅଛି। ମାତ୍ର, ଏହି ଅର୍ଥ ଆଦୌ ପର୍ଯ୍ୟଟନର ବିକାଶ ପାଇଁ ଖର୍ଚ୍ଚ କରାଯାଇନାହିଁ। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି, ଖୋଲା ଆକାଶ ତଳେ ପଡ଼ି ରହିଥିବା ହଜାରହଜାର ବର୍ଷର ପଥର କାରୁକାର୍ଯ୍ୟ ମୂର୍ତ୍ତି। ଏହିସବୁ ମୂର୍ତ୍ତି ନଷ୍ଟହେବାକୁ ବସିଲାଣି। ସେଥିମଧ୍ୟରୁ ଅନେକ ବି ମାଟିତଳେ ପୋତି ହୋଇଯାଇଛି। ଯାହାଫଳରେ, ଏହି ମଞ୍ଜୁର ଅର୍ଥ କେଉଁଠି ବିନିଯୋଗ ହୋଇଛି, ତାହାକୁ ନେଇ ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅଭିଯୋଗ ହେଉଛି, ଏହି ଅର୍ଥ ବୌଦ୍ଧକୀର୍ତ୍ତିର ବିକାଶ ଅପେକ୍ଷା ବଙ୍ଗଳା ତିଆରିରେ ଖର୍ଚ୍ଚ କରାଯାଇଛି। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି, ବାଲିଚନ୍ଦ୍ରପୁର ନିକଟରେ ଥିବା ପାନ୍ଥନିବାସ। କୀର୍ତ୍ତିରାଜିର ସୁରକ୍ଷା ଓ ବିକାଶ ଉପରେ ଗୁରୁତ୍ୱ ନଦେଇ ଏହି ପାନ୍ଥନିବାସ ନିର୍ମାଣ କରାଯାଇଥିବା ବେଳେ ଏହା ଏବେ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ସେହିପରି, ଠିକାଦାରଙ୍କ ସ୍ୱାର୍ଥରେ ଉଦୟଗିରି ଓ ରତ୍ନଗିରି ପାହାଡ଼ର କିଛି ଦୂରରେ ଥିବା ବଙ୍ଗଳା ମରାମତି ନାମରେ କୋଟିକୋଟି ଟଙ୍କା ବ୍ୟୟ କରାଯାଇଛି। ଅତି ନିମ୍ନମାନର କାମ ହେତୁ ବର୍ଷକ ମଧ୍ୟରେ ତାହା ଭାଙ୍ଗିଯିବାକୁ ବସିଲାଣି। ଏହିପରି ଭାବେ ଠିକାଦାରଙ୍କ ସ୍ୱାର୍ଥରେ ୪ବର୍ଷ ମଧ୍ୟରେ ସମୁଦାୟ ୯୧ କୋଟି ୪ ଲକ୍ଷ ୬୨ ହଜାର ଟଙ୍କା ଖର୍ଚ୍ଚ କରାଯାଇଥିବା କୁହାଯାଉଛି। ଜିଲ୍ଲାରେ ୧୯ ଟି ପର୍ଯ୍ୟଟନସ୍ଥଳୀ ରହିଛି। ଏସବୁ ସ୍ଥାନର ଭିତ୍ତିଭୂମି ବିକାଶ ତଥା ବଙ୍ଗଳା ଓ ଅନ୍ୟାନ୍ୟ କାମ ପାଇଁ କୋଟିକୋଟି ଟଙ୍କା ପର୍ଯ୍ୟଟନ ବିଭାଗ ମଞ୍ଜୁର କରିଛି। ଯାଜପୁର ବରାହ ପୀଠରେ ଭଗବାନ ଶିବଙ୍କର ମୂର୍ତ୍ତି ପାଇଁ ୨୦୧୯-୨୦ ରେ ୨ କୋଟି ଟଙ୍କା ଓ ୨୦୨୦-୨୧ ରେ ୫ କୋଟି ଟଙ୍କା ମଞ୍ଜୁର ହୋଇଛି। ସେହିପରି କୁସୁମାରେ ୨୦୧୯-୨୦ ଆର୍ଥିକ ବର୍ଷରେ ଭାସମାନ ଝରଣା ପାଇଁ ୬ କୋଟି ୬୯ ଲକ୍ଷ ୧୭ ହଜାର ଟଙ୍କା ମଞ୍ଜୁର ହୋଇଥିଲା। ବହୁଦିନ ହେଲାଣି ତାହା ଖରାପ ହୋଇପଡ଼ିଛି। ଧର୍ମଶାଳା ବ୍ଲକ୍‌ର କଣ୍ଟିଗଡ଼ିଆ ବଡ଼ପୋଖରୀ ପୁନରୁଦ୍ଧାର ପାଇଁ ୩ ଟି ଆର୍ଥିକ ବର୍ଷରେ ୧୦ କୋଟି ମଞ୍ଜୁର ହୋଇଛି। ମାତ୍ର, ପର୍ଯ୍ୟଟନସ୍ଥଳୀଗୁଡ଼ିକୁ ଅଣଦେଖା କରି ଅନୁଦାନର ସିଂହଭାଗ ଅର୍ଥ ବଙ୍ଗଳା ନିର୍ମାଣ, ପୋଖରୀରେ ଫାଉଣ୍ଟେନ ବା କୃତ୍ରିମ ଝରଣା ନିର୍ମାଣ, ପୋଖରୀ ଖନନରେ ବ୍ୟୟ କରାଯାଇଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି ହୋଇଛି।

## ଦି ବେଷ୍ଟ ଆବାସିକ ଅଧ୍ୟୟନ କେନ୍ଦ୍ରରେ ଅଭିଭାବକ ବିଦ୍ୟାର୍ଥୀ ସମାବେଶ

କେନ୍ଦ୍ରାପଡ଼ା, ୦୯/୦୭ (ନି.ପ୍ର): କେନ୍ଦ୍ରାପଡା ସହର ତିନିମୁହାଣୀ ସ୍ଥିତ "ଦି ବେଷ୍ଟ" ଆବାସିକ ଅଧ୍ୟୟନ କେନ୍ଦ୍ରରେ ଅଭିଭାବକ ବିଦ୍ୟାର୍ଥୀ ସମାବେଶ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଓ ଅଭିଭାବକ ମାନେ ଉପସ୍ଥିତ ରହି ଅଧ୍ୟୟନ କେନ୍ଦ୍ରର ଶିକ୍ଷାଦାନ ପଦ୍ଧତି, ଆବାସ, ଭୋଜନ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ସଂପର୍କରେ ଆଲୋଚନା କରିବା ସହ ଏଥିରେ ଅଧିକ ଉନ୍ନତି ଆଣିବା ପାଇଁ ବିଭିନ୍ନ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ । ତେବେ ଉପସ୍ଥିତ ଥିବା ଅନୁଷ୍ଠାନ ର ପରିଚାଳକମାନେ ଏହି ପ୍ରସ୍ତାବ ଗୁଡିକୁ କାର୍ଯ୍ୟକାରୀ କରିବେ ବୋଲି ପ୍ରତିଶୃତି ଦେଇଥିଲେ । ଶୈକ୍ଷିକ ବିଭାଗ ପକ୍ଷରୁ ବବରିଷ୍ଠ ପ୍ରାଧ୍ୟାପକ ପ୍ରଫେସର ନିତ୍ୟାନନ୍ଦ ଦାସଙ୍କ ସମେତ ଅନୁଷ୍ଠାନର ଚେୟାରମ୍ୟାନ କିଶୋର କୁମାର ପଣ୍ଡା, ପରିଚାଳନା ନିର୍ଦ୍ଦେଶକ ଦିପ୍ତିରଂଜନ ଜେନା, ମୁଖ୍ୟ ସହାୟକ ଭରତ ଚନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ବାସୁଦେବପୁର ବ୍ଲକ୍‌ରେ ମିଳିତ ଜନଶୁଣାଣି ଶିବିର: ୧୩୨ ଅଭିଯୋଗ ଆଗତ

ଭଦ୍ରକ, ୦୯/୦୭ (ନି.ପ୍ର): ଜୁଲାଇ ୮ ତାରିଖ ସୋମବାର ରଥଯାତ୍ରା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ଛୁଟି ଦିବସ ଘୋଷଣା କରାଯାଇଥିବାରୁ ସୋମବାରରେ ହେଉଥିବା ଜିଲ୍ଲାପାଳ ଓ ଏସ୍.ପି.ଙ୍କ ଯୁଗ୍ମ ଜନାଭିଯୋଗ ଶୁଣାଣି ଶିବିର ଜୁଲାଇ ୯ ତାରିଖ ମଙ୍ଗଳବାର ଦିନ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା କାର୍ଯ୍ୟାଳୟ ଦ୍ୱାରା ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ବାସୁଦେବପୁର ବ୍ଲକ୍‌ରେ ଏହି ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଏସ୍.ପି. ବରୁଣ ଗୁଣ୍ଟୁପାଲ୍ଲି ଏହି ଶିବିରରେ ଯୋଗଦେଇ ସମୁଦାୟ ୧୩୨ ଟି ଅଭିଯୋଗ ଶୁଣିଥିଲେ। ସେଥିମଧ୍ୟରେ ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ୧୧୩ ଟି ଓ ସାମୂହିକ ସମସ୍ୟା ଭିତ୍ତିକ ୧୯ ଟି ଅଭିଯୋଗ ଥିଲା। ରେଡ଼କ୍ରସ୍ ସମ୍ବନ୍ଧୀୟ ଦୁଇଜଣ ଆବେଦନକାରୀଙ୍କ ମଧ୍ୟରେ ନନ୍ଦପୁରର ସାବିତ୍ରୀ ନାୟକଙ୍କୁ ଆକସ୍ମିକ ଦୁର୍ଘଟଣା ଜନିତ ସରକାରୀ ସହାୟତା ବାବଦରେ ୧୫ ହଜାର ଟଙ୍କା, ବାସୁଦେବପୁର ର ମୋନାଲିସା ମହାନ୍ତିଙ୍କୁ ତାଙ୍କ ସ୍ୱାମୀଙ୍କର ଅନ୍ତେଷ୍ଟିକ୍ରୀୟା କାର୍ଯ୍ୟପାଇଁ ସହାୟତା ବାବଦ ୧୫ ହଜାର ଟଙ୍କା ସମୁଦାୟ ୩୦ ହଜାର ଟଙ୍କା ରେଡ଼କ୍ରସ ପାଣ୍ଠିରୁ ପ୍ରଦାନ କରାଯିବା ପାଇଁ ଜିଲ୍ଲାପାଳ ମଞ୍ଜୁର କରିଛନ୍ତି। ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ, ଏ.ସି.ଡ଼ି.ଓ କୁଶଳ ଚନ୍ଦ୍ର ନାୟକ, ଉପଜିଲ୍ଲାପାଳ ମନୋଜ ପାତ୍ର, ବାସୁଦେବପୁର ବ୍ଲକ୍ ଅଧକ୍ଷ ନଗେନ୍ଦ୍ର ବିଶ୍ୱାଳ ଏବଂ ସଂପୃକ୍ତ ବିଭାଗୀୟ ଡାକ୍ତର ଏହି ଶିବିରରେ ଯୋଗଦେଇ ଶୁଣାଣି କାର୍ଯ୍ୟରେ ଜିଲ୍ଲାପାଳଙ୍କୁ ସହଯୋଗ କରିଥିଲେ। ବାସୁଦେବପୁର ବି.ଡ଼ି.ଓ. ଏବଂ ତହସିଲଦାର ସୌଭାଗ୍ୟ ପଣ୍ଡା ଏହି ଶିବିର ଆୟୋଜନ ଓ ପରିଚାଳନାରେ ଆନୁଷଙ୍ଗିକ ସହଯୋଗ କରିଥିଲେ। ଜିଲ୍ଲା ଓ ଉକ୍ତ ବ୍ଲକ୍ ସ୍ତରୀୟ ଅଧିକାରୀମାନେ ଏହି ଶିବିରରେ ଉପସ୍ଥିତ ରହି ଆବଶ୍ୟକ ମତେ ଜିଲ୍ଲାପାଳଙ୍କ ଠାରେ ତଥ୍ୟ ଉପସ୍ଥାପନ କରିଥିଲେ।

# ରେଳ ଷ୍ଟେସନରେ ନାହିଁ ଶୌଚଳାୟ ବ୍ୟବସ୍ଥା

## ସମାଜ କଲ୍ୟାଣ ବିକାଶ ପରିଷଦର ଡିଆର୍‌ଏମ୍‌ଙ୍କ ସହ ଆଲୋଚନା : ୭ ଦିନରେ ସମାଧାନ ପ୍ରତିଶୃତି

ଜଳେଶ୍ୱର ୯/୭ (ନିପ୍ର) : ଦୀର୍ଘ ୩ ମାସ ଧରି ଜଳେଶ୍ୱର ରେଳଷ୍ଟେସନ ପରିସରରେ ଶୌଚାଳୟର ବ୍ୟବସ୍ଥା ନ ଥିବାରୁ ଜନସାଧାରଣ ହଇରାଣ, ହରକତ ହେଉଛନ୍ତି । ଆଜି ଏ ସଂପର୍କରେ ସମାଜ କଲ୍ୟାଣ ବିକାଶ ପରିଷଦ ପକ୍ଷରୁ ଡିଆର୍‌ଏମ୍‌ଙ୍କ ସହିତ ଫୋନ ଯୋଗେ ଆଲୋଚନା କଲାବେଳେ ୭ ଦିନ ମଧ୍ୟରେ ସମାଧାନ ହେବ ବୋଲି ପ୍ରତିଶୃତି ମିଳିଥିବା କୁହାଯାଇଛି । ଜଳେଶ୍ୱର ରେଳ ଷ୍ଟେସନର ୪ଟି ପ୍ଲାଟଫର୍ମ ଥିବା ବେଳେ କୌଣସିଥିରେ ମହିଳା ଓ ପୁରୁଷ ଯାତ୍ରୀଙ୍କ ଲାଗି ଶୌଚାଳୟର ସୁବିଧା ନାହିଁ । ୧ନଂ ପ୍ଲାଟଫର୍ମରେ ସସୁଲଭ ଶୌଚାଳୟ ପୂର୍ବରୁ ଥିବା ବେଳେ ଏବେ ତାହା ଅଚଳ ହୋଇଛି । ଏବଂ ସୁଲଭ ଶୌଚାଳୟର କର୍ମଚାରୀ ଏଠାରୁ ଚାଲି ଯାଇଛନ୍ତି । ୨ନଂ ଓ ୩ନଂ ପ୍ଲାଟଫର୍ମର ଦକ୍ଷିଣପଟ ଛୋଟ ଶୌଚାଳୟ ଥିଲେ ମଧ୍ୟ ତାହା କାର୍ଯ୍ୟକରୁନାହିଁ । ୪ନଂ ପ୍ଲାଟଫର୍ମରୁ ଜଳେଶ୍ୱର-ହାୱଡ଼ା ଓ ଜଳେଶ୍ୱର-ପୁରୀ ୨ଟି ମେମୋ ପ୍ରତିଦିନ ଛାଡୁଥିବା ବେଳେ ସେଠାରେ କୌଣସି ସୁବିଧା ସୁଯୋଗ ନାହିଁ । ଏ ସଂପର୍କରେ ୨ ମାସ ତଳେ ରେଳମନ୍ତ୍ରୀ, ଡିଆର୍‌ଏମ୍, ଜି.ଏମ୍‌ଙ୍କ ନିକଟକୁ ଟୁଇଟ୍ ଯୋଗେ ଅଭିଯୋଗ ହୋଇଥିଲେ ମଧ୍ୟ ରେଳ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମରାମତିର ବ୍ୟବସ୍ଥା ସଂପର୍କରେ ସୂଚନା ଦିଆଯାଇଥିଲା । ଶୌଚାଳୟର ବ୍ୟବସ୍ଥା ନ ଥିବାରୁ ମହିଳା ଯାତ୍ରୀ ନାହିଁନଥିବା ଅସୁବିଧା ଭୋଗୁଛନ୍ତି । ଷ୍ଟେସନ ବାହାରାପଟେ କୋଲଫିଲ୍ଡର ଶୌଚାଳୟ ନୂତନଭାବେ ପ୍ରତିଷ୍ଠା ହୋଇଥିଲେ ମଧ୍ୟ ତାହା ଜନସାଧାରଣଙ୍କ କାର୍ଯ୍ୟରେ ଆସୁନାହିଁ । ଶୌଚାଳୟ ବ୍ୟତିତ ଅମୃତଭାରତ ଯୋଜନାରେ କେତେକ କାର୍ଯ୍ୟ ହୋଇଥିବା ବେଳେ ଏବେ ତାହା ଭଂଗିରୋଜି ଗଲାଣି । କାନ୍ଥରୁ ଟାଇଲ ଖସିଯିବା, ଷ୍ଟିଲ ବାଡ ଭାଂଗିଯିବା, ପାର୍କ କାର୍ଯ୍ୟ ଆଦୌ ଆରମ୍ଭ ନ ହେବା, ରାସ୍ତାରେ ପାଣିର ସ୍ରୋତ ସଦାବେଳେ ବହିବା, ପ୍ଲାଟଫର୍ମରେ ଆର୍‌ପିଏଫ ଓ ଜିଆର୍‌ପିର କାର୍ଯ୍ୟାଳୟ ନ ଥିବା, ପ୍ରଥମଶ୍ରେଣୀ ପ୍ରତିକ୍ଷାଳୟ ଓ ଶୟନାଗାର ଯାତ୍ରୀଙ୍କ ଲାଗି କାର୍ଯ୍ୟକ୍ଷମ ନ ହେବା, ରେଳ ଡିସ୍‌ପ୍ଲେ ବୋଡ ଓ ବଗି ଇଣ୍ଡିକେଟର ନ ରହିବା ସହିତ ୪ନଂ ପ୍ଲାଟଫର୍ମକୁ ଲିଫ୍ଟ ବ୍ୟବସ୍ଥା ନ ରହିବା, ୪ନଂ ପ୍ଲାଟଫର୍ମରେ ବୁକିଂ କାଉଣ୍ଟର ନ ରହିବା ଇତ୍ୟାଦି ଯୋଗୁଁ ଯାତ୍ରୀମାନେ ମୌଳିକ ସୁବିଧା ସୁଯୋଗରୁ ବଂଚିତ ହେଉଛନ୍ତି । ଆଜି ଏ ସଂପର୍କରେ ସମାଜ କଲ୍ୟାଣ ବିକାଶ ପରିଷଦ ପକ୍ଷରୁ ଏକ ଜରୁରୀ ବୈଠକ ଆହୁତ ହୋଇଥିଲା । କାଳିମନ୍ଦିର ସମ୍ମିଳନୀ କକ୍ଷରେ ଆୟୋଜିତ ସଭାରେ କାର୍ଯ୍ୟକାରୀ ସଭାପତି ଡ. ରମାକାନ୍ତ ଭଂଜଙ୍କ ସଭାପତିତ୍ୱରେ ରେଳ ଷ୍ଟେସନର ସୁବିଧା ସୁଯୋଗ ସଂପର୍କରେ ଆଲୋଚନା ହୋଇଥିଲା । ସଂପାଦକ ଆଇନ୍‌ଜିବୀ ରାମଚନ୍ଦ୍ର ଜେନା, ବଣିକ ସଂଘ ସଭାପତି ସୁଧିର ମହାନ୍ତି, କମଳା ଚକ୍ରବର୍ତ୍ତୀ ଆଲୋଚନାରେ ଭାଗ ନେଇ ଷ୍ଟେସନ ପରିସରରେ ଶୌଚାଳୟ ନ ଥିବାରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ । ଏହି ଆଲୋଚନାରେ ଡ. ଅଜିତ୍ ମହାନ୍ତି, ଶରତ ପରିଡା, ଜିତାରାମ ଦେ, ଇଂ ରାମଚନ୍ଦ୍ର ସାହୁ, ସତ୍ୟନାରାୟଣ ଦାସ, ଦୁର୍ଗାଶଂକର ଗିରି, ଅବନୀ ଚାନ୍ଦ ପ୍ରମୁଖ ଆଲୋଂଚନା କରିବାପରେ ଖଡଗପୁର ଡିଆର୍‌ଏମ୍ କେଆର୍ ଚୌଧୁରୀଙ୍କ ସହ ଫୋନ ଯୋଗ ଆଲୋଚନା କରିଥିଲେ । ପୂର୍ବରୁ ଲିଖିତଭାବେ ଦିଆଯାଇଥିବା ସଂପର୍କରେ କହିବାରୁ ଆସନ୍ତା ୭ ଦିନ ମଧ୍ୟରେ ସମାଧାନ ହେବ ବୋଲି ପ୍ରତିଶୃତି ଦେଇଛନ୍ତି । ଏପରିଏକ ସ୍ପର୍ଷକାତର ସମସ୍ୟାର ସମାଧାନ ନ ହେଲେ ଯାତ୍ରୀମାନେ ଆନ୍ଦୋଳନ କରିବେ ବୋଲି ସୂଚନା ଦିଆଯାଇଛି ।

# ‘ଗୁଣ୍ଡିଚା ନାମ ଦେବେଶ ଭକ୍ତି ମୁକ୍ତି ଫଳପ୍ରଦା, ତସ୍ମୈକିଳ ବରଞ୍ଚାସୌ ଦଦୌ ସଃ ପୁରୁଷୋତ୍ତମଃ’





ଯଶସ୍ୱିନୀ ପଟ୍ଟନାୟକ

ଶ୍ରୀମନ୍ଦିରର ଉତ୍ତରକୁ ଦୁଇ କିମି ଦୂରରେ ଅବସ୍ଥିତ ଗୁଣ୍ଡିଚା ମନ୍ଦିର। ମୁଖ୍ୟ ମନ୍ଦିରଟିର ଉଚ୍ଚତା ପ୍ରାୟ ୭୫ ଫୁଟ। ମୁଖ୍ୟମନ୍ଦିର ସହିତ ଜଗମୋହନ, ନାଟ ମନ୍ଦିର, ଭୋଗମଣ୍ଡପ ସଂଯୁକ୍ତ ହୋଇରହିଛି। ଗୁଣ୍ଡିଚା ମନ୍ଦିରର ଏହି ଜଗମୋହନଟି ଗଜପତି ରାଜା ଦ୍ୱିତୀୟ ରାମଚନ୍ଦ୍ର ଦେବଙ୍କ ଚତୁର୍ଥ ଅଙ୍କରେ ୧୭୨୮ ଖ୍ରୀଷ୍ଟାବ୍ଦରେ ନିର୍ମିତ ହୋଇଥିଲା। ମନ୍ଦିରର ଚତୁଃପାର୍ଶ୍ୱରେ ଶ୍ରୀମନ୍ଦିରର କୂର୍ମବେଢ଼ା ଭଳି ଗୋଟିଏ ପ୍ରାଚୀର ପରିଶୋଭିତ। ଏହାର ଦକ୍ଷିଣ ଦିଗକୁ ଛାଡ଼ି ଅନ୍ୟ ତିନି ଦିଗରେ ତିନୋଟି ଦ୍ୱାର ରହିଛି। ସିଂହଦ୍ୱାର ସନ୍ନିକଟ ଦ୍ୱାରଟି ‘ହରାବତୀ’ ବୋଲି କୁହାଯାଏ। ସମଗ୍ର ଗୁଣ୍ଡିଚାଘରର ବେଢ଼ାର ଲମ୍ବ ୪୩୦ ଫୁଟ ଓ ପ୍ରସ୍ଥ ୩୨୦ ଫୁଟ। ଚାରିପଟେ ଥିବା ପାଚେରୀର ଉଚ୍ଚତା ୨୦ ଫୁଟ ୫ ଇଞ୍ଚ। ପାଚେରୀର ଦକ୍ଷିଣ ଦିଗକୁ ସମଆକାର ବିଶିଷ୍ଟ ଦ୍ୱାର ରହିଛି। ମନ୍ଦିର ମଧ୍ୟକୁ ପ୍ରବେଶ କରିବା ପାଇଁ ମୁଖ୍ୟ ଦ୍ୱାରକୁ ସିଂହଦ୍ୱାର ଓ ଏହାର ଉପରି ଭାଗରେ ନବଗ୍ରହ ବିରାଜମାନ।

ଗଜପତି କପିଳେନ୍ଦ୍ର ଦେବଙ୍କ ପର୍ଯ୍ୟନ୍ତ ଗୁଣ୍ଡିଚା ଘରର ଗୋଟିଏ ଦ୍ୱାର ଥିଲା। ତା’ପରେ ନିର୍ମାଣ ହେଲା ନାକଚଣାଦ୍ୱାର। ଗୁଣ୍ଡିଚା ମନ୍ଦିର ପାଚେରୀର ଉତ୍ତର-ପଶ୍ଚିମ ଭାଗକୁ ନୃସିଂହ ମନ୍ଦିର ପାର୍ଶ୍ୱରେ ଗୋଟିଏ ସଂକୀର୍ଣ୍ଣଦ୍ୱାର ଅଛି ତାକୁ ଉତ୍ତର ଦ୍ୱାର ବୋଲି କହନ୍ତି। ମଧ୍ୟବର୍ତ୍ତୀ ପାଚେରୀର ପୂର୍ବପଟେ ରହିଅଛି ମୁକ୍ତିମଣ୍ଡପ। ମନ୍ଦିରର ଦୁଇ ପାର୍ଶ୍ୱରେ ଅଛି ରୋଷଶାଳା। ଗୁଣ୍ଡିଚା ମଣ୍ଡପରେ ମହାପ୍ରଭୁଙ୍କ ରହଣି କାଳରେ ପ୍ରତିଦିନ ଦିଅଁଙ୍କ ଯେଉଁ ସ୍ନାନ ହୁଏ ତାହାକୁ ଯାତ୍ରାଙ୍ଗୀ ମହାସ୍ନାନ କୁହାଯାଏ।

ପତିମହାପାତ୍ର, ଦଇତାପତି, ଗରାବଡ୍ଡୁ, ପାଳିଆମେକାପ, ଘଟୁଆରୀ, କୋଠସୁଆଁସିଆ, ସୁଧସୁଆର, ପାଳିଆପୂଜାପଣ୍ଡା ଓ ପାଳିଆପୁଷ୍ପାଳକ ଆଦି ସେବାୟତଙ୍କ ଦ୍ୱାରା ଦିଅଁଙ୍କର ନଅଦିନ ଧରି ଶ୍ରୀଗୁଣ୍ଡିଚା ବାଡ଼ି ନୀତି ଅନୁଷ୍ଠିତ ହୁଏ। ଦିଅଁ ରଥରୁ ବିଜେ ହେଲାପରେ ଚାଙ୍ଗଡ଼ାମେକାପ ଚକା ଅପସରମାନ ନେଇ ଚାରମାଳ ଉପରେ ରଖିଥାଏ। ଠାକୁର ସିଂହାସନରେ ବିଜେ ହେବାପରେ ଦଇତାପତିମାନେ ରୁନ୍ଧା ବଢ଼ାନ୍ତି। ତା’ପରେ ପତିମହାପାତ୍ରେ ଗରାବଡ୍ଡୁ ଠାରୁ ହାତୁଆଣିନେଇ ଘଟୁଆରୀ ଦେଇଥିବା ଚନ୍ଦନ ତିନୋଟି ରୂପା ପିଙ୍ଗଣରେ ପାଳିଆ ମେକାପଠାରୁ ନେଇ ତିନିବାଡ଼ରେ ସର୍ବାଙ୍ଗଲାଗି କରନ୍ତି ଓ ବନ୍ଦାପନାକରି ଶ୍ରୀମୁଖ ଖଣ୍ଡୁଆ ପକାଇ ବାହାରକୁ ଚାଲି ଆସନ୍ତି। କୋଠସୁଆଁସିଆମାନେ ଭିତରକୁ ଯାଇ ସିଂହାସନ ପହଣ୍ଡି ସମୟରେ ପଡ଼ିଥିବା ଚାର ଫିଟାନ୍ତି। ଚାର ଫିଟିବା ପରେ ଦଇତାପତିମାନେ ସୁଦର୍ଶନଙ୍କୁ ସିଂହାସନ ଉପରକୁ ବିଜେ କରାନ୍ତି। ଭିତର ଧୋପଖାଳ କରି ଚୂନପାଣି ପଡ଼ିବା ପରେ ସୁଧସୁଆର ଗନ୍ଧଣ ମେକାପ ଘରଠାରୁ ମହାସ୍ନାନ ସାମଗ୍ରୀ ଆଣି ତିନବାଡ଼ ମହାସ୍ନାନ ପୂଜାଠା କରିବାପରେ ତିନିଜଣ ପାଳିଆ ପୂଜାପଣ୍ଡା ମହାସ୍ନାନ ବଢ଼ାନ୍ତି। ଏହାପରେ ତିନିଜଣ ପାଳିଆ ପୁଷ୍ପାଳକ ହାତୁଆଣି ନେଇ ମଇଲମ ଓ ମାଳଫୁଲ ଲାଗି କରନ୍ତି। ଏତେବେଳକୁ ପ୍ରାୟ ଭୋର ସମୟ ହୋଇଯାଇଥାଏ। ମଙ୍ଗଳଆଳତି ଆଦି ଦୈନନ୍ଦିନନୀତି କ୍ରମାନ୍ୱୟରେ ହୁଏ। କିନ୍ତୁ ଗୁଣ୍ଡିଚା ଠାରୁ ବାହୁଡ଼ା ଯାଏ ଭୋଗମଣ୍ଡପ ପରେ ଦୈନନ୍ଦିନ ମହାସ୍ନାନ, ସର୍ବାଙ୍ଗ ଓ ନୂଆ ଲୁଗା ଲାଗି ହୁଅନ୍ତି। ଗୁଣ୍ଡିଚା ଘରେ ବଲ୍ଲଭସର୍ପା ମଣୋହି ପୂଜା ହୁଏ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନୈବେଦ୍ୟ ପ୍ରସାଦ ମାଆ ବିମଳାଙ୍କୁ ଲାଗି ବା ସମର୍ପଣ ହେବା ପରେ ମହାପ୍ରସାଦ ହୁଏ।

ଗୁଣ୍ଡିଚା ମଣ୍ଡପ ଠାରେ ଇନ୍ଦ୍ରଦ୍ୟୁମ୍ନ ବେଦୀ ନିର୍ମାଣ କରି ଅଶ୍ୱମେଧ ଯଜ୍ଞ କରିଥିଲେ ବୋଲି ଏହାକୁ ଯଜ୍ଞବେଦୀ ବା ମହାବେଦୀ କୁହାଯାଏ। ଏହିଠାରେ ଠାକୁରମାନଙ୍କର ପ୍ରତିମା ନିର୍ମାଣ କରାଯାଇଥିଲା। ତେଣୁ ଏହି ସ୍ଥାନକୁ ଦାରୁବ୍ରହ୍ମଙ୍କ ଜନ୍ମସ୍ଥାନ ବା ଜନକପୁରୀ ବା ଜଳକାପୁରୀ କୁହାଯାଏ। ଏଠାରେ ଯଜ୍ଞ ହୋଇଥିବାରୁ ଏହାର ଅନ୍ୟ ନାମ ଯଜ୍ଞମଣ୍ଡପ ମହାବେଦୀ ବା ଆଡ଼ପମଣ୍ଡପ। ଏହି ସ୍ଥାନରେ ଇନ୍ଦ୍ରଦ୍ୟୁମ୍ନ ଆଦି ନୃସିଂହଙ୍କ ପ୍ରତିଷ୍ଠା ପୂର୍ବକ ଯଜ୍ଞାନୁଷ୍ଠାନ କରିଥିଲେ ବୋଲି ଗୁଣ୍ଡିଚା ମଣ୍ଡପ ସନ୍ନିକଟ ଦକ୍ଷିଣ ଭାଗରେ ନୃସିଂହ ମନ୍ଦିର ରହିଛି। ତେଣୁ ଏହାକୁ ନୃସିଂହକ୍ଷେତ୍ର କୁହାଯାଏ। ଅତଏବ ଏ ସ୍ଥାନକୁ ଜନକପୁରୀ, ଆଡ଼ପମଣ୍ଡପ, ଯଜ୍ଞମଣ୍ଡପ, ଗୁଣ୍ଡିଚାମଣ୍ଡପ ବା ମହାବେଦୀ ବୋଲି ମଧ୍ୟ କହନ୍ତି। ଏ ସ୍ଥାନରେ ପ୍ରଭୁଙ୍କ ଦର୍ଶନ ମୋକ୍ଷପ୍ରଦ। ରଥଯାତ୍ରାର ଅବଧି ଅର୍ଥାତ୍ ଗୁଣ୍ଡିଚା ଠାରୁ ବାହୁଡ଼ା ପର୍ଯ୍ୟନ୍ତ ନ ଦିନ ହୋଇଥିବାରୁ ଏହାକୁ ନବଦିନ ଯାତ୍ରା ବା ନବଦିନାତ୍ମିକା ଯାତ୍ରା କୁହାଯାଏ। ରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ଭଗବାନଙ୍କ ଏହି ନ ଦିନ ଯାତ୍ରା ସମ୍ପର୍କରେ କହିଛନ୍ତି ଯେ ରାଜାଙ୍କ ପ୍ରତିଷ୍ଠିତ ଶ୍ରୀମନ୍ଦିର ତାଙ୍କର ଯେପରି ପ୍ରୀତିପ୍ରଦ, ଅଶ୍ୱମେଧ ଯଜ୍ଞର ମହାବେଦୀ ନୃସିଂହକ୍ଷେତ୍ର ମଧ୍ୟ ତଦନୁରୂପ ପ୍ରୀତିପ୍ରଦ। ଏହିଠାରେ ସେ ସାତଦିନ ରହିବା ଲାଗି ରଥଯାତ୍ରାର ବିଧାନ କରାଇଛନ୍ତି। ଗୁଣ୍ଡିଚା ମଣ୍ଡପ ଅବସ୍ଥାନ କାଳରେ ବଡ଼ଦେଉଳର ସମସ୍ତ ନୀତି ଅବିକଳ ପାଳିତ ହୋଇଥାଏ।

ସପ୍ତାହରେ ପ୍ରତିଦିନ ନ ହେଲେ ମଧ୍ୟ ଅନ୍ତତଃ ଗୋଟିଏ ଦିନ ଆଡ଼ପ ମଣ୍ଡପରେ ପ୍ରଭୁ କଳାଶ୍ରୀମୁଖକୁ ଦର୍ଶନ କରିବା ପାଇଁ ଭକ୍ତପ୍ରାଣ ଆକୁଳ ହୁଏ। ସେତେବେଳେ ଗୁଣ୍ଡିଚା ମଣ୍ଡପରେ ଶ୍ରୀଜୀଉଙ୍କ ଦର୍ଶନ ନିମନ୍ତେ ତିନୋଟି କାର୍ଯ୍ୟ ସମ୍ପାଦନ କରାଯାଏ। ଇନ୍ଦ୍ରଦ୍ୟୁମ୍ନ ସରୋବରରେ ସ୍ନାନ, ସ୍ୱୟମ୍ଭୁ ନୀଳକଣ୍ଠଙ୍କ ଅନୁମତି ପ୍ରାର୍ଥନା ଓ ଦକ୍ଷିଣାଭିମୁଖୀ ନରସିଂହଙ୍କୁ ପୂଜା ଅର୍ଚ୍ଚନା କରାହୁଏ। ଇନ୍ଦ୍ରଦ୍ୟୁମ୍ନ ସରୋବରରେ ସ୍ନାନ ସାରି ସ୍ୱୟମ୍ଭୁଙ୍କ ଦର୍ଶନପରେ ଯଜ୍ଞନାଥ ବା ଯଜ୍ଞନୃସିଂହଙ୍କୁ ପୂଜାର୍ଚ୍ଚନା କରନ୍ତି। ତାପରେ ଯାଇ ଗୁଣ୍ଡିଚା ମନ୍ଦିରସ୍ଥ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ଦର୍ଶନ କରାଯାଏ। ତେଣୁ କମ୍ବୁକଟକର ରାଜାଧିରାଜ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଅବସର ବିନୋଦସ୍ଥାନ ଓ ପରିଭ୍ରମଣ ଜନିତ ରାଜଭବନ ହେଉଛି ଗୁଣ୍ଡିଚା ମନ୍ଦିର। ଏହି ଗୁଣ୍ଡିଚା ମନ୍ଦିର ମହାବେଦୀ ଶ୍ରୀକ୍ଷେତ୍ର ଧାମର ଆଉ ଏକ ବିଶିଷ୍ଟ ସ୍ଥାନ। ଗୁଣ୍ଡିଚା ମନ୍ଦିର ନାମକରଣ ସମ୍ପର୍କରେ ବିଭିନ୍ନ ପୁରାଣରେ ଭିନ୍ନ ଭିନ୍ନ କଥାର ଉଲ୍ଲେଖ ରହିଛି। ବ୍ରହ୍ମପୁରାଣରେ ଉଲ୍ଲେଖ ଅଛି, ‘ପୁରୁଷୋତ୍ତମଙ୍କର ଗୁଣ୍ଡିଚା ହେଉଛି ଗତିମୁକ୍ତି-ଫଳପ୍ରଦା’ - ‘ଗୁଣ୍ଡିଚା ନାମ ଦେବେଶ ଭକ୍ତି ମୁକ୍ତି ଫଳପ୍ରଦା, ତସ୍ମୈକିଳ ବରଞ୍ଚାସୌ ଦଦୌ ସଃ ପୁରୁଷୋତ୍ତମଃ।’ କିମ୍ବଦନ୍ତୀ ଅଛି ଯେ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ମହାରାଣୀ ଗୁଣ୍ଡିଚା ଦେବୀଙ୍କ ଅନୁରୋଧକ୍ରମେ ଏହି ଯାତ୍ରା ପ୍ରଚଳିତ ହୋଇଥିଲା। ତେଣୁ ତାଙ୍କ ନାମାନୁସାରେ ଗୁଣ୍ଡିଚାଯାତ୍ରା ରହିଛି। ସେଇଥିପାଇଁ ରାଣୀ ଗୁଣ୍ଡିଚାଙ୍କୁ ଦର୍ଶନ ଦେବା ନିମନ୍ତେ ମହାପ୍ରଭୁ ଜଗନ୍ନାଥ ଆଷାଢ଼ ଶୁକ୍ଳ ଦ୍ୱିତୀୟାରେ ଏଭଳି ଯାତ୍ରା କରିଥାନ୍ତି।

ଅଧକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ,
ସେକ୍ଟର-୮, ସିଡିଏ, କଟକ

# ‘ଅର୍ଦ୍ଧାସନୀ ବା ମାଉସୀ ମା’



ଉମେଶ ଚନ୍ଦ୍ର ପାତ୍ର

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଅବସରରେ ଅନେକ ଆଧାତ୍ମିକ ଶ୍ରଦ୍ଧାଳୁଙ୍କ ଭିତରେ ମହାପ୍ରଭୁଙ୍କ ମାଉସୀ ମାଆଙ୍କୁ ନେଇ ଉତ୍ସୁକତା, ଆବେଗ ରହିବା ସ୍ୱାଭାବିକ। ମହାପ୍ରଭୁ ରଥଯାତ୍ରାରେ ତାଙ୍କ ମାଉସୀ ମାଆଙ୍କ ଘରକୁ ଯାଉଥିବାରୁ ଆଜି ଆମେ ଏହି ପ୍ରସଙ୍ଗ ଉପରେ ସମ୍ୟକ ଆଲୋକପାତ କରୁଛୁ। ପୁରୁଷୋତ୍ତମର ଅଶ୍ୱମେଧ ପୂର୍ଣ୍ଣ ସାତ୍ତ୍ୱିକରୀତିରେ ନୃସିଂହଙ୍କୁ ସ୍ଥାପନକରି କରାଯାଇଥିଲା। ଅର୍ଦ୍ଧଶୋଷଣୀଙ୍କୁ ପ୍ରାପନକ ପ୍ରଦାନ କରାଯାଇଥିଲା। ବର୍ଦ୍ଧନୀଜଳର ଅର୍ଦ୍ଧେକ ଦିଆଯାଉଥିବାରୁ ଅର୍ଦ୍ଧାଶନୀ ବା ମାଉସୀ ମା’ଙ୍କ ବିଷୟରେ ଏଠାରେ କିଛି ଆଲୋଚନା ପ୍ରାସଙ୍ଗିକ ହେବ। ମାଉସୀମା ମନ୍ଦିର ନାମଟି ପୁରୀ ଛାଡ଼ିଦେଲେ ସର୍ବତ୍ର ଗୁଣ୍ଡିଚା ମଣ୍ଡପର ଡାକ ନାମରେ ପରିଚିତ ଓ ବ୍ୟବହୃତ। ଏହି ବିଷୟରେ ଜାଣିବାର କଥା ଯେ ପୁରୀ ରଥ ପଥର ବାମ ଦିଗରେ ଏକ କ୍ଷୁଦ୍ର ପ୍ରାଚୀନ ମନ୍ଦିର ଅଛି। ତାହାର ନାମ ମାଉସୀମା ମନ୍ଦିର। ଆଡ଼ପ ମଣ୍ଡପ ମଧ୍ୟ ବାଜିମେଧ ଯଜ୍ଞର ଯୁପଶକ୍ତି ବୋଲି କୁହାଯାଇପାରେ। ଅର୍ଦ୍ଧାଶନୀ ବା ଗୁଣ୍ଡିଚା ମନ୍ଦିରର ନାମ ମାଉସୀମା ମନ୍ଦିର ନୁହେଁ ବିଶେଷତଃ ପୁରୀରେ। ଏଠାରେ ପ୍ରଶ୍ନ ହେଉଛି ଏକେତ ପ୍ରଭୁ ଜଗନ୍ନାଥ ଅପୌରୁଷେୟ ତତ୍ତ୍ୱର ପ୍ରତୀକ, ଜଗନ୍ନାଥ ବିଗ୍ରହ ରହସ୍ୟର ମୂଳକ ବିଗ୍ରହ ଯାହାଙ୍କର ନାମ ଇନ୍ଦ୍ରନୀଳମୂର୍ତ୍ତି। ସେ ଅପ୍ରାକୃତିକ ଓ ସ୍ୱାଭାବିକ ବିଗ୍ରହ। ଶାଳଗ୍ରାମ, ନର୍ମଦେଶ୍ୱର ମୂର୍ତ୍ତି ଭଳି। ଜଗନ୍ନାଥ କାହାର ପୁତ୍ର ନୁହନ୍ତି କି ଭାଇ ନୁହନ୍ତି, ଯାତାୟାତ ପ୍ରସଙ୍ଗରେ ସେ ପୃଥକ। ଅର୍ଥାତ୍ ଅଯୋନିସମ୍ଭୁତ। ଅଯୋନିସମ୍ଭୁତ ପୁରୁଷୋତ୍ତମ ବହୁପରେ କୃଷ୍ଣବାସୁଦେବ ପୂଜନ ପଦ୍ଧତିରେ ପୂଜିତ ହେଲେ, ପ୍ରଥମେ ସେ ପ୍ରଣବ ନୃସିଂହାଦି ମନ୍ତ୍ରରେ ପୂଜା ହେଉଥିଲେ। ତାଙ୍କର ମାତା ନାହିଁ। ତେବେ ମାଉସୀ ଶବ୍ଦ କିପରି ଆସିଲା? ତେବେ କଅଣ ଏହା ଏକ ଲୋକକଥାର ପ୍ରତୀକ ଉକ୍ତି ବା ଏ ଅହେତୁକ ନାମ ଲୋକକଥାରୁ ଆସିଯାଇଅଛି। ଏଥିପାଇଁ ମାଉସୀମାଙ୍କର ରହସ୍ୟଟି ଆଜିର ଅନୁଚିନ୍ତା। ଏହା ବିଦିତ ଯେ ଶ୍ରୀଜଗନ୍ନାଥ ମନ୍ଦିରରେ ମା ଯୋଗମାୟା, ବିଷ୍ଣୁମାୟା, ସୁଭଦ୍ରିତା କୃଷ୍ଣବଳରାମ ବା ନାରାୟଣ ଆଦିଶେଷଙ୍କ ମଧ୍ୟରେ ବିରାଜିତା। ସେ ଶ୍ରୀକ୍ଷେତ୍ରର ଦେବୀ ଉପାସନାର ପରମାଦେବୀ। ସେ ସର୍ବଦେବୀତତ୍ତ୍ୱର ମୂଳଧାର ସେ ପ୍ରକୃତି ରୂପିଣୀ ଅଟନ୍ତି। ସ୍କନ୍ଦ ପୁରାଣୋକ୍ତ ଉତ୍କଳଖଣ୍ଡରେ ତାହାଙ୍କୁ ଲକ୍ଷ୍ମୀ ଜଗଦମ୍ବିକା ରୂପରେ ଗ୍ରହଣ କରାଯାଇଛି। ‘ଲକ୍ଷ୍ମୀଂ ଲକ୍ଷ୍ମୀଶ-ହୃଦୟପଙ୍କଜସ୍ଥାଂ ପୃଥକସ୍ଥିଂତାମ୍। ବିରାବଜଧାରିଣୀଂ ଦେବୀଂ ଦିବ୍ୟନେପଥ୍ୟ-ଭୂଷଣାମ୍।। ପ୍ରପନ୍ନକଳ୍ପଲତିକାଂ ସର୍ବକ୍ଲଶନାଶିନୀମ।’ ପୁଣି ସ୍କନ୍ଦ ପୁରାଣୋକ୍ତ ଉତ୍କଳଖଣ୍ଡର ୨୧ ଅଧ୍ୟାୟରେ କୁହାଯାଇଛି। ‘ତର୍ୟୋମଧ୍ୟେ ସ୍ଥିତାଂ ଲକ୍ଷ୍ମୀଂ ସୁଭଦ୍ରାଭଦ୍ରରୂପିଣୀମ୍। ସୀତାଂଙ୍କୁକୁମାରୁଣ ଦେହାଂ ସା ସାକ୍ଷାତ୍ ଲକ୍ଷ୍ମୀମିବାପରମ।’ ତେଣୁ ଏଥିରୁ ଜଣାଯାଉଛି ସୁଭଦ୍ରା ସାକ୍ଷାତ ଲୋକମାତା ‘ମା’ ଅଟନ୍ତି। ସର୍ବଲୋକ ଜନନୀରୂପେ ସେ ସଂପୃକ୍ତି ଶାସ୍ତ୍ରମାନଙ୍କରେ ସୁବିଦିତା। ଗୋଟିଏ ପ୍ରସଙ୍ଗରୁ ଜଣାଯାଏ ଯେ ମହାପ୍ରଳୟ କାଳରେ ପୁରୁଷୋତ୍ତମ କ୍ଷେତ୍ରସ୍ଥ ରୋହିଣୀ କୁଣ୍ଡରୁ କାରଣୋଦକ ନିଃସୃତ ହୋଇ ମହାପ୍ରଳୟ ଘଟାଇବା ପରେ ପୁଣି ସେହି କୁଣ୍ଡରେ ଲୀନ ହୋଇଯାଇଥାଏ। ‘ଅତ୍ର ପ୍ରତିଷ୍ଠିତ ବାରି ପ୍ରଳୟେ ଯତ୍ ପ୍ରବର୍ଦ୍ଧତେ। ଅତୈବ ଲୀୟତେ ପଶଚାତତସ୍ମାତନୈହିଣ ସଂଜ୍ଞିତ।।’ ଏହି ଜଳପ୍ରଳୟ ଯୁଗାବର୍ତ୍ତନ କାଳରେ ଘଟିଥାଏ। ଥରେ ପ୍ରଳୟ ପରେ ସେ ଜଳ କୁଣ୍ଡ ମଧ୍ୟରେ ଲୀନ ହେଲାନାହିଁ ତହୁଁ ମା ଲକ୍ଷ୍ମୀ ବିଷ୍ଣୁମାୟା ଯୋଗମାୟାଙ୍କ ଠାରେ ଏମନ୍ତ ଘଟଣା କୁହନ୍ତେ, ଯୋଗମାୟା ସ୍ୱ-ଗାତ୍ରରୁ ଏକ ଶକ୍ତି ଜାତକରି ପ୍ରଳୟୋଦକକୁ ଶୋଷଣ ନିମନ୍ତେ ଆଦେଶ ଦେଲେ। ସୃଷ୍ଟି ଦେବୀ ଅଗସ୍ତି ସମୁଦ୍ର ଜଳକୁ ଚଳୁ କଲାପରି ପ୍ରଳୟୋଦକକୁ ଶୋଷଣ କରିଦେବାରୁ କ୍ଷେତ୍ର ରକ୍ଷା ହେଲା। ଶବରଶ୍ରେଣୀଙ୍କ ନିବାସ ସ୍ଥଳି ଶବର ଦ୍ୱୀପ ରକ୍ଷା ପାଇଲା। ଶବରମାନେ ସେହିଦିନ ଠାରୁ ପଶ୍ଚିମ ଦିଗରୁ ବସତି ଉଠାଇ ଉତ୍ତର ଦିଗରେ ବାସକଲେ ଓ ଉକ୍ତ ଅର୍ଦ୍ଧଶୋଷଣୀଙ୍କୁ ଇଷ୍ଟଦେବୀ ରୂପରେ ପୂଜା କଲେ। ସେ କ୍ଷେତ୍ରର ଆରାଧିତା ଶକ୍ତି ମଧ୍ୟରେ ଅନ୍ୟତମ। ଇନ୍ଦ୍ରନୀଳମଣି ପୁରାଣ ବା ସ୍ଥଳପୁରାଣରେ ରୋହିଣକୁଣ୍ଡ ପ୍ରଶସ୍ତିରେ କୁହାଯାଇଛି। ‘ଯୋଗମାୟାଙ୍ଗସମ୍ଭୁତାଂ ପ୍ରକୟୋଦଳ ଶୋଷିଣୀ, ଅର୍ଦ୍ଧାଶନୀ ମହାଦେବୀ କ୍ଷେତ୍ର ରକ୍ଷା ବିଧାୟିନୀ।।’ ସେହି ଦେବୀ ବଡ଼ଦାଣ୍ଡରେ ଦୟିତାପଡ଼ା ସାହିତର ପାର୍ଶ୍ୱଦେଶରେ ଅବସ୍ଥିତା। ନାମ ତାଙ୍କର ଅର୍ଦ୍ଧାଶନୀ ବା ମାଉସୀମା। ଦୟିତା ବା ଶବରାର୍ଚ୍ଚକମାନେ ତାହାଙ୍କୁ ପୂଜନ କରନ୍ତି। ଭକ୍ତିଚିତ୍ତରେ ବ୍ରାହ୍ମଣମାନେ ନିତ୍ୟାର୍ଚ୍ଚନା କରୁଅଛନ୍ତି। ସେହିଠାରେ ବାହୁଡ଼ା ଦଶମୀ ଦିନ ପୁବେଡାଶ ବା ପୋଡ଼ପିଠା ଭୋଗଲାଗେ। ସ୍ଥଳ ପୁରାଣୋକ୍ତ ପୁରୁଷୋତ୍ତମ କ୍ଷେତ୍ରମହାତ୍ମ୍ୟ ଶଙ୍ଖକ୍ଷେତ୍ରର ବର୍ଣ୍ଣନା ପ୍ରସଙ୍ଗରେ ଚତୁର୍ଥ ଅଧ୍ୟାୟରେ ତାଙ୍କର ନାମ ଉଲ୍ଲେଖ କରିଛନ୍ତି। ଅର୍ଦ୍ଧାଶନୀ ତଥା ଲମ୍ବା କୁବେର ଦିଶି ସଂସ୍ଥିତାଂ ୪/୩୦ ସେହି କ୍ଷେତ୍ରଶକ୍ତିଙ୍କର ଧ୍ୟାନରୁ ଜଣାପଡ଼େ ସେ ଦିଭୁଜା ମାଳା ଓ ଅଭୟ ମୁଦ୍ରା ବିଭୂଷିତା। ବିଷ୍ଣୁଙ୍କର ପ୍ରିୟ ଦେବୀ ଓ ପ୍ରଳୟବାରି ଶୋଷଣକାରିଣୀ।

ଜ୍ଞାନ ଅଜ୍ଞାନ ପ୍ରସଙ୍ଗରେ ଜ୍ଞାନଶକ୍ତି ପରାଶକ୍ତିଙ୍କ କାର୍ଯ୍ୟକାରିତାକୁ ନେଇ ଉପରୋକ୍ତ ଶବ୍ଦର ଅର୍ଥ ହେଲା ଯିଏ ହୃଦୟର ଅଜ୍ଞାନତାକୁ ଭେଦ ବା ଶୋଷଣ କରନ୍ତି ଯେ ସେ ଅର୍ଦ୍ଧଶୋଷଣୀ ଶକ୍ତି ଅଟନ୍ତି। କାଳିଦାସ କବି କୁମାରସମ୍ଭବ କାବ୍ୟ ସମ୍ଭାରରେ କହନ୍ତି, ଅଶନୀ ଶବ୍ଦ ଶୋଷଣ କ୍ରିୟାର ରୂପାନ୍ତର ଅଟେ ଯଥା - ‘ଅଶନେରସୃତସ୍ୟ ଚୋଭୟ ଚିଶିନ୍ ଶ୍ୱାମୁଧାରାଷ୍ଟ ଯୋନୟଃ।’ ତେଣୁ ଶୋଷଣ କ୍ରିୟାକୁ କେନ୍ଦ୍ର କରି ଉକ୍ତ ଦେବୀଙ୍କର ନାମ କରଣ ହୋଇଛି। ସେ ଦେବୀ ଅଖିଳ ଜନ ସମାଜର ମାତୃ ଭଗ୍ନୀ ହୋଇଥିବାରୁ ସୁଭଦ୍ରା ରୂପିଣୀଙ୍କର ଏଭଳି ରୂପଯୁକ୍ତା ଅର୍ଦ୍ଧାଶନୀ ମାଉସୀମା କଳ୍ପିତ ହେବାରେ କିଛି ଅବାନ୍ତରତା ନାହିଁ ସେ ବାସ୍ତବରେ ଜନମାନଙ୍କର ମାଉସୀମା ମାତ୍ର ଜଗନ୍ନାଥଙ୍କର ମା ନାହାନ୍ତି ମାଉସୀମା ଆସିବେ କୁଆଡ୍ଡୁ? ସେ ତ ଜଗତର ସୃଜନଶାଳୀ ପ୍ରଭୁ। ତାଙ୍କର ଇଙ୍ଗିତରେ ସୃଷ୍ଟିର ନୀରବତା ବା ତମସା ଭାବକୁ ଭେଦ କରି ତାଙ୍କରି ନାଭିକମଳରୁ ଏକ ପଦ୍ମ ଜାତ ହେଲା, ସେହି ପଦ୍ମରୁ ଜାତ ହେଲେ ପ୍ରଜାପତି ବା ପ୍ରଥମ ପବିତ୍ର ଜୀବରୂପ। ପ୍ରଭୁ ବ୍ରହ୍ମ ଏକ ଥିଲେ ସୃଷ୍ଟିକ୍ରିୟା ପୂର୍ବରୁ। ଏବେ ସ୍ରଷ୍ଟା ରୂପରେ ମାୟାରୂପକ ପଦ୍ମ ଓ ଜୀବଚୈତନ୍ୟ ରୂପକ ପ୍ରଜାପତିଙ୍କୁ ସୃଷ୍ଟି କଲେ। ତେଣୁ ମୂଳରେ ପରବ୍ରହ୍ମ ବିଷ୍ଣୁମାୟା। ସନାତନୀ ଓ ପ୍ରଜାପତି ଜୀବ ଜନକ ଏହି ତିନି ଜଣଙ୍କର ଉଦଭବ ହେଲା। ସେ ୧ ଥିଲେ, ୩ ହେଲେ। ବିଶ୍ୱପ୍ରକୃତିରୁ ପ୍ରଭୁଙ୍କର ସଗୁଣତାର ସୃଷ୍ଟି, ସଗୁଣ ବ୍ରହ୍ମଙ୍କର ମାୟିକ ବିକାଶରୁ ମାୟାଙ୍କର ଉଭବ ଲୀଳା। ସେଥିରେ ଜୀବ ମାୟାମୟ ଜଗତରେ କ୍ରୀଡ଼ା କରୁଛି। ଏହି ଦୃଷ୍ଟିରୁ ମାୟା ବିଶ୍ୱ ପ୍ରକୃତି ବା ସାଖ୍ୟ ଜନନୀର ସୁହଜାତା ପୁରୁଷୋତ୍ତମଙ୍କର ତତ୍ତ୍ୱ ମାତୃକାଙ୍କର ଭଗିନୀ ମାଉସୀମା ହୋଇପାରନ୍ତି। ପରନ୍ତୁ, ଏହି ତତ୍ତ୍ୱ ପ୍ରତିମା ତତ୍ତ୍ୱଠାରୁ ବହୁ ଦୂରରେ। ଏହି ଅର୍ଦ୍ଧାଶନୀ ଶବର ସେବକମାନଙ୍କ କୂଳଦେବୀଭାବରେ ଗୃହୀତ ଓ ଏହି ନିବାସ ଭୂମିର ଅନ୍ୟ ଦିଗରେ ଶବର ସେବକ ବା ଦାୟିତ୍ୱପାଳଙ୍କର ଯଜ୍ଞେଶ୍ୱରୀ ମୂର୍ତ୍ତି ବିରାଜିତ। ଏହି ଅର୍ଦ୍ଧଶୋଷଣୀ ବିଷୟରେ ଅନ୍ୟ ଏକ କାରଣ ନିହିତ ଥିବା କର୍ମକାଣ୍ଡି ମାନଙ୍କର ଅଭିମତ। ଦାମୋଦର ପୂଜାପଣ୍ଡା ପ୍ରମୁଖଙ୍କ ମତ ଯେ ଅର୍ଦ୍ଧାଶନୀ ଶ୍ରୀ ଆଡ଼ପ ମଣ୍ଡପର ସୂର୍ଯ୍ୟଶକ୍ତି ଅଟନ୍ତି। ଏହା ନିଶ୍ଚିତ ଯେ କୌଣସି ବିଶିଷ୍ଟ ଯାଗ ଓ ବାସ୍ତୁଯାଗାରେ ସ୍ତୂପ ପୂର୍ବୋତ୍ତର ବା ଐଶାନ୍ୟକୋଣ ପୋଥିତ ତାଙ୍କୁ ଅଭିଷେକ କରାଯାଇଥାଏ ବର୍ଦ୍ଧନୀ ଜଳରେ। ବର୍ଦ୍ଧନୀ ସକଳର ଅର୍ଦ୍ଧେକ ଜଳ ଯୁପଦେବତାଙ୍କୁ ସମର୍ପିତ ହେବା ଦୃଷ୍ଟିରୁ ଅର୍ଦ୍ଧାଶନୀ ଆଡ଼ପ ମଣ୍ଡପର ଯୂପଶକ୍ତି। ଯଜ୍ଞାଙ୍ଗ ରୂପରେ ଯଜ୍ଞର ଅନ୍ତିମ ଦିବସ ବା ବାହୁଡ଼ା ଦଶମୀ ଦିନ ତାଙ୍କୁ ପୁରୋଡ଼ାଶ ନୈବେଦ୍ୟ ପ୍ରଦତ୍ତ ହୁଏ। ମୋଟ ଉପରେ ଉକ୍ତ ଅର୍ଦ୍ଧାଶନୀ ପ୍ରତିମା ଜଗତରେ ସର୍ବତନ୍ତ୍ର ସ୍ୱତନ୍ତ୍ର ଓ ବିଶେଷତ୍ୱପୂର୍ଣ୍ଣ। ଶବରସାମନ୍ତମାନେ ଇନ୍ଦ୍ରନୀଳମଣି ମୂର୍ତ୍ତିକୁ ଲୁଚାଇ ରଖିଲାପରି ଅର୍ଦ୍ଧାଶନୀଙ୍କ ଅର୍ଦ୍ଧଅଙ୍ଗକୁ ସୁଭଦ୍ରାଙ୍କ ମୁଖମଣ୍ଡଳ ରୂପରେ ଲୁଚାଇ ରଖିଛନ୍ତି ଓ ଏହାକୁ ଗୁହ୍ୟ ଦେବୀରୂପେ ପୂଜନ କରନ୍ତି। ଏହି ଯଜ୍ଞଶକ୍ତିକୁ ପ୍ରାପନ ପୁରୋଡ଼ାଶ ଦେଇ ଯଜ୍ଞ କର୍ମର ପୂର୍ଣ୍ଣାହୁତି ପ୍ରଦତ୍ତ ହୋଇଥିଲା।

ସହପ୍ରତିରତ୍ୱିକ ଓ ପ୍ରଫେସର,
ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ
ମେଡ଼ିକାଲ କଲେଜ, କଟକ,
ମୋ : ୯୪୩୭୦୫୧୯୫୭

## ଗୁଣ୍ଡିଚା ବାଡ଼ି

ଜଗଦୀଶ ସାହୁ

ରଜାଘର ପୁଅ ଦରଶନ ଦିଅ
ସିଂହଦ୍ୱାରେ ଭକ୍ତ କରେ ଗୁହାରୀ
ହେ କଳାଗୋସାଇଁ ପହଣ୍ଡ ପକେଇ
ଚାଲି ଆସ ଆଉ ନକରି ଡେରି ।
ପୂଣ୍ୟ ନନ୍ଦିଘୋଷ ହୋଇ ନୂଆବେଶ
ତୁମରି ବାଟକୁ ଅଛି ଅନାଇ
ସରିଲେ ପହଣ୍ଡି ଚାରମାଳ ଚଢ଼ି
ନନ୍ଦିଘୋଷ ପରେ ବସିବ ଯାଇ
ଦେଖିବ ସଂସାର କଳାଦିଅଁଙ୍କର
ବଡ଼ଦାଣ୍ଡେ ରଥଲୀଳା ମାଧୁରୀ ।
ରଥରେ ବାମନ କରି ଦରଶନ
ଭକ୍ତ ଟାଣିନେବେ ରଥ ଦଉଡି
ଚକେଗଲେ ଗଡି ବାରହାତ ମାଡି
ନନ୍ଦିଘୋଷ ଯିବ ଆଗକୁ ମାଡି
ଗୁଣ୍ଡିଚା ବାଡ଼ିରେ ପହଂଚିବା ପରେ
ଆଡ଼ପ ଅବଢ଼ା ହେବ ତିଆରି ।

+ସଂଜପଡା, ହିନ୍ଦୋଳ
ଢେଙ୍କାନାଳ, ୭୫୯୧୨୮
ମୋ : ୯୦୭୮୧୮୫୬୧୬

## ଆତ୍ମାରାମ ଜଗନ୍ନାଥ

ପ୍ରଦୀପ୍ତ କୁମାର ଦାସ

ତୋ ରଥଯାତକୁ ପାରୁନି ମୁଁ ଯାଇ
ମୋ ଦୁଃଖର ବୋଝ ନେଇ-
ଖୋଜିବୁନି ମୋତେ ଭକତ ମେଳରେ
ନନ୍ଦିଘୋଷ ପରେ ଥାଇ।
ବସି ରହିବୁନି ମନ ମାରିଦେଇ
ବଡ଼ଦାଣ୍ଡ ମଝିଟାରେ-
ବେଗି ବେଗି ଯାଇଁ ପହଞ୍ଚିବୁ ତୁହି
ମାଉସୀ ମା ମନ୍ଦିରରେ...
କରିବୁନି ମନ ଶୁଣିବାକୁ ଜମା
ପଣ୍ଡାଙ୍କ ମନ୍ତ୍ରର୍ଣ୍ଣ ବେଦ-
ଝୁଲିବୁନି ବେଶୀ ଫୁଲିବୁନି ବେଶୀ
ପିଇଲା ପରିକା ମଦ...
ଜଗତ କହିବ ବାଇଆ ତୋତେରେ
ନପାରିବି ଜମା ସହି ।
ବାଲିରଥ କରି ଡ଼ାକିବିନି ତୋତେ
ବଳରାମ ଦାସ ପରି-
ଧାଇଁଯିବି ନାହିଁ ହୋଇ ଧଇଁସଇଁ
ତୋ ପାଶେ ନଡ଼ିଆ ଧରି,
ତୋ ଗୀତ ଗୋବିନ୍ଦ ନପାଇବି ଗାଇ
ମୋର ଏ ଦଦରା କଣ୍ଠେ-
ଏଇଠାରେ ଥାଇ ମାଗିବି ଖାଲି ମୁଁ
ତୋ ଶରଧା ବାଲି ମୁଠେ,
ଦୟାକରି ଦେବୁ ପରାଣବନ୍ଧୁରେ...
ଏତିକି ମୋହରି ପାଇଁ ।
ରଥେ ତୋତେ ଯିଏ କରେ ଦରଶନ
ମୁକତି ଲଭଇ ସେତ-
ପାପ ତାପ ତାର ହୋଇଯାଏ ଦୂର
ଦେଖିଲେ ତୋ ରଥଯାତ,
ମୁଁଯେ ମହାପାପୀ ନପାରଇ ଯାଇ
ତୋ ପବିତ୍ର ନୀଳାଚଳେ-
ଏହିଠାରେ ଥାଇ ମୋ ଶରୀର ରଥେ
ତୋ ପାଦେ ଭକତି ଢ଼ାଳେ,
ଯହିଁ ତୁହି ନାଥ ବିରାଜି ଥାଉରେ...
ପୁଣ୍ୟ ଆତ୍ମାରାମ ହୋଇ ।

+କଣ୍ଠାବଣିଆ, ଛତ୍ରପଡ଼ା, ପ୍ରୀତିପୁର,
ଯାଜପୁର,ଓଡ଼ିଶା
ପିନ-୭୫୫୦୧୩
ମୋ-୮୫୯୪୮୮୫୮୯୮

## ଆହେ ମହାପ୍ରଭୁ ଦାରୁବ୍ରହ୍ମ

ସତ୍ୟ ସିଂ ବାଗ

ମଧ୍ୟ ଭାରତର ଅବନ୍ତୀ ରାଜ୍ୟେ
ଇନ୍ଦ୍ରଦ୍ୟୁମ୍ନ ଥିଲେ ରାଜା
ବିଷ୍ଣୁଙ୍କ ବଡ ଭକ୍ତ ହୋଇ ସିଏ
ଭକ୍ତି ଭାବରେ କରୁଥିଲେ ପୂଜା !!
ଥରେ ଜଣେ ମହର୍ଷି ଭ୍ରମଣ
ସକାଶେ ଆସି କହିଲେ ରାଜାକୁ
ଓଡିଶାରେ ବିଷ୍ଣୁଙ୍କ ଭବ୍ୟ ରୂପ ପ୍ରଭୁ
ନୀଳମାଧବ ପୂଜା ଖୋଜ ଏହାକୁ !!
ଚାରିଧାମ ମଧ୍ୟେ ପୁରୀ ଧାମ
ସ୍ଥିତ ଜଗନ୍ନାଥ ସ୍ୱାମୀ ପରଂମ ବ୍ରହ୍ମ
ପ୍ରଭୁ ନୀଳମାଧବରୁ ରୂପ ନେଲ
ଆହେ ମହାପ୍ରଭୁ ଦାରୁ ବ୍ରହ୍ମ।
ଶୁଣିଣ ରାଜା ଉଲ୍ଲାସ ମନରେ
କିଞ୍ଚିତେ ଜମା ଡେରି କଲେ ନାହିଁ
ଚାରିଦିଗକୁ ସନ୍ୟ ପଠାଇଲେ ଖୋଜ
ପ୍ରଭୁ ନୀଳମାଧବ ପୂଜା କାହିଁ !!
ରାଜା ଅଦେଶେ ପୂଜାରୀ ପୁତ୍ର
ବିଦ୍ୟାପତି ଓଡିଶା ପୂର୍ବଦିଗେ ଗମନ
ବନେ ରାଇଜେ ଇପଟେ ସେପଟେ
ଖୁଜି ବୁଲୁଥିଲେ କ୍ଷଣ ପ୍ରତିକ୍ଷଣ !!
ଚାରିଧାମ ମଧ୍ୟେ ପୁରୀ ଧାମ
ସ୍ଥିତ ଜଗନ୍ନାଥ ସ୍ୱାମୀ ପରଂମ ବ୍ରହ୍ମ
ପ୍ରଭୁ ନୀଳମାଧବରୁ ରୂପ ନେଲ
ଆହେ ମହାପ୍ରଭୁ ଦାରୁ ବ୍ରହ୍ମ।
ବିଦ୍ୟାପତି ବନରେ ଭାଟିଲେ
ବିଶ୍ୱାସୁ ଗାଁ ମୁଖିଆ ଝିଅ ଲଳିତାକୁ
ସେ ଦୁହେଁଙ୍କ ମଧ୍ୟରେ ହେଲାବାରତା
ବିଦ୍ୟାପତିରହିବାହା ଶବରୀଝିଅକୁ !!
ଏମିତି ଦିନ ଗଡି ଚାଲୁଥାଏ
ପ୍ରକୃତି ଆଧାର ର ଗତି
ବିଦ୍ୟାପତି ଦେଖୁଥିଲେ ସକାଳୁ
ଶ୍ୱଶୁର କେଉଁଠାକୁ ଯାଉଛନ୍ତି ନୀତି !
ଚାରିଧାମ ମଧ୍ୟେ ପୁରୀ ଧାମ
ସ୍ଥିତ ଜଗନ୍ନାଥ ସ୍ୱାମୀ ପରଂମ ବ୍ରହ୍ମ
ପ୍ରଭୁ ନୀଳମାଧବରୁ ରୂପ ନେଲ
ଆହେ ମହା ପ୍ରଭୁ ଦାରୁ ବ୍ରହ୍ମ।
ଲଳିତା କୁ ଦିନେ ପଚାରି ବୁଝିଲେ
ଗୁପତ ରହସ୍ୟ କଥା ଏହି
ବାଧ ହୋଇ ଶବର ବିଶ୍ୱବାସୁ
ବିଦ୍ୟାପତିକୁ ନୀଳମାଧବ ଦର୍ଶନାଇ
ସତ ଗୁଡାକ ଦେଲେ କହି !!
ବିଦ୍ୟାପତି ଆସି ଅବନ୍ତୀ ପୁର
ରାଜାଙ୍କୁ ସବୁ ବୃତାନ୍ତ କହିଲେ
କାଳ ବିଳମ୍ବ ନକରି ଦୁହେଁ
ନୀଳମାଧବ ଦର୍ଶନେ ଚାଲିଲେ !!
କଳା ପଟି ଆଖିରେ ବାନ୍ଧି ଯାଇ
ଥିବାବେଳେ ଚତୁର ବିଦ୍ୟାପତି
ଶୋରିଷ ମଞ୍ଜି ଗୁଡିକୁ ବିଞ୍ଚିତ କରି
ବିଶ୍ୱବାସୁସାଙ୍ଗରେ କରିଥିଲେଗତି !!
ସେହି ସୋରିଷତକ ବୃକ୍ଷ ହେବାର
ସହାୟରେପହଞ୍ଚିଲେ ଦୁହେଁ ମନ୍ଦିରେ
ପ୍ରଭୁ ନୀଳମାଧ୍ୱ ଆନ୍ତର୍ଧାନ ହୋଇ
କହିଗଲେ ବିଶ୍ୱବାସୁବହୁ ଦୁଃଖରେ !!
ଚାରିଧାମ ମଧ୍ୟେ ପୁରୀ ଧାମ
ସ୍ଥିତ ଜଗନ୍ନାଥ ସ୍ୱାମୀ ପରଂମ ବ୍ରହ୍ମ
ପ୍ରଭୁ ନୀଳମାଧବରୁ ରୂପ ନେଲ
ଆହେ ମହା ପ୍ରଭୁ ଦାରୁ ବ୍ରହ୍ମ।

ତେରେସିଂହା, ରିଷିଡା
କଳାହାଣ୍ଡି-୭୬୬୦୩୧
ମୋ - ୬୩୫୩୩୭୪୫୦୯

# ଧ୍ୱନି ପ୍ରତିଧ୍ୱନି

୪

ବାଲେଶ୍ୱର

୧୦ ଜୁଲାଇ୍ ୨୦୨୪, ବୁଧବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ଶବ୍ଦ ପ୍ରଦୂଷଣ ସମସ୍ୟା....

ଅଧୁନା ବାୟୁ ପ୍ରଦୂଷଣ, ଜଳ ପ୍ରଦୂଷଣ, ମୃତ୍ତିକା ପ୍ରଦୂଷଣ, ଏପରିକି ବିଭିନ୍ନ ପ୍ରାକୃତିକ ସମ୍ବଳର ପ୍ରଦୂଷଣର ସୂଚୀ ସୁଦୀର୍ଘ। ଏହି ପରିପ୍ରେକ୍ଷୀରେ ଆମର ପରିବେଶ ଓ ପରିସଂସ୍ଥା ଉପରେ ଶବ୍ଦ ପ୍ରଦୂଷଣର ପ୍ରଭାବକୁ ମଧ୍ୟ ଅଣଦେଖା କରାଯାଇ ନ ପାରେ। ତେଣୁ ଏ ସମ୍ପର୍କିତ ପ୍ରଦୂଷଣର ଆଲୋଚନା ତଥା ତତ୍‌ସମ୍ପର୍କିତ ଜନସଚେତନତା ଆମ ପରିବେଶ ଓ ସମାଜ ପାଇଁ ଅପରିହାର୍ଯ୍ୟ। ଶବ୍ଦ ପ୍ରଦୂଷଣ ଦ୍ୱାରା କେବଳ ମାନବ ସମାଜ ନୁହେଁ, ଜୈବ ବିବିଧତା ମଧ୍ୟ ବହୁଳ ଭାବେ ପ୍ରଭାବିତ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସବୁ ପ୍ରଦୂଷଣ ପରି ଏହି ଧରଣର ପ୍ରଦୂଷଣର ମଧ୍ୟ ସୃଷ୍ଟିକର୍ତ୍ତା ହେଉଛି ସ୍ୱୟଂ ମନୁଷ୍ୟ। ଜୀବର ପ୍ରତ୍ୟେକ ଇନ୍ଦ୍ରିୟ ବିଭିନ୍ନ ପ୍ରାକୃତିକ ସମ୍ବେଦନାକୁ ଗ୍ରହଣ ଅବା ସ୍ୱୀକାର ପାଇଁ ସର୍ବଦା ରୁଚି ରଖିଥାଏ। ଯେଉଁ ଜୈବରାସାୟନିକ ପ୍ରତିକ୍ରିୟା ଜୀବ ମଧ୍ୟରେ ଅନବରତ ସଂଗଠିତ ହେଉଥାଏ, ତାହା ଭିତ୍ତି ସ୍ଥାପନ କରେ ଏହି ପ୍ରାକୃତିକ ସମ୍ବେଦନାକୁ ଗ୍ରହଣ ପୂର୍ବକ ତା'ର ଆନ୍ତଃ ପରିବେଶକୁ ସରସ, ସୁନ୍ଦର ଓ ସନ୍ତୁଳିତ ରଖିବାକୁ। ସେହି ସୂତ୍ରରେ ଆମର ଶ୍ରବଣେନ୍ଦ୍ରିୟ ମଧ୍ୟ ଦୈନନ୍ଦିନ ଜୀବନରେ ଅପେକ୍ଷା ରଖେ କିଛି ରୁଚିକର ଶବ୍ଦର – ଯଥା ପକ୍ଷୀର କାକଳି, ଝରଣାର କଳକଳ ନିନାଦ, ପବନର ସୁସୁ ଶବ୍ଦ ଇତ୍ୟାଦି। ମାତ୍ର ଆମେ ସେ ଭାଗ୍ୟକୁ ବିଡ଼ମ୍ବନାରେ ପରିଣତ କରିପକାଉଛୁ। ଧ୍ୱନିର ତୀବ୍ରତାର ଏକକ ଡେସିବଲ। ଏହାର ନିରାପଦ ଶ୍ରାବ୍ୟ ପରିସର ୦-୮୦ ଡେସିବଲ ହୋଇଥାଏ। ଏହାଠାରୁ ଅଧିକ ତୀବ୍ରତାର ଧ୍ୱନିକୁ ଆମେ ଧ୍ୱନି ପ୍ରଦୂଷଣ ବା ଶବ୍ଦ ପ୍ରଦୂଷଣ ବୋଲି କହୁ। ଏହି ୮୦ ଡେସିବଲରୁ ଅଧିକ ତୀବ୍ରତର ଧ୍ୱନି ଆମ ପାଇଁ ବହୁ କ୍ଷତିକାରକ। ଥରେ ଚିନ୍ତା କରି ଦେଖନ୍ତୁ, ଆମଠାରୁ କ୍ଷୁଦ୍ରତର ଜୀବଜନ୍ତୁଙ୍କ ଉପରେ ଏହାର କ୍ଷତିକାରୀ ପ୍ରଭାବ ବିଷୟରେ। ଆଜି ଆମେ ଗାଁରୁ ସହର ଯାଏଁ ଛୋଟ ବଡ଼ ସବୁ ପର୍ବପର୍ବାଣିରେ ଅତି ଉଚ୍ଚ ତୀବ୍ରତାର ଧ୍ୱନି ବିଶିଷ୍ଟ ଡାକବାଜି ତଥା ଡିଜେର ବହୁଳ ବ୍ୟବହାର କରୁଛୁ। ଯେଉଁଠି ଆବଶ୍ୟକତା ନାହିଁ, ସେହିଠାରେ ବି ଆମେ ଡାକବାଜିର ବ୍ୟବହାର କରୁଛୁ। ଆମେ ପରିବେଶ ପ୍ରୀତିଠାରୁ ଅଧିକ ଅର୍ଥର ଅହଂକାର ପ୍ରଦର୍ଶନ କରୁଛୁ। ଯାହାର କୁପରିଣାମ ନିଜେ ଭୋଗିବା ସହିତ ନିର୍ମଳ ନିଷ୍ପାପ ଜୀବଜନ୍ତୁଙ୍କୁ ବିନା କାରଣରେ ଭୋଗିବାକୁ ବାଧ୍ୟ କରିଚାଲିଛୁ। ଯେଉଁ ଡିଜେ ଓ ଡାକବାଜି ଆମେ ଆଜି ବ୍ୟବହାର କରୁଛୁ, ତାହାର ତୀବ୍ରତା ୧୦୦-୧୨୦ ଡେସିବଲ, ଯାହାର ପ୍ରଭାବ ଅତି ଭୟଙ୍କର। ସ୍ଥଳବିଶେଷରେ ଏ ଶବ୍ଦର ତୀବ୍ରତା ମନୁଷ୍ୟ ତଥା ଜୀବଜନ୍ତୁଙ୍କଠାରେ ହଠାତ୍ ଉଚ୍ଚ ରକ୍ତଚାପ ସୃଷ୍ଟି କରିବା ସହିତ ହୃଦଘାତରେ ଜୀବନ ମଧ୍ୟ ନେଇଯାଏ। ବୃଦ୍ଧ ତଥା ଶିଶୁମାନେ ଏହାଦ୍ୱାରା ସର୍ବାଧିକ ପ୍ରଭାବିତ ହେବାର ଦୃଷ୍ଟାନ୍ତ ରହିଛି। ଏମିତି ବି ଘଟିଥାଏ ଯେଉଁ ମାଆମାନେ ଅତ୍ୟଧିକ ଶବ୍ଦ ସଂସ୍ପର୍ଶରେ ଆସିଥା'ନ୍ତି ପିଲାଟିଏ ଜନ୍ମ ହେବା ପୂର୍ବରୁ ମାଆ ପେଟ ଭିତରୁ ଶ୍ରବଣ ବାଧିତ ହୋଇ ଜନ୍ମ ହୁଏ। କିଛି ଶିଶୁ ଜନ୍ମ ପରେ ମଧ୍ୟ ଏ ଭୟଙ୍କର ପ୍ରଭାବରେ ଶ୍ରବଣବାଧିତ ହୋଇଯାଆନ୍ତି। ଶବ୍ଦ ପ୍ରଦୂଷଣର କୁପ୍ରଭାବ ଆମ ସ୍ନାୟବିକ ସଂସ୍ଥା ଉପରେ ମଧ୍ୟ ପଡ଼ିଥାଏ, ଯାହାର ଏକ ସଦ୍ୟତମ ଉଦାହରଣ ଆମ ଭାରତବର୍ଷରେ ଘଟିଛି। ଜଣେ ପ୍ରସିଦ୍ଧ ଗାୟିକା ଅଲ୍‌କା ୟାଗ୍ନିକ ଯେ କି ଶବ୍ଦ ପ୍ରଦୂଷଣର ଶିକାର ହୋଇ ଶ୍ରବଣ ଶକ୍ତି ହରାଇ ବସିଛନ୍ତି ଏବଂ ଯୁବକ ସମାଜକୁ ଉପଦେଶ ଦେଇ କହିଛନ୍ତି ଇଅର ଫୋନ୍‌ରେ ଉଚ୍ଚଧ୍ୱନିରେ ସଙ୍ଗୀତ ନ ଶୁଣିବାକୁ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ତଥ୍ୟ ଅନୁସାରେ ବିଶ୍ୱର ମୋଟ ଲୋକସଂଖ୍ୟାର ୫ ଶତକଡ଼ା ଧ୍ୱନି ପ୍ରଦୂଷଣ ଜନିତ ଶ୍ରବଣବାଧିତରେ ଆକ୍ରାନ୍ତ। ଆମେ ବିବାହ, ପର୍ବପର୍ବାଣିରେ ଯେଉଁ ରାସ୍ତାରେ ଡାକବାଜି କିମ୍ବା ଡିଜେର ବ୍ୟବହାର କରୁଛୁ ସେ ରାସ୍ତା ପାର୍ଶ୍ୱରେ ଥିବା ଛୋଟ ଛୋଟ ପକ୍ଷୀ ଧ୍ୱନିର ଅତ୍ୟଧିକ ତୀବ୍ରତାର ଶିକାର ହୋଇଥା'ନ୍ତି। ଏ ଧ୍ୱନିର କମ୍ପନର ତୀବ୍ରତା ଏତେ ଅଧିକ ଯେ ପକ୍ଷୀର ବସାରୁ ଅଣ୍ଡା ମଧ୍ୟ ତଳକୁ ଖସି ନଷ୍ଟ ହୋଇଯାଏ। ଶବ୍ଦ ପ୍ରଦୂଷଣର ଉତ୍କଟ ତୀବ୍ରତାର ପରିସର ମଧ୍ୟକୁ ଯିଏ ବି ଆସିଥାଏ ନା କାହିଁକି ସେ ତା'ର କୁପ୍ରଭାବରୁ ମୁକ୍ତି ପାଏ ନାହିଁ। ଏପରିକି ବୃକ୍ଷମାନଙ୍କଠାରେ ଏକ ଜୈବରାସାୟନିକ ପ୍ରତିକ୍ରିୟା ଘଟି ଶାରୀରିକ ସଂରଚନା ଉପରେ ଏକ କୁପ୍ରଭାବ ପକାଇଥାଏ। ଫଳରେ ବୃକ୍ଷଲତାଙ୍କ ସ୍ୱାଭାବିକ ବୃଦ୍ଧି, ଫୁଲ, ଫଳ ଧାରଣରେ ବାଧା ସୃଷ୍ଟି କରେ। ମାତ୍ରାଧିକ ଶବ୍ଦ ପ୍ରଦୂଷଣ ଉଦ୍ଭିଦ ଜଗତର ଆଲୋକଶ୍ଳେଷଣର ହାରକୁ ମଧ୍ୟ କମାଇଦେଇଥାଏ। ଏହାଦ୍ୱାରା ପ୍ରାକୃତିକ ପରିସଂସ୍ଥା ବ୍ୟାହତ ହୁଏ। ଏଠାରେ ଉଲ୍ଲେଖଯୋଗ୍ୟ କେବଳ ଯେ ଡିଜେ କିମ୍ବା ଡାକବାଜି ଯନ୍ତ୍ର ଧ୍ୱନିପ୍ରଦୂଷଣର କାରଣ ନୁହେଁ। ଆମର ଗୃହ ତଥା ବାହ୍ୟ ପରିବେଷ୍ଟନୀରେ ମନୁଷ୍ୟର ଅତ୍ୟଧିକ ଯନ୍ତ୍ର ନିର୍ଭରଶୀଳତା ମଧ୍ୟ ଶବ୍ଦ ପ୍ରଦୂଷଣର ମାତ୍ରାକୁ ବହୁ ପରିମାଣରେ ବୃଦ୍ଧି କରିଚାଲିଛି। ବାହ୍ୟ ପରିବେଶରେ ରାସ୍ତାଘାଟରେ ଅତ୍ୟଧିକ ଯାନବାହନ ଚଳାଚଳ, ସେଥିରୁ ନିର୍ଗତ ଉଚ୍ଚ ତୀବ୍ରତା ବିଶିଷ୍ଟ ହର୍ଣ୍ଣ ମନୁଷ୍ୟ ତଥା ଅନ୍ୟାନ୍ୟ ଗୃହପାଳିତ ଓ ବୁଲା ଜୀବଜନ୍ତୁଙ୍କଠାରେ ବିଭିନ୍ନ ଶବ୍ଦଜନିତ ଶାରୀରିକ ଓ ମାନସିକ ସମସ୍ୟା ସୃଷ୍ଟି କରୁଛି। ଏବେ ଅନେକାଂଶରେ ପରିଲକ୍ଷିତ ହେଉଛି ଗୃହପାଳିତ ପଶୁମାନେ ପ୍ରଜନନହୀନତା ପରି ରୋଗରେ ପୀଡ଼ିତ ହେଉଛନ୍ତି। ଏଥିସହିତ ପଶୁପକ୍ଷୀଙ୍କଠାରେ କ୍ଷୁଧାହୀନତା, ରକ୍ତସ୍ରାବ, ଅସମୟରେ ଯନ୍ତ୍ରଣା ଇତ୍ୟାଦି ସମସ୍ୟା ମଧ୍ୟ ଦେଖିବାକୁ ମିଳୁଛି। ଏହା ଶବ୍ଦ ପ୍ରଦୂଷଣର ବୃହତ୍ ପ୍ରଭାବ ବୋଲି ପ୍ରାଣୀ ବିଶେଷଜ୍ଞମାନେ ମତ ଦେଇଛନ୍ତି।

## ଆଡ଼ପ ମଣ୍ଡପରେ ଚତୁର୍ଦ୍ଧାମୂର୍ତ୍ତି

### ନୂତନ କୁମାର ବେହେରା



'ସକଳ ଘଟେ ନାରାୟଣ,
ବସନ୍ତି ଅନାଦି କାରଣ '

ସଚରାଚର ବିଶ୍ୱ ବ୍ରହ୍ମାଣ୍ଡର ସୃଷ୍ଟିକର୍ତ୍ତା ସ୍ୱୟଂ ଶ୍ରୀବିଷ୍ଣୁ ଶ୍ରୀନାରାୟଣ। ସେ ସ୍ୱରୂପରେ ମହାସିନ୍ଧୁ ହେଲେ ଯେତେ ଦୃଶ୍ୟ ଜଗତ ତାଙ୍କ କରୁଣାର ଏକ ଏକ ବିନ୍ଦୁ। ବିନ୍ଦୁ ଓ ସିନ୍ଧୁର ଭାବ ବନ୍ଧନରେ ଏ ସଂସାର। ଜୀବ ଓ ପରମ ରୂପରେ ବ୍ୟଷ୍ଟି ଏବଂ ସମଷ୍ଟି। ସବୁର ସେ ମୂଳ ଆଧାର।ତାଙ୍କ ବ୍ୟତିରେକ ସୃଷ୍ଟିର ନାହିଁ ସ୍ଥିତି ଗତି କି ମୁକ୍ତି। ସେ ହିଁ ଦୃଶ୍ୟରେ ପ୍ରତୀୟମାନ ସେ ହିଁ ଅଦୃଶ୍ୟରେ ବିଲୀନ। ସେ ଆକାର ସେ ନିରାକାର। ସୃଷ୍ଟିର ସମସ୍ତ ତତ୍ତ୍ୱକୁ ମାନବୀୟ ଲୀଳାରେ ପରିପ୍ରକାଶ କରିଥାନ୍ତି। ସେ ସବୁର ପ୍ରତିଫଳନ ହେଉଛି ଜୀବନ ଦର୍ଶନ।

ଜଗତର ନାଥ ସେ ଜଗନ୍ନାଥ। ତାଙ୍କୁ ନେଇ ଜୀବନ, ମାନବ ଜାତିର ଐତିହ୍ୟ ସଂସ୍କୃତି ପରମ୍ପରା। ତାଙ୍କୁ ନେଇ ସବୁ ନୀତି ଆଦର୍ଶ, ଧର୍ମ ଧାରଣ, କର୍ମକାଣ୍ଡ , ନ୍ୟାୟ ନିଶାପ।

ପ୍ରବାହିତ ହୁଏ ସମୟ ସ୍ରୋତରେ ଜୀବନ। ସେ ବିଗତର ଦିନର ଯେତେ ଇତିହାସ ଆସୁଥିବା ଭବିଷ୍ୟତ ସମ୍ଭାବନାର ପ୍ରକାଶ। ଶ୍ରୀଜଗନ୍ନାଥଙ୍କ ଅପାର ଦୟା ଓ କରୁଣାରେ ଚାଲିଛି

ସାମାଜିକ ରୀତି ପ୍ରଥା ପର୍ବ ପର୍ବାଣୀ ଯାନିଯାତ୍ରା ସବୁ କିଛି। ସେ ଓଡ଼ିଆ ଜାତିର ପ୍ରାଣ ପ୍ରତିଷ୍ଠାତା, ଆରାଧ୍ୟ ଦେବତା, ବଡ଼ଠାକୁର। ବାର ମାସର ତେର ପର୍ବ ହୁଏ ତାଙ୍କୁ ଆଧାର କରି। ସବୁଠାରୁ ମୁଖ୍ୟ ଓ ଶ୍ରେଷ୍ଠ ପର୍ବ ହେଉଛି ' ରଥଯାତ୍ରା '। ଏ ରଥଯାତ୍ରା ବହୁ ନାମରେ ନାମିତ ଯଥା... ଗୁଣ୍ଡିଚା ଯାତ୍ରା, ଘୋଷଯାତ୍ରା, ଆଡ଼ପମଣ୍ଡପ ଯାତ୍ରା,ଜନ୍ମବେଦୀ ଯାତ୍ରା,

ଦଶାବତାର ଯାତ୍ରା,ପତିତପାବନ ଯାତ୍ରା, ନବଦିନାତ୍ମକ ଯାତ୍ରା ନାମରେ ନାମିତ କରାଯାଇଛି। ରଥଯାତ୍ରା ଯାତ୍ରା ଆଷାଢ଼ ଶୁକ୍ଳ ଦ୍ୱିତୀୟା ଠାରୁ ଆରମ୍ଭ ହୋଇ ଦଶମୀ ପର୍ଯ୍ୟନ୍ତ ହୁଏ। ଶ୍ରୀକ୍ଷେତ୍ର ପୁରୀ ନୀଳାଚଳ ଧାମରେ ଅନୁଷ୍ଠିତ ହୁଏ। ଏହା ବ୍ୟତିରେକ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦା, ମୟୂରଭଞ୍ଜ ତଥା ରାଜ୍ୟର ବିଭିନ୍ନ ଜିଲ୍ଲା ଏବଂ ପୁରପଲ୍ଲୀରେ ହୁଏ। ରାଜ୍ୟ ବାହାରେ ଦେଶ ବିଦେଶରେ ମଧ୍ୟ ଏବେ ହେଉଛି। ଏ ରଥଯାତ୍ରା ବିଶ୍ୱ ପ୍ରସିଦ୍ଧ। ହିନ୍ଦୁଧର୍ମ ସମ୍ବନ୍ଧିତ ଏ ସବୁଠାରୁ ବଡ଼ ପର୍ବ। ରଥଯାତ୍ରାର ମୁଖ୍ୟ ଆକର୍ଷଣ ଶ୍ରୀଜଗନ୍ନାଥ। ତାଙ୍କର ଦର୍ଶନ ନିମନ୍ତେ ବଡ଼ ମନ୍ଦିରରେ କେତେକ କଟକଣା ଅଛି। ସୁତରାଂ ଏ ରଥଯାତ୍ରାରେ ସମୂହ ଜନ ସାଧାରଣ ଶ୍ରଦ୍ଧାଳୁ ଭକ୍ତଙ୍କ ପାଇଁ ସେ ବାହାରି ଆସନ୍ତି ଦର୍ଶନ ଦେବାକୁ।

ତାଙ୍କର ଦର୍ଶନରେ ପତିତର ପାପ ମୋଚନ ହୁଏ। ନୟନ ପବିତ୍ର ହୁଏ। ବହୁ ପୁଣ୍ୟଫଳ ଲାଭ ହୋଇଥାଏ। ଧାର୍ମିକ ଚିନ୍ତା ଚେତନାର ଏ ବିଶ୍ୱାସ। ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ତିନି ଜୀଉମାନେ.. ଯଥା ନନ୍ଦିଘୋଷ ରଥରେ ଶ୍ରୀଜଗନ୍ନାଥ, ତାଳଧ୍ୱଜ ରଥରେ ଶ୍ରୀବଳଭଦ୍ର ଓ ଦେବଦଳନ ରଥରେ ସୁଭଦ୍ରା ଦେବୀ ଆରୂଢ଼ ହୋଇ ବଡ଼ଦାଣ୍ଡରେ ଗୁଣ୍ଡିଚା ମନ୍ଦିରକୁ ଗମନ କରିଥାନ୍ତି। ପୂଜା ଅର୍ଚ୍ଚନାର ବିଧି ବିଧାନରେ ନୀତି ପୂର୍ବକ ନେତ୍ରୋତ୍ସବ,ପହଣ୍ଡି ବିଜେ,ଛେରା ପହଁରା ଆଦି ହେଲା ପରେ ଦିଅଁ ମାନେ ରଥାରୂଢ଼ ହୋଇଥାନ୍ତି। ନଅ ଦିନ ପାଇଁ ମହାପ୍ରଭୁ ଶ୍ରୀମନ୍ଦିରର ରତ୍ନ ସିଂହାସନ ଛାଡ଼ି ଅତିଥି ଭାବରେ ଗୁଣ୍ଡିଚା ଯାତ୍ରା କରନ୍ତି।

ଶ୍ରଦ୍ଧାଳୁ ଭକ୍ତମାନେ ରଥଗୁଡିକ ଟାଣି ଟାଣି ବଡ଼ଦାଣ୍ଡରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ନେଇଥାନ୍ତି। ବାଜା ବାଜଣା ହରିବୋଲ ଶଙ୍ଖ ଧ୍ୱନିରେ ଗଗନ ପବନ ପ୍ରକମ୍ପିତ ହେଉଥାଏ। ଏ ରଥଯାତ୍ରା ଦେଖିବାକୁ ଲକ୍ଷ ଲକ୍ଷ ଭକ୍ତଙ୍କର ସମାବେଶ ହୋଇଥାଏ। ଗୁଣ୍ଡିଚା ମନ୍ଦିରରେ ନବରାତ୍ର ଦିଅଁମାନଙ୍କ ରହଣୀ ହେଉଛି ରଥଯାତ୍ରାର ଦ୍ୱିତୀୟ ପର୍ବ। ଶରଧା ବାଲିରେ ଦାରୁବ୍ରହ୍ମ ଶ୍ରୀଜୀଉମାନେ ରଥରୁ ଓହ୍ଲାଇ ଯେଉଁ ମଣ୍ଡପକୁ ବିଜେ କରିଥାନ୍ତି ତାହାକୁ ଆଡ଼ପ ମଣ୍ଡପ କୁହାଯାଏ। ଏତତ୍‌ଭିନ୍ନ ଜନ୍ମବେଦୀ, ଯଜ୍ଞବେଦୀ, ମହାବେଦୀ, ରାସ ମଣ୍ଡପ, ଆଟୋପ ମଣ୍ଡପ ଆଦି ନାମରେ ମଧ୍ୟ ନାମିତ କରାଯାଏ। ଏହି ମଣ୍ଡପ ଆସ୍ଥାନରେ ଚତୁର୍ଦ୍ଧାମୂର୍ତ୍ତି ନବରାତ୍ର ବ୍ୟାପୀ ରହି ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି। ଚତୁର୍ଦ୍ଧାମୂର୍ତ୍ତିର ଅର୍ଥ ଚାରୋଟି ମୂର୍ତ୍ତି ସେମାନେ ହେଉଛନ୍ତି ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନ। ରୂପରେ ବିଗ୍ରହ ମାନେ ପୃଥକ୍ କିନ୍ତୁ ତାତ୍ତ୍ୱିକ ଦୃଷ୍ଟିକୋଣରୁ ଏକ। ଚାରିର ଏକ ତତ୍ତ୍ୱରେ ଶ୍ରୀଜଗନ୍ନାଥ ଅଟନ୍ତି ଚତୁର୍ଦ୍ଧାମୂର୍ତ୍ତି ଦାରୁବ୍ରହ୍ମ। ଏହିଠାରେ ମହୋଦଧିରୁ ଭାସି ଆସିଥିବା ଦାରୁକୁ ବୃଦ୍ଧବେଶରେ ବିଶ୍ୱକର୍ମା ଆସି ବିଗ୍ରହ ନିର୍ମାଣ କରିଥିଲେ। ତେଣୁ ଏ ମଣ୍ଡପକୁ ଜନ୍ମ ବେଦୀ କୁହାଯାଏ। ଆଡ଼ପ ମଣ୍ଡପରେ ଚତୁର୍ଦ୍ଧାମୂର୍ତ୍ତିଙ୍କର ପୂଜା ଅର୍ଚ୍ଚନା ଯଥାବିଧି ପ୍ରତ୍ୟହ ହୋଇଥାଏ। ସକାଳ ଓ ସନ୍ଧ୍ୟାରେ ଭକ୍ତଙ୍କୁ ସେ ଦର୍ଶନ ଦେଇଥାନ୍ତି। ଆଡ଼ପ ଅଭଡ଼ା ପାଇଁ ଭକ୍ତମାନେ ଅପେକ୍ଷା କରିଥାନ୍ତି। ବିଶ୍ୱାସ ଅଛି ଆଡ଼ପ ମଣ୍ଡପରେ ଦିଅଁଙ୍କୁ ଦର୍ଶନ କଲେ ମହାପୁଣ୍ୟ ମିଳିଥାଏ। ଜନ୍ମ ଜନ୍ମର ପାପ କ୍ଷୟ ହୁଏ।ଜୀବର ମୋକ୍ଷ ପ୍ରାପ୍ତ ହୁଏ ଓ ସେ ବୈକୁଣ୍ଠରେ ସ୍ଥାନ ପାଏ। ନବରାତ୍ର ପରେ ତିନିଠାକୁର ବାହୁଡ଼ା ଯାତ୍ରା କରି ପୁଣି ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି। ଜଗନ୍ନାଥ ସଂସ୍କୃତି ଓଡ଼ିଆ ଜାତି ତଥା ହିନ୍ଦୁ ଧର୍ମର ସ୍ୱତନ୍ତ୍ର ମୌଳିକତା। ସାରା ବିଶ୍ୱ ମହାପ୍ରଭୁଙ୍କଠାରେ ନତ ମସ୍ତକ। ବିଶ୍ୱାସେ ମିଳନ୍ତି ଶ୍ରୀହରି ସେ ଶୁଣିଥାନ୍ତି ଭକ୍ତର ହାରି ଗୁହାରି। ପୌରାଣିକ କଥାବସ୍ତୁ କିମ୍ବଦନ୍ତୀ ତଥା ଇତିହାସରେ ତାଙ୍କର ବହୁ ବହୁ ଅଲୌକିକତାର ପ୍ରମାଣ ରହିଛି। ସେ ଭାବରେ ଭାବ ବିନୋଦିଆ। ଭକ୍ତ ବତ୍ସଳ ଶରଣରକ୍ଷକ। ଅପାର ତାଙ୍କ କରୁଣାର ମହିମା। ତାଙ୍କଠାରୁ ଜଗତ ଉତ୍ପତ୍ତି ତାଙ୍କଠାରେ ହିଁ ବିଲୀନ। ଜୀବ ତାର ଜୀବନର ସମାପ୍ତି ପରେ ତାଙ୍କଠାରେ ମିଶିଯାଇ ଥାଏ। ଯେମିତି ମହା ସାଗରରେ ନଦୀ ସମୂହଙ୍କର ମିଳନ ହୁଏ।ବାସ୍ତବିକ ମହାପ୍ରଭୁ ପରଂବ୍ରହ୍ମ ପରମାତ୍ମା ଅନେକରେ ଏକ ଚତୁର୍ଦ୍ଧାମୂର୍ତ୍ତି ରୂପରେ ଦାରୁବ୍ରହ୍ମ ଭାବରେ ଜଗତ ଜନର ଧ୍ୟାନ ଧାରଣା ଆରାଧନା ଉପାସନାରେ। ତାଙ୍କୁ ନିତ୍ୟ ସ୍ମରଣ କରିବା, ପୂଜା ଅର୍ଚ୍ଚନା କରିବା ତଥା ତାଙ୍କର ନାମର ଗୁଣଗାନ କରିବା ଜୀବନର ବ୍ରତ ଓ ଧର୍ମ। ସେ ଶକ୍ତି ଦାତା ମୁକ୍ତିଦାତା। ସୁତରାଂ ମନ୍ତ୍ର କହେ...

' ଜଗନ୍ନାଥ ସ୍ୱାମୀ ନୟନ
ପଥଗାମୀ ଭବତୁ ମେ '


+ କୋହି,ବାରିପଦା,ମୟୂରଭଞ୍ଜ।
ମୋ: ୮୦୧୮୩୫୩୩୨୨


## ଶ୍ରୀମନ୍ଦିର ମାହାରୀ ପରମ୍ପରା

### ଅନୁପମା ଭୂୟାଁ



ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସହିତ ଜଡ଼ିତ ମାହାରୀ ନୃତ୍ୟ। ନାଟ୍ୟଶାସ୍ତ୍ରର ରଚନା ଅନୁସାରେ ଅତୀତରେ ଏହି ନୃତ୍ୟକୁ ଦେବଦାସୀମାନେ ମନ୍ଦିର ଗର୍ଭ ଗୃହରେ ପରିବେଷଣ କରୁଥିଲେ। ଜଗନ୍ନାଥଙ୍କ ମନ୍ଦିରରେ ଥିବା ୧୧୯ ପ୍ରକାରର ସେବା ମଧ୍ୟରେ ମାହାରୀ ସେବା ୭୫ ଏବଂ ୭୬ ସ୍ଥାନରେ ରହିଛି। ଏହା ସହିତ ମାଦେଳୀ, ବୀଣାକାର ଏବଂ କାହାଳିଆ ଭଳି ପ୍ରମୁଖ ସେବା ମଧ୍ୟ ରହିଛି। କାରଣ ପ୍ରଥମେ ପହଲି ପଢ଼ିବା (ସ୍ୱତନ୍ତ୍ର ସମ୍ପ୍ରଦାୟ ଦ୍ୱାରା ମହାପ୍ରଭୁଙ୍କ ନିକଟରେ ଆଜ୍ଞାମାଳ ପାଇଁ ଗୁହାରି କରିବା) ପରେ ଘଣ୍ଟ କାହାଳୀ ବାଜି ନୃତ୍ୟ ଆରମ୍ଭ ହୁଏ। ସକାଳଧୂପ, ଚାପ ଉପରେ, ଚାପ ବାହୁଡ଼ା ବିଜେରେ, ଗୁଣ୍ଡିଚା ମନ୍ଦିରରେ, ଝୁଲଣ, ଚନ୍ଦନଚାପ, ଚନ୍ଦନଚକଡ଼ା, ପୁଷ୍ପାଭିଷେକ, ପହୁଡ଼ ବେଳେ, ଦୋଳପୂର୍ଣ୍ଣିମା, ସ୍ନାନପୂର୍ଣ୍ଣିମା, ରଥଯାତ୍ରା, ହେରାପଞ୍ଚମୀ, ନିଳାଦ୍ରୀବିଜେ, ଜନ୍ମାଷ୍ଟମୀ, ସମୟରେ ମାହାରୀ ତଥା ଦେବଦାସୀଙ୍କ ଦ୍ୱାରା ମହାପ୍ରଭୁଙ୍କୁ ଏହି ସେବା ଅର୍ପଣ କରାଯାଉଥିଲା। ଓଡ଼ିଶାର ଆଦିଗୁରୁଙ୍କୁ ଏହି ସେବା ଅର୍ପଣ କରାଯାଉଥିଲା। ଓଡ଼ିଶାର ଆଦିଗୁରୁ ପଦ୍ମଶ୍ରୀ ପଙ୍କଜ ଚରଣ ଦାସଙ୍କ ପୁଅ ତଥା ଗବେଷକ ଶରତ କୁମାର ଦାସ କୁହନ୍ତି ସ୍ୱତ୍ତ୍ୱଲିପି ଅନୁସାରେ ସମ୍ପ୍ରଦା ନିଯୋଗର ଶାଢ଼ି ବନ୍ଧା ମାହାରୀ ବା ଦେବଦାସୀମାନେ ଏହି ସେବା କରୁଥିଲେ। ମାହାରୀ ଶବ୍ଦର ବ୍ୟାଖ୍ୟା କରି କେହି କେହି ମହାନାରୀରୁ ମାହାରୀ, ବୈଷ୍ଣବ ତତ୍ତ୍ୱନୁସାରେ ମଞ୍ଜରୀ ଭାବରୁ ମାହାରୀ, ଆଉ କିଛି ଗବେଷକ କୁହନ୍ତି ମହାର୍ଦ୍ଦ ପରି ପବିତ୍ରତା ମଧ୍ୟରୁ ମାହାରୀ ଶବ୍ଦର ସୃଷ୍ଟି। ମାହାରୀମାନେ ମଧ୍ୟ ବିଭିନ୍ନ ଭାଗରେ ବିଭକ୍ତ ଯଥା ଗହଣ ମାହାରୀ, ସମ୍ପ୍ରଦା ନିଯୋଗ, ପଟୁଆରୀ, ବାହାର ଗାଆଣୀ, ଭିତର ଗାଆଣୀ, ନାଚୁଣୀ, ରାଜ ଅଙ୍ଗିଳା, ଅଙ୍ଗ ଅଳିସା। ଏହି ମାହାରୀମାନଙ୍କୁ କଠୋର ନିଷ୍ଠାର ସହ ଜୀବନଯାନ କରିବାକୁ ପଡୁଥିଲା। ଯେପରିକି କାହା ସଙ୍ଗେ ଅଙ୍ଗସଙ୍ଗ ନ ହେବା, ଅନ୍ୟ ଯାତ୍ରାରେ ନଯିବା, ପିଲାଦିନେ ଘରେ ପାକ ନକରିବା। ନୃତ୍ୟ ସମୟରେ ଯାତ୍ରୀଙ୍କୁ ନ ଚାହିଁବା। ପରମେଶ୍ୱରଙ୍କ ଦାସୀ ତୁଲ୍ୟ ଚଳିବା। ଗୀତଗୋବିନ୍ଦ ଓ ଅନ୍ୟାନ୍ୟ ଗୀତରଚନାକୁ ମୁଖସ୍ଥ କରିବା। ଅତୀତରେ ନିଜକୁ ପ୍ରଭୁଙ୍କ ନିକଟରେ ସଂପୂର୍ଣ୍ଣ ଭାବେ ସମର୍ପଣ କରୁଥିଲେ ମାହାରୀମାନେ। ଚୋଡ଼ଗଙ୍ଗ ଦେବଙ୍କ ସମୟରେ ଶ୍ରୀମନ୍ଦିରରେ ଏହି ପରମ୍ପରାର ଅୟମାରମ୍ଭ ହୋଇଥିବା କୁହାଯାଏ। ପରେ ଅନଙ୍ଗଭୀମ ଦେବ ମନ୍ଦିରରେ ନାଟ୍ୟ ମଣ୍ଡପ ପ୍ରତିଷ୍ଠା କରି ସେହି ସ୍ଥାନରେ ଏ ନୃତ୍ୟ ପରିବେଷଣ କରିବାର ସୁଯୋଗ ଦେଇଥିଲେ ବୋଲି ଜନଶ୍ରୁତି ରହିଛି। ୨୦୧୫ରେ ଶେଷ ମାହାରୀ ଶଶିମଣି ଦେବୀଙ୍କ ମୃତ୍ୟୁ ପରଠାରୁ ଏହି ସେବା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି।


ସାଇବିଥି, ପ୍ଲଟନଂ - ୭ଡି/
୧୩୫୪, ସେକ୍ଟର-୯, ସିଡିଏ,
କଟକ,
ମୋ: ୯୯୩୭୫୮୧୭୦୭


## ପ୍ରାଚୀକୂଳର ମାଧବ ଉପାସନା

### ଗୋପୀନାଥ ଦାଶ



ପ୍ରାଚୀ ସଭ୍ୟତାରେ ମାଧବ ଉପାସନାର ପ୍ରତିଷ୍ଠାକୁ ଦେଖିଲେ ଜଣାଯାଏ ପୁରୁଷୋତ୍ତମ କ୍ଷେତ୍ରରୁ ମାଧବପୂଜା ପବିତ୍ର ସରସ୍ୱତୀ ନଦୀ ତଟକୁ ସ୍ଥାନାନ୍ତରିତ ହୋଇଥିଲା। ଏ ସମ୍ବନ୍ଧରେ ପଦ୍ମପୁରାଣୋକ୍ତ ପ୍ରାଚୀ ମହାତ୍ମ୍ୟରେ ନାନା ପ୍ରମାଣ ରହିଛି କିନ୍ତୁ ସ୍କନ୍ଦ ପୁରାଣ ପରିଷ୍କାର ଭାବେ ବିଶ୍ୱାବସୁ କୁଳୋଦ୍ଭବ ଶବରପୂଜକମାନେ ପୁରୁଷୋତ୍ତମ କ୍ଷେତ୍ରର ଇନ୍ଦ୍ରନୀଳମଣି ମାଧବଙ୍କୁ ଅନ୍ତର୍ଦ୍ଧାନ ଛଳରେ ପ୍ରାଚୀତଟର ଅରୁନ୍ଧତିପୁରକୁ ଘେନିଗଲେ ଓ ମହାରଣ୍ୟରେ ତାଙ୍କର ଭାବପୂଜା ଚାଲିଲା। 'ଅନ୍ତର୍ଦ୍ଧାନାନ୍ତରେ ସର୍ବେ ଶବରାଃ ବିଷ୍ଣୁରକ୍ଷିତାଃ। ନୀତ୍ୱା ନୀଳମଣିମୂର୍ତ୍ତିଂ କୈବଲ୍ୟ ଭାବଭକ୍ତିତଃ।। ପ୍ରାଚୀତଟେ ମହାରଣ୍ୟେ ଅରୁନ୍ଧତିପୁରେ ତଥା। ସ୍ୱଭାବେନ ପୂଜୟାମାସ ମାଧବଂ ମଣିବିଗ୍ରହମ୍।।' ଏହି ଅଭିମତ ମଧ୍ୟ ପରମ୍ପରାରୁ ପ୍ରତିପାଦିତ ହେଉଛି। ବର୍ତ୍ତମାନ ନିଆଳି ମାଧବ ଯେଉଁ ସ୍ଥାନରେ ମାଧବାନନ୍ଦରୂପରେ ପ୍ରତିଷ୍ଠିତ ପଦ୍ମ ପୁରାଣରେ ତାହାକୁ ଅରୁନ୍ଧତିନଗର ବୋଲି କୁହାଯାଇଛି। ସେଠାରେ ଅରୁନ୍ଧ ନାମକ ରାକ୍ଷସକୁ ଭୀମ ବଧ କରିଥିଲେ ବୋଲି ତାହାର ନାମ ଏପରି ହୋଇଛି। ନିଆଳିଲତା କୁଞ୍ଜରେ ଶବରମାନେ ଆନନ୍ଦକନ୍ଦ ନୀଳମାଧବଙ୍କୁ ନେଇ ରଖିଥିଲେ। ପୁରୁଷୋତ୍ତମ କ୍ଷେତ୍ରର ଶିଆଳିଲତା ସ୍ଥାନରେ ଅରୁନ୍ଧତିପୁରର ନିଆଳିଲତା ସୃଷ୍ଟି ହୋଇଥିଲା। ଏହା ମାଧବ ପୂଜାର ଏକ ପ୍ରସିଦ୍ଧ ପୀଠ ଅଟେ।

ସେପରି ପ୍ରାଚୀତଟରେ ଶୋଭନେଶ୍ୱର ମହାଦେବ ଏକ ପ୍ରାଚୀନ ଶିବ ଅଟନ୍ତି। ତାହାର ଉତ୍ତରକୁ ନୀଳମାଧବଙ୍କର ଅନ୍ୟ ଏକ ପୀଠ ଅଛି। ଏହି ନୀଳମାଧବ ଜାଞ୍ଜାଳି ଋଷିଙ୍କ ଦ୍ୱାରା ଉପାସସିତ ହୋଇଥିବାରୁ ତାଙ୍କୁ ଜାଞ୍ଜାଳି ମାଧବ ନାମ ଦିଆଯାଇଛି। ଏହି ମାଧବପୀଠ ଜାବାଳି ବା ଜାଞ୍ଜାଳି ଉପାସନା କ୍ଷେତ୍ର ହେଉ, ଏହି ପବିତ୍ର ସ୍ଥାନରେ ଶବରମାନେ ନୀଳମାଧବଙ୍କ ଉପାସନା କରୁଥିଲେ। ବୈଦିକ ସାହିତ୍ୟରେ ଶତପଥ ବ୍ରାହ୍ମଣରେ (୧୫) ଜାବଳି ଋଷିଙ୍କ ନାମ ଆସିଛି। ପିତାଙ୍କ ନାମ ଜଣା ନଥିବା ଏହି ସତ୍ୟକାମ ଜାବାଳିଙ୍କୁ ହରିଦ୍ରୁମତ ନାମକ ଆଚାର୍ଯ୍ୟ ଶିଷ୍ୟତ୍ୱ ଦେଇ ଋଷି କୋଟିରେ ଗ୍ରହଣ କରି ଥିଲେ। ପ୍ରାଚୀନ ମହାତ୍ମ୍ୟର କପାଳ ଗୌତମ ସମ୍ଭବତଃ ହରିଦ୍ରୁମତଙ୍କର ଅନ୍ୟ ନାମ। ଗ୍ରନ୍ଦେଃଗ୍ୟାପନିଷଦରେ ତାଙ୍କର ପ୍ରଶସ୍ତି ଆସିଛ। ଜାଞ୍ଜାଳି ନାମକ ଋଷି ଉତ୍ତର ବେଦ କାଳରେ ଥିଲେ ମଧ୍ୟ ତାଙ୍କର ଅଧିକ ପ୍ରଶସ୍ତି ନାହିଁ। ତେଣୁ ଏହି ମାଧବଙ୍କୁ ଜାବାଳି ମାଧବ ବୋଲି କହିବା ଅଧିକ ଯୁକ୍ତିଯୁକ୍ତ ହେବ।

ସେତେବେଳେ ପ୍ରାଚୀତଟ ଏକ ପ୍ରଧାନ ଆଧ୍ୟାତ୍ମିକ ଅଞ୍ଚଳରୂପେ ଖ୍ୟାତ ଥିଲା। ସେଠାରେ ଶାବର, ବ୍ରାତ୍ୟ ଓ ଆର୍ଯ୍ୟମାନେ ନାନା ଭାବରେ ଉପାସନାରତ ଥିଲେ। ଶାବର, ଶୈବ, ବୈଷ୍ଣବ ପୀଠରେ ପ୍ରାଚୀତଟ ଅତ୍ୟନ୍ତ ବରିଷ୍ଠ ଥିଲା। ତାହା ମଧ୍ୟରେ ପ୍ରାଚୀନ ଉପାସନା ଥିଲା, ମାଧବ ଉପାସନା। ପ୍ରସିଦ୍ଧ ତନ୍ତ୍ରପୀଠ ଚୌରାଶୀରେ ଥିବା ଲକ୍ଷ୍ମୀନାରାୟଣ ମୂର୍ତ୍ତି ମାଧବ ନାମ ନେଇ ଲଳିତମାଧବ ନାମରେ ପରିଚିତ। ପ୍ରଥମେ ଏଠାରେ ଅପ୍ରାକୃତିକ ମାଧବ ପୂଜା ପ୍ରଚଳିତ ହୋଇ କ୍ରମେ ଶୈଳମାଧବ ପୂଜାରେ ପରିଣତ ହେଲା। ବହୁ ମାଧବ ବିଗ୍ରହ ପ୍ରାଚୀନତମ ସ୍ମୃତି ନେଇ ପ୍ରତିଷ୍ଠିତ ହେଲେ। ଆଜି ସେହି ମାଧବ ମାନଙ୍କର ନାମ ବିଜେସ୍ଥଳୀର ନାମ ସହିତ ଯୋଗ ହୋଇଗଲାଣି। ଯେପରି କି ଗୋଲାରାମାଧବ। ଏହା ଗୋଲାରା ନାମକ ଗ୍ରାମ ସହିତ ଜଡ଼ିତ। ଏହି ମାଧବଙ୍କ ବାସ୍ତବ ନାମ ନୀଳମଣି ମାଧବ ଅଟେ। ଏହି ନାମଟି ଇନ୍ଦ୍ରନୀଳମଣି ମାଧବଙ୍କର ନାମ ସହିତ ସଂପୃକ୍ତ। ମାଧବଙ୍କର ପାରମ୍ପରିକ ସେବକମାନଙ୍କ ବ୍ୟତୀତ ଅନ୍ୟମାନେ ଏହି ମହାନ ସମ୍ବନ୍ଧର ଐତିହ୍ୟ ଭୁଲି ଗଲେଣି। ରଘୁନାଥପୁର ମୌଜାର ଥିବା ମାଧବଙ୍କର ନାମ ଗୁପ୍ତମାଧବ। ଗମ୍ଭାରିପଦା ଗ୍ରାମରେ ମାଧବଙ୍କ ନାମ ଲତାବୃମାଧବ ବା ଲତାବୃତ୍ତମାଧବ। ସେଠାରେ ଲତାହରଣ ନାମକ ବିଚିତ୍ର ସ୍ଥାନ ବିରାଜିତ। ଗୁପ୍ତ, ଲତାବୃତ୍ତ ଓ ଲତାହରଣ ଏହି ଶବ୍ଦ ତ୍ରୟରୁ ଜଣାଯାଉଛି। ଏକଦା ପ୍ରାଚୀକୂଳରେ ପୁରୁଷୋତ୍ତମ କ୍ଷେତ୍ରର ଅନ୍ତର୍ନିହିତ ମାଧବଙ୍କୁ ଲୁଚାଇ ରଖି ପୂଜା କରିବାର ଉଦ୍ୟମ ଚାଲିଥିଲା। ଏହି ପ୍ରାଚୀତଟ ବ୍ରାତ୍ୟ ଓ ଶବରମାନଙ୍କ ବିଳାସଭୂମି ଥିଲା। ଆର୍ଯ୍ୟଙ୍କ ମାଧବ ପୂଜା ଉକ୍ତ ପୀଠମାନଙ୍କର ପରବର୍ତ୍ତୀ ଘଟଣା।


ବରଦା, ବାଲିଚନ୍ଦ୍ରପୁର, ଯାଜପୁର,
ମୋ : ୮୮୯୫୨୯୬୧୬୭





### ମାଉସୀ ମା ଘରେ

#### ଜୟନ୍ତ କୁମାର ମଲ୍ଲିକ୍

ଶ୍ରୀମନ୍ଦିରୁ ଆସି ମାଉସୀମା ଘରେ
ବିଜେ ନୀଳାଚଳ ସାଇଁ
ଭାଇ ଭଉଣୀ ବି ସାଙ୍ଗରେ ଅଛନ୍ତି
ଖୁସି ମନେଇବା ପାଇଁ ।
ଶ୍ରୀମନ୍ଦିର ଦିଶେ ଶ୍ରୀହୀନ ଏବେତ
ରତ୍ନ ସିଂହାସନ ଖାଲି
ମାଉସୀ ମନ୍ଦିରେ ଆସନ୍ତି ଭକତେ
ବଡ଼ଦାଣ୍ଡେ ଚାଲିଚାଲି ।
ଜନମ ବେଦୀରେ ବିଜେ ହୋଇ
ପ୍ରଭୁ ଛନ୍ତି ଗୁଣ୍ଡିଚା ମା କୋଳେ
ପୁଲକିତ ତାଙ୍କ ଦେହ ମନ ପ୍ରାଣ
ଅଶ୍ରୁ ଭରେ ବେନି ଡୋଳେ ।
ସନ୍ତାନକୁ ପାଇ ମାଆ ମନ ଆଜି
ଆନନ୍ଦେ ବିଭୋର ହୁଏ
ମନଜାଣି ତେଣୁ ଅତି ଶରଧାରେ
ନାନା ତିଜ କରି ଖୁଏ ।
ମାଉସୀ ମାଆର ପୋଡ଼ପିଠା ଅଟେ
ସବୁଠାରୁ ସୁଆଦିଆ
ତାକୁ ଖାଇ ଭାରି ଖୁସି ହୋଇଥାନ୍ତି
କଳାକାହ୍ନୁ କପଟିଆ ।
ନଅଦିନ ରହି ମାଉସୀ ପାଖରେ
ଫେରନ୍ତି ବାହୁଡ଼ା ଦିନ
ବାହୁଡ଼ିଲା ପରେ ଗୁଣ୍ଡିଚା ମନ୍ଦିର
ହୋଇଯାଏ ଶିରୀହୀନ ।


+ଶୂରଡିହ,ନନ୍ଦିପୁର,
ଦଶରଥପୁର,ଯାଜପୁର
ମୋ: ୯୪୩୭୮୬୫୭୨୭


### ବରଷା ଆଣିଛି ଭେଟି

#### ପ୍ରଶାନ୍ତ କୁମାର ଦାଶ

ସବୁଜ ସରାଗ ସେନେହ ବାଣ୍ଟି
ବରଷା ଆଣିଛି ଧରାକୁ ଭେଟି
କଅଁଳି ଗଲାଣି ଘାସ
ଗୀତଗାଇ ଚାଷୀ ବିଲେଡାର ପଶି
ଆରମ୍ଭ କଲାଣି ଚାଷ ।
ସଜେଇ ହେଲାଣି ସାଧବବୋହୂ
ଓଠଧାରୁ ଢାଳି ହସର ମହୁ
ବରଷା ବାରିରେ ଭିଜି
ବୁଲେ ଏଣେ ତେଣେ ଜନ ମନ ଜିଣେ
ବେଳେ ବେଳେ ଯାଏ ହଜି ।
ଘଡଘଡି ଡାକ ଥରାଏ ଛାତି
ପିଲାଙ୍କୁ ଡରାଏ ବରଷା ରାତି
ଆକାଶ ଦିଶଇ କଳା
ଜହ୍ନ ଲୁଚିଗଲେ ପୁଣି ଭାସିଯାଏ
ଖଣ୍ଡ ଖଣ୍ଡ ମେଘମାଳା ।
ପକ୍ଷୀଫେରେ ଦେଖି ପବନ ମେଘ
ଧିରେ ବଢିଯାଏ ବରଷା ବେଗ
ଚାତକ ପିଅଇ ଜଳ
ବଢିବାକୁ ଗଛ ଫୁଟିବାକୁ ଫୁଲ
ମାଟି ପାଇଯାଏ ବଳ ।
ମଦରଙ୍ଗାଶାଗ କଅଁଳି ଉଠେ
କଦମ୍ବ କେତକୀ ଗଛରେ ଫୁଟେ
ବଢ଼େ ଗାଆଁମାଟି ଶୋଭା
ବଣ ତୋଟା ଗଛ ସବୁଜ ସୁଷମା
ଦିଶେ କେଡେ ମନଲୋଭା ।
ଗୀତଗାଇ ନଈ ଦୂରକୁ ଧାଏଁ
ବଗୁଲୀ ଗଛରେ ପାଣିକୁ ଚାହେଁ
ନାଉରି ଛୁଟାଏ ନାଆ
ଦିନ ବଢିଗଲେ ଦେହକୁ ଥରାଏ
ପୂରୁବ ଉତ୍ତର ବାଆ ।


+କୁଞ୍ଜର ସଙ୍ଗଳାଇ
ପିପିଲି ପୁରୀ
ମୋ:୯୬୬୮୮୨୨୧୯୦


### କଠଉ

#### ସୁଜିତ କୁମାର ମିଶ୍ର

ଦେହ ସହ ବନ୍ଧୁ ବାନ୍ଧିଥିବା
କଠଉ ହଳକ
ଆମ ହାତ ଗଢା କୋଣାର୍କ ।

ସବୁତକ ଆଘାତକୁ ଶୋଷିନେଇ
ସୁରକ୍ଷାର ଚନ୍ଦନରେ ସେ
ସଭିଙ୍କୁ ଦିଏ ସଜେଇ ।

କଠଉ ଜଡ
ତା ଆପଣାପଣ
ବିମଣ୍ଡିତ ବସନ୍ତର ଫୁଲଗଡ ।

ସ୍ୱର୍ଣ୍ଣିମ ଅତୀତର ଚମକ ନୁହେଁକି
ଆମ ସନାତନ ଧର୍ମର
ଏ ଶ୍ୟାମଳ ସନ୍ତକ ?

ତା ଦେହରେ
ପ୍ରଥମେ ଧସେଇ ପଶି ଆସେ
କ୍ଷତର ରକ୍ତଛିଟା,
ତଥାପି ଘୋଡାର ଟାପୁଟାପୁ ଶବ୍ଦ ପରି
ସେ ନିରନ୍ତର ଚାଲିଥାଏ ଠକଠକ,
ତା ନିର୍ଭିକ ଯୁଦ୍ଧ ଦେଖିଲେ
ମନେ ହୁଏ ସେ
ମାନବର ସୀମାନ୍ତ ସୈନିକ,
ନା ଅଛି ତା'ର ଭୋକର ତାତି
ନା ଦୁଃଖର ଅମାରାତି,
ସେ ନିର୍ବିକାର ଋଷିଙ୍କ
ସୌନ୍ଦର୍ଯ୍ୟ ଜଟା ।

ଦାମୀ ଜୋତାର ପ୍ରାବଲ୍ୟରେ
କଠଉ ଏବେ କୋଣଠେସା,
ଅରଣ୍ୟ ଶୂନ୍ୟ
ମନ ଅରଣ୍ୟ ଦଗ୍ଧ କାମନା ବତୀ,
ପାଦ ଖୋଜୁଛି ଭିନ୍ନ ଏକ ଆଡମ୍ବର,
ସେଇଥିପାଇଁ ତ
କଠଉ ଦେଖ କେତେ ଆଡରଷା ।

ବେଦୀ ବ୍ରତ
ଉଗ୍ର ଆଧୁନିକତାର ରୋଷଣୀରେ
ଆଲୋକିତ,
ବାଳ ବ୍ରହ୍ମଚାରୀ ପାଦରେ
କିଣା ସୁଖର ଫଗୁଣ,
ଆମ ପରମ୍ପରାର ଫୁଲବନରେ
ବିଧ୍ୱଂସୀ ବାଣ,
କଠଉ କେବେ ହେବ
ଆମ ଚଳଣିର କମନୀୟ ସ୍ରୋତ ?

କଠଉରୁ ଝରେ ମହୁ
ସେ ଏବେ ଲହୁଲୁହାଣ ବହୁ ।


+ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର
ମୋ:୭୬୮୩୮୬୭୭୪୨

# ଏହି ଅକ୍ଷରର ମହିଳା ମାନଙ୍କୁ ଜୀବନ ସାଥି କରିବା ପରେ ଚମକି ଉଠେ ଆପଣଙ୍କ ଭାଗ୍ୟ: ଭାଗ୍ୟଶାଳୀ ହୁଅନ୍ତି ପୁରୁଷ

**ଭାଗ୍ୟଶାଳୀ ନାମ: ସମସ୍ତେ ସଫଳ ହେବାକୁ ଚାହାଁନ୍ତି। ଅନେକ ଲୋକ ଏଥିପାଇଁ ବହୁତ ପରିଶ୍ରମ କରନ୍ତି। ତଥାପି, ଭାଗ୍ୟର ଅଭାବ ହେତୁ ସେ ସଫଳତା ହାସଲ କରିବାକୁ ସକ୍ଷମ ନୁହଁନ୍ତି, କିନ୍ତୁ ବିବାହ ପରେ ହଠାତ୍ ତାଙ୍କ ଭାଗ୍ୟ ଉଜ୍ଜ୍ୱଳ ହେବାକୁ ଲାଗେ । ଯେତେବେଳେ ଭାଗ୍ୟର ଦ୍ୱାର ଖୋଲିଯାଏ, ସେମାନେ ସଫଳତାର ସିଡ଼ି ଚଢ଼ିବା ଆରମ୍ଭ କରନ୍ତି । ଏହି ସମୟରେ, ଜୀବନ ସାଥୀ ମଧ୍ୟ ବହୁତ ସମର୍ଥନ ପାଇଥାଏ । ଜ୍ୟୋତିଷ ଶାସ୍ତ୍ରରେ ଏପରି ଲୋକମାନଙ୍କ ବିଷୟରେ କୁହାଯାଇଛି। ଏପରି ପରିସ୍ଥିତିରେ, ଆଜି ଆମେ ଜାଣିବା ଯେ ବିବାହ ପରେ କେଉଁ ଲୋକଙ୍କ ଭାଗ୍ୟ ଖୋଲି ଥାଏ ।**




ଅକ୍ଷର ଏଫ : ଯେଉଁମାନଙ୍କର ନାମ ଏଫ ଅକ୍ଷରରୁ ଆରମ୍ଭ ହୁଏ ସେମାନଙ୍କ ଭାଗ୍ୟ ମଧ୍ୟ ବିବାହ ପରେ ହିଁ ଖୋଲିବା ଆରମ୍ଭ ହୁଏ । ଏପରି ଲୋକମାନେ କଠିନ ପରିଶ୍ରମ ଆଧାରରେ ବିବାହ ପରେ ବହୁତ ଟଙ୍କା ରୋଜଗାର କରନ୍ତି । ସେମାନଙ୍କର ଜୀବନରେ କିଛି ଅଭାବ ଆସେ ନାହିଁ । ଏହି ଅକ୍ଷର ଲୋକମାନଙ୍କର ପତି-ପତ୍ନୀ ବହୁତ ଭାଗ୍ୟବାନ ହେଇଥାନ୍ତି ।

ଅକ୍ଷର ଏଚ: ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ, ବିବାହ ପରେ ଏହିପରି ଲୋକଙ୍କ ଭାଗ୍ୟ ବଦଳିଥାଏ, ଯାହାର ନାମ ଏଚ୍ ଅକ୍ଷରରୁ ଆରମ୍ଭ ହୋଇଥାଏ। ଏହିପରି ଲୋକମାନେ ହଠାତ୍ ବିବାହ ପରେ ସଫଳତାର ସିଡ଼ି ଚଢ଼ିବା ଆରମ୍ଭ କରନ୍ତି । ଏହି ଲୋକମାନେ ମଧ୍ୟ ନିଜ ଜୀବନସାଥୀଙ୍କଠାରୁ ବହୁତ ସହଯୋଗ ସମର୍ଥନ ପାଆନ୍ତି ।

ଅକ୍ଷର ଏମ : ଯେଉଁମାନଙ୍କର ନାମର ପ୍ରଥମ ଅକ୍ଷର ହେଉଛି ଏମ ସେମାନଙ୍କ ବିବାହ ପରେ ଭାଗ୍ୟ ଉଜ୍ଜ୍ୱଳ ହୋଇଥାଏ । ବିବାହ ପୂର୍ବରୁ କଠିନ ପରିଶ୍ରମ ପରେ ମଧ୍ୟ ସେମାନେ ଫଳାଫଳ ପାଆନ୍ତି ନାହିଁ, ବିବାହ ପରେ ସେମାନେ କଠିନ ପରିଶ୍ରମର ଫଳ ପାଇବା ଆରମ୍ଭ କରନ୍ତି । ବିବାହ ପରେ ସେମାନେ ସମାଜରେ ଏକ ଭଲ ପ୍ରତିଷ୍ଠା ପାଆନ୍ତି ।

ଅକ୍ଷର ପି : ପି ଅକ୍ଷରରୁ ଆରମ୍ଭ ହୋଇଥିବା ନାମ, ଯେଉଁମାନେ ବିବାହ ପୂର୍ବରୁ ସଂଘର୍ଷ କରନ୍ତି, କିନ୍ତୁ ବିବାହ ପରେ ସେମାନଙ୍କର ଶୋଇ ରହିଥିବା ଭାଗ୍ୟ ଜାଗ୍ରତ ହୁଏ । ଜୀବନ ସାଥୀଙ୍କ ସହ ଭଲ ଦିନ ଆରମ୍ଭ ହୁଏ । ବିବାହ ପରେ, ଏହି ଲୋକମାନେ ଜୀବନରେ ବହୁତ ଅଗ୍ରଗତି କରନ୍ତି।



# ଆପଣଙ୍କର୍ ଗଳା ଦରଜ ହେଉଛି କି ? କରନ୍ତୁ ଘରୋଇ ଉପଚାର



ଆପଣ ତଣ୍ଟି ଦରଜ ପରି ସମସ୍ୟାର ସମ୍ମୁଖୀନ ହେଉଛନ୍ତି କି ? ଋତୁ ବଦଳିବା ମାତ୍ରେ ଅଧିକାଂଶ ସମୟରେ ଲୋକଙ୍କୁ ଥଣ୍ଡା, ଜ୍ୱର ଆଦି ହୋଇଥାଏ। ତଣ୍ଟି ଦରଜ ଥଣ୍ଡାର ଏକ ପ୍ରମୁ ?ଖ ଲକ୍ଷଣ । ବେଳେ ବେଳେ ତଣ୍ଟି ଦରଜ ଏତେ ବଢ଼ିଯାଏ ଯେ ପାଣି ପିଇବା ତ ଦୂରର କଥା ଛେପ ଢୋକିଲେ ବି କଷ୍ଟ ହୁଏ।

ଋତୁକାଳୀନ ଅସୁସ୍ଥତା, ସଂକ୍ରମଣ, ବାୟୁ ପ୍ରଦୂଷଣ, ବଦହଜମି ଆଦି ତଣ୍ଟି ଦରଜର କାରଣ ହୋଇଥାଏ। ବେଳେ ବେଳେ ଏହି ସମସ୍ୟା ଔଷଧଠାରୁ ଶୀଘ୍ର ଘରୋଇ ଉପଚାରରେ କମିଥାଏ। ତେବେ ଚାଲନ୍ତୁ ଜାଣିବା କ'ଣ କରିବା ଦ୍ୱାରା ତଣ୍ଟି ଦରଜକୁ ହ୍ରାସ କରାଯାଇପାରେ।

ନିୟମିତ ବ୍ୟବଧାନରେ ଗରମ ପାଣି କରି ଗଳାରେ ଗଳଗଳ ବା ଗର୍ଗଲିଂ କରିବା ତଣ୍ଟି ପାଇଁ ଖୁବ୍ ଭଲ ହୋଇଥାଏ। ଏପରି କରିବା ଦ୍ୱାରା ଖୁବ୍ ଶୀଘ୍ର ଉପଶମ ମିଳିଥାଏ।

ତଣ୍ଟି ଦରଜ ସମୟରେ ଆପଣ ଗରମ ପାଣି ପିଇବ ?ାକୁ ଚେଷ୍ଟା କରନ୍ତୁ। ଅତିରିକ୍ତ ଗରମ ପାଣି ପିଇବା ଦ୍ୱାରା ପଟେ ଗରମ ହୋଇ କାଶ ହୋଇଥାଏ। ସେଥିପାଇଁ ଆପଣ ସାମାନ୍ୟ ଗରମ ପାଣି ପିଅନ୍ତୁ।

ଆୟୁର୍ବେଦ କହେ ହଳଦୀରେ ଅନେକ ରୋଗ ଭଲ ହୋଇଥାଏ। ଏହା ସଂକ୍ରମଣକୁ ଦୂରେଇବାରେ ଔଷଧ ପରି କାମ କରେ। ଏଥିପାଇଁ ଆପଣଙ୍କ ତଣ୍ଟି ଦରଜ ଯଦି ସଂକ୍ରମଣ ହେତୁ ହେଉଥାଏ ତ ଆପଣ ହଳଦୀ ମିଶ୍ରଣ କରି ଗରମ ପାଣି ପିଅନ୍ତୁ।

## ଅଳସୀ

ଅଣ-ଜଳସେଚିତ ଜମିରେ ଅଳସୀ ଫସଲ ପାଇଁ ଜମି ପ୍ରସ୍ତୁତ କରନ୍ତୁ। ଓଡ଼ିଶାର ଜଳବାୟୁ ପାଇଁ ଦେଓମାଳି ଓ ଆଇଜିପି ୭୬ କିସମ ଉପଯୁକ୍ତ। ଏକର୍ ପ୍ରତି ଚାରି କିଗ୍ରା ବିହନ ଆବଶ୍ୟକ। ବୁଣିବା ପୂର୍ବରୁ ବିହନକୁ ଭଲଭାବେ ଖରାରେ ଶୁଖାଇ, ବିଶୋଧିତ କରି ବୁଣନ୍ତୁ। ଏକ କିଗ୍ରା ବିହନକୁ ତିନି ଗ୍ରାମ ଥିରାମ କିମ୍ବା ଦୁଇ ଗ୍ରାମ କାର୍ବେଣ୍ଡାଜିମ୍ ମିଶାଇ ବିଶୋଧନ କରନ୍ତୁ। ଜମିକୁ ଭଲ ଭାବେ ଗୁଣ୍ଡ ଚାଷ କରି ଘାସ ବାଛି ଦିଅନ୍ତୁ। ଶେଷ ଓଡ଼ ଚାଷ ସମୟରେ ଏକର୍ ପ୍ରତି ଆଠ କିଗ୍ରା ଲେଖାଏଁ ଯବକ୍ଷାରଜାନ, ଫସଫରସ ଓ ପଟାସ ମୂଳ ସାର ଭାବେ ଦିଅନ୍ତୁ। ଧାଡ଼ି ମଧ୍ୟରେ ତିରିଶ ସେମି ଏବଂ ଗଛ ମଧ୍ୟରେ ଦଶ ସେମି ବ୍ୟବଧାନ ରଖି ମଞ୍ଜି ତିନି ସେମି ଗଭୀରରେ ବୁଣନ୍ତୁ।



# ଜୀବନ-ମନ୍ତ୍ର: ଗଣ୍ଡକୀ ନଦୀ ଓ ଶାଳଗ୍ରାମ ଶିଳା

'ମହାଭାରତ'ର ବନପର୍ବରେ ବର୍ଣ୍ଣିତ ହୋଇଛି, "ଗଣ୍ଡକୀଂତୁ ସମାସାଦ୍ୟ ସର୍ବତୀର୍ଥଜଳୋଦ୍‌ଭବାମ୍ (୮୪/୧୧୪)। ଅର୍ଥାତ୍ ସମଗ୍ର ତୀର୍ଥଜଳ ଏକତ୍ର ହୋଇ ଏହି ନଦୀକୁ ସୃଷ୍ଟି କରିଥିଲେ। ବହୁ ପ୍ରାଚୀନ କାଳର ଏକ ପୁରାଣ ବର୍ଣ୍ଣିତ ଉପାଖ୍ୟାନରୁ ଏହି ନଦୀର ଜନ୍ମ ବିବରଣୀର ସୂଚନା ମିଳିଥାଏ। ଏକଦା ଗୋଲୋକରେ ବାସ କରୁଥିବା ବୃନ୍ଦା ନାମକ ଏକ ସହଚରୀଙ୍କର କୃଷ୍ଣଙ୍କ ପ୍ରତି ଥିବା ପ୍ରୀତି ଏବଂ କୃଷ୍ଣଙ୍କର ତାଙ୍କ ପ୍ରତି ଥିବା ଆକର୍ଷଣରେ କ୍ଷୁବ୍ ?ଧ ହୋଇ, ଦେବୀ ରାଧା ତାଙ୍କୁ ମର୍ତ୍ତ୍ୟଲୋକରେ ଜନ୍ମ ନେବାପାଇଁ ଅଭିଶାପ ଦେଲେ। ଦୁଃଖିତା ବୃନ୍ଦା ମର୍ତ୍ତ୍ୟଲୋକ ଆସି କଠୋର ତପସ୍ୟାରେ ନିମଗ୍ନ ହେଲେ। ତାଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ବ୍ରହ୍ମା ତାଙ୍କୁ ଆଶ୍ୱାସନା ଦେଲେ, ଯେ ନାରାୟଣ ତୁମର ଚିରନ୍ତନ ପ୍ରୀତିଭାଜନ ହେବେ। କିନ୍ତୁ ଏହି ଜନ୍ମରେ ନୁହେଁ।

ବୃନ୍ଦା ଦେହତ୍ୟାଗ କଲେ ଏବଂ ପରବର୍ତ୍ତୀ ଜନ୍ମରେ ସେ ବୃଷଧ୍ୱଜଙ୍କର କନ୍ୟା ତୁଳସୀ ରୂପରେ ଜନ୍ମ ନେଲେ। ଶଙ୍ଖଚୂଡ଼ ନାମକ ଏକ ଦାନବ ସହିତ ତାଙ୍କର ବିବାହ ହେଲା। ଓଡ଼ିଆ ପୁରାଣରେ ଶଙ୍ଖଚୂଡ଼ର ନାଆଁ ଜଳନ୍ଧର। ଶଙ୍ଖଚୂଡ଼ ବରଲାଭ କରିଥିଲା। ଯେ ପର୍ଯ୍ୟନ୍ତ ତୁଳସୀ ସତୀ ହୋଇ ରହିଥିବେ, ସେ ପର୍ଯ୍ୟନ୍ତ ତା'ର ମୃତ୍ୟୁ ହେବ ନାହିଁ। ତେଣୁ ସେ ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳ ଲୋକରେ ଘୋର ଅତ୍ୟାଚାର କଲା। ସେଥିରେ ଅତିଷ୍ଠ ହୋଇ ଦେବତାମାନେ ବିଷ୍ଣୁଙ୍କର ଶରଣ ପଶିଲେ। ଶିବଙ୍କୁ ଶଙ୍ଖଚୂଡ଼ ବଧ ନିମିତ୍ତ ଆୟୋଜନ କରିବାକୁ କହି ବିଷ୍ଣୁ ଶଙ୍ଖଚୂଡ଼ ରୂପ ଧାରଣ କରି ତୁଳସୀଙ୍କ ସହିତ ମିଳିତ ହେଲେ। ଶଙ୍ଖଚୂଡ଼ର ମୃତ୍ୟୁ ହେଲା। ତୁଳସୀ ବିଷ୍ଣୁଙ୍କର ଛଳନା ଜାଣିପାରି ତାଙ୍କୁ ପଥର ହେବାକୁ ଅଭିଶାପ ଦେଲେ। ବିଷ୍ଣୁଙ୍କର ଆଶୀର୍ବାଦରୁ ତୁଳସୀଙ୍କର ଚିତାଭସ୍ମରୁ ଏକ ନଦୀ ସୃଷ୍ଟି ହେଲା। ସମସ୍ତ ତୀର୍ଥଜଳ ଆସି ସେହି ନଦୀକୁ ପରିପୂର୍ଣ୍ଣ କଲେ। ବିଷ୍ଣୁ ସେହି ନଦୀରେ ଶାଳଗ୍ରାମ ଶିଳା ହୋଇ ରହିଲେ। ସେହି ଶିଳାକୁ ବିଷ୍ଣୁଶିଳା, ନାରାୟଣଶିଳା ଆଦି କୁହାଯାଏ। ସେ ଶିଳା ଗଣ୍ଡକୀ ନଦୀରେ ଦେଖାଯାଏ।

ଏହି ନଦୀ ତିବ୍‌ବତର ଧଉଳିଗିରିରୁ ବାହାରି ଭାରତରେ ଆସି ଗଙ୍ଗାରେ ମିଶିଛି। ନେପାଳରେ ଏହାକୁ କାଳୀନଦୀ ତଥା ସପ୍ତଗଣ୍ଡକୀ କୁହାଯାଏ। କାରଣ ହିମାଳୟରୁ ବାହାରି ଥିବା ସାତଟି ଜଳଧାର ଏକତ୍ର ହୋଇ ଗଣ୍ଡକୀର ସୃଷ୍ଟି। ଶାଳଗ୍ରାମ ଶିଳା ଯୋଗୁଁ ଏହି ନଦୀର ଜଳ ଅତ୍ୟନ୍ତ ପବିତ୍ର। ଶାଳଗ୍ରାମ ସ୍ୱୟଂ ବିଷ୍ଣୁଙ୍କର ରୂପ ହୋଇଥିବାରୁ ଏହାକୁ ଅତ୍ୟନ୍ତ ପବିତ୍ର ରୂପେ ଗ୍ରହଣ କରାଯାଏ।



# ମାନସିକ ସ୍ତରରେ କିପରି ଫିଟ୍ ରହିବେ: ନିୟମିତ ଖାଇବାକୁ ପଡ଼ିବ ଏହିସବୁ ଖାଦ୍ୟ



*ଆମେ ଶାରୀରିକ ଭାବେ ସୁସ୍ଥ ରହିବା ଯେତିକି ଗୁରୁତ୍ୱପୂର୍ଣ୍ଣ, ମାନସିକ ଭାବେ ସୁସ୍ଥ ରହିବା ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ । ଯଦି ଜଣେ ମାନସିକ ସ୍ତରରେ ସୁସ୍ଥ ଓ ଶକ୍ତିଶାଳୀ ରୁହେ, ତେବେ ସମସ୍ତ ପ୍ରକାର ଅସୁବିଧା ଓ ଚାପକୁ ସହଜରେ ପ୍ରତିରୋଧ କରିପାରିବ । ଏପରି କିଛି ଫୁଡ୍ ରହିଛି, ଯାହାକି ଆମକୁ ମାନସିକ ସ୍ତରରେ ଫିଟ୍ ରଖିବାରେ ସହାୟତା କରିଥାଏ । ଆସନ୍ତୁ ଆଲୋଚନା କରିବା ସେହି ଫୁଡ୍ ବିଷୟରେ ।*

◆ଅଣ୍ଡାରେ ରହିଥିବା କିଛି ପୋଷକ ତତ୍ତ୍ୱ ଆପଣଙ୍କ ମାନସିକ ଶକ୍ତି ବୃଦ୍ଧିରେ ସାହାଯ୍ୟ କରିଥାଏ । ଏଥିରେ ଥିବା ଫଲିକ୍ ଏସିଡ୍, ବାୟୋଟିନ, କୋଲାଇନ ଆଦି ମସ୍ତିଷ୍କର କୋଷିକାଗୁଡ଼ିର ବିକାଶରେ ସହାୟତା କରିଥାନ୍ତି।

◆ଦହି କେବଳ ଆମର ପାଚନ ତନ୍ତ୍ରକୁ ଠିକ୍ ରଖେ, ତା' ନୁହେଁ, ଏହା ଆମର ମସ୍ତିଷ୍କର କ୍ରିୟାକୁ ନିୟନ୍ତ୍ରଣ କରିଥାଏ । ନିୟମିତ ଖାଦ୍ୟରେ ଦହି ସାମିଲ କରିବା ଦ୍ୱାରା ଏହା ଆପଣଙ୍କ ଚାପକୁ କମ୍ କରିବାରେ ସହାୟତା କରିଥାଏ । ଯଦି ଆପଣ ଚିଡ଼ଚିଡ଼ା ସ୍ୱଭାବର ହୋଇଥାନ୍ତି, ତେବେ ମୁଡ୍ ଠିକ୍ କରିବାରେ ଦହି ସାହାଯ୍ୟ କରିଥାଏ।

◆ସବୁଜ ପନିପରିବା ପର୍ଯ୍ୟାପ୍ତ ମାତ୍ରାରେ ସେବନ କରୁଥିବା ଲୋକଙ୍କର ମସ୍ତିଷ୍କ ଦୀର୍ଘ ବର୍ଷ ପର୍ଯ୍ୟନ୍ତ ସକ୍ରିୟ ରହିଥାଏ, ଯାହା ଆମକୁ ମାନସିକ ସ୍ତରରେ ସୁସ୍ଥ ରଖିଥାଏ ।

◆ଡାର୍କ ଚକୋଲେଟରେ ଥିବା କୋକୋଆ ଆମର ମସ୍ତିଷ୍କର ରକ୍ତସଞ୍ଚାଳନ ପ୍ରକିୟାକୁ ଠିକ୍ ରଖିଥାଏ । ଏତଦବ୍ୟତୀତ ଚକୋଲେଟରେ ଥିବା ଏକ ଉପାଦାନ ଆମର ମସ୍ତିଷ୍କର ଯୁବାବସ୍ଥା ବଜାୟ ରଖିବାରେ ସାହାଯ୍ୟ କରିଥାଏ ।

# ୪୦ବର୍ଷ ପରେ ଡାଏଟରେ ସାମିଲ କରନ୍ତୁ ଏହି ଖାଦ୍ୟ: ସହଜରେ ଅତିକ୍ରମ କରିବେ ବୃଦ୍ଧାବସ୍ଥା

ସାଧାରଣତଃ ବୟସ ବଢି ଯେତେବେଳେ ୪୦ ଅତିକ୍ରମ କରେ ସେତେବେଳେ ଆମ ଶରୀର ଅଧିକ ଯତ୍ନ ଆବଶ୍ୟକ କରେ, ଏହି ବୟସରେ ପ୍ରାୟତଃ ଲୋକମାନେ ଅନେକ ପ୍ରକାରର ରୋଗର ସମ୍ମୁଖୀନ ହୋଇଥାନ୍ତି । ହୃଦରୋଗ, ରକ୍ତଚାପ, ଏପରି ପରିସ୍ଥିତିରେ ପୀଡିତ ହୁଅନ୍ତି, ଯଦି ସମ୍ପୂର୍ଣ୍ଣ ଡାଏଟ୍ ସମସ୍ୟା ଜଟିଳ ହୋଇପାରେ ଯଦି ଯତ୍ନ ନିଆଯାଏ ନାହିଁ ।ଯଦି ଏହି ବୟସରେ ଖାଦ୍ୟ ପାନୀୟ ଠିକ ରହିବ ନାହିଁ ତେବେ ସମସ୍ୟା ଜଟିଳ ହୋଇପାରେ । ଖାସକରି ଶୀତଦିନେ ଯତ୍ନ ନେବା ନିହାତି ଆବଶ୍ୟକ । ତେବେ ଆସନ୍ତୁ ଜାଣିବା ୪୦ବର୍ଷ ପରେ କେଉଁ ଖାଦ୍ୟ ଖାଇବେ ଯାହା ଆପଣଙ୍କ ସ୍ୱାସ୍ଥ୍ୟର ଯତ୍ନ ନେଇପାରିବ ।

ମାଛ– ବୃଦ୍ଧାବସ୍ଥାରେ ହୃଦୟର ଯତ୍ନ ନେବା ଏକ ଚିନ୍ତାର ବିଷୟ, ଏପରି ପରିସ୍ଥିତିରେ ତୁମେ ଟୁନା ଏବଂ ଅନ୍ୟାନ୍ୟ ମାଛ ଖାଇବା ଉଚିତ୍, କାରଣ ଏଥିରେ ପ୍ରଚୁର ପରିମାଣରେ ଓମେଗା -୩ ଫ୍ୟାଟ ଏସିଡ୍ ଥାଏ । ଓମେଗା ଫ୍ୟାଟ ଏସିଡ୍ ରକ୍ତଚାପ, ଲିପିଡସ୍, ଏବଂ ଅନିୟମିତ ହୃଦସ୍ପନ୍ଦନ ହ୍ରାସ କରି ହୃଦୟ ସ୍ୱାସ୍ଥ୍ୟରେ ଉନ୍ନତି ଆଣେ ।

ଶସ୍ୟ– ବୃଦ୍ଧାବସ୍ଥାରେ ଶସ୍ୟ ଖାଇବା ଉଚିତ୍ । ଯଦି ଆପଣ ପ୍ରତିଦିନ ତିନୋଟି ଶସ୍ୟ କିମ୍ବା ଅଧିକ ସେବନ କରନ୍ତି , ତେବେ ଆପଣଙ୍କର ହୃଦଘାତ ହେବାର ଆଶଙ୍କା କମିପାରେ । ଶସ୍ୟ ଆପଣଙ୍କ ଭଲ କୋଲେଷ୍ଟ୍ରୋଲକୁ ବୁଝାଇଥାଏ ଏବଂ ହୃଦଘାତ ହେବାର ଆଶଙ୍କା କମ କରିଥାଏ । ଆପଣ ଓଟସ୍, ବ୍ରାଉନ୍ ଚାଉଳ, ରାଇ, ବାର୍ଲି ସହିତ ଫାଇବର ଖାଦ୍ୟ ଖାଇବା ଉଚିତ୍।

ବିନ– ଏହା ଏମିତି ଏକ ପରିବା ଯାହା ପ୍ରୋଟିନରେ ଭରପୂର, ଏହା ସହିତ ପୋଟାସିୟମ୍ ଏବଂ ବି ଭିଟାମିନ୍ ମଧ୍ୟ ରହିଥାଏ, ଉଭୟ ହୃଦୟ ପାଇଁ ଭଲ । ଶୀତଦିନେ, ଆପଣ ବିଭିନ୍ନ ଉପାୟରେ ଏହାକୁ



ପ୍ରସ୍ତୁତ କରି ଖାଇ ପାରିବେ ଏବଂ ଖାଦ୍ୟରେ ବାଇଗଣ ଅନ୍ତର୍ଭୁକ୍ତ ମଧ୍ୟ କରିପାରିବେ ।

ଡାଳିମ୍ବ– ଡାଳିମ୍ବରେ ଏଲାଗିକ୍ ଏସିଡ୍ ନାମକ ଏକ ଭିଟାମିନ୍ ଥାଏ, ଯାହା ପାଇଁ ଡାଳିମ୍ବକୁ ଏକ ସୁପରଫୁଡ୍ କୁହାଯାଏ, ଏହା ଆପଣଙ୍କୁ ସୁସ୍ଥ ରଖିବା ଅତ୍ୟନ୍ତ ଉପଯୋଗୀ, ଏହି ଖାଦ୍ୟଗୁଡ଼ିକ ଧମନୀରେ ଚର୍ବି ଜମା ନହେବାରେ ସାହାଯ୍ୟ କରିଥାଏ। ଡାଳିମ୍ବ ବ୍ୟବହାର କରିବା ଦ୍ୱାରା ବୃଦ୍ଧି ହୋଇଥିବା କୋଲେଷ୍ଟ୍ରୋଲ୍ କୁ ଏହା ହ୍ରାସ କରିଥାଏ ।

# ରାଜ୍ୟରେ ବଢୁଛି ଡେଙ୍ଗୁ ସଂକ୍ରମଣ: ସବୁ ଜିଲ୍ଲାପାଳଙ୍କୁ ସ୍ୱାସ୍ଥ୍ୟ ବିଭାଗର ଚିଠି




ଭୁବନେଶ୍ୱର, ୦୯/୦୭ (ନି.ପ୍ର): ରାଜ୍ୟରେ ବଢିବାରେ ଲାଗିଛି ଡେଙ୍ଗୁ ସଂକ୍ରମଣ। ଗତ ବର୍ଷ ତୁଳନାରେ ଏ ବର୍ଷ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବର୍ତ୍ତମାନ ସୁଦ୍ଧା ଅଧିକ ରହିଥିବାରୁ ତତ୍ପର ହୋଇଛି ସ୍ୱାସ୍ଥ୍ୟ ବିଭାଗ। ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବୃଦ୍ଧିକୁ ଦେଖି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ଜିଲ୍ଲାର ଜିଲ୍ଲାପାଳ ଓ ମ୍ୟୁନିସିପାଲ କମିଶନରଙ୍କୁ ଚିଠି କରାଯାଇଛି।
ମୌସୁମୀ ଓ ଏହାର ପରବର୍ତ୍ତୀ ସମୟରେ ଡେଙ୍ଗୁ ଓ ମ୍ୟାଲେରିଆ ସଂକ୍ରମଣ ବଢୁଥିବାରୁ ଆଗୁଆ ସତର୍କତା ପଦକ୍ଷେପ ନେବା ସହ ଗତ ୫ ବର୍ଷ ଭିତରେ ରାଜ୍ୟର ଯେଉଁ ଅଞ୍ଚଳ ଡେଙ୍ଗୁ ହଟ୍‌ସ୍ପଟ୍ ରହିଆସିଛି, ସେସବୁ ଅଞ୍ଚଳକୁ ମ୍ୟାପିଂ କରିବା ସହ ସେଠାରେ ସର୍ବେକ୍ଷଣ ଆରମ୍ଭ ଲାଗି ନିର୍ଦ୍ଦେଶ ଦିଆଯାଇଛି। ଏଥିପାଇଁ ସବୁ ଜିଲ୍ଲାପାଳ ଓ ମ୍ୟୁନିସିପାଲ କମିଶନରଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦେଇଛନ୍ତି ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ। ଏଥି ସହିତ ଜିଲ୍ଲାରେ ଜନସଚେତନତା କରିବା ସହ ଆବଶ୍ୟକ ସଂଖ୍ୟକ ଫ୍ରଣ୍ଟଲାଇନ ୱାର୍କର, ଡାଏଗ୍ନୋଷ୍ଟିକ୍ କିଟ୍, ଔଷଧ ମହଜୁଦ ରଖିବା ପାଇଁ କୁହାଯାଇଛି। ସେହିପରି ଅନ୍ୟ ସହଯୋଗୀ ବିଭାଗ ସହ ସମନ୍ୱୟ ରକ୍ଷା, ଟେଷ୍ଟିଂ, ଚିକିତ୍ସା ଓ ଠିକ୍ ସମୟରେ ରେଫରାଲ ଉପରେ ଗୁରୁତ୍ୱାରୋପ କରାଯାଇଛି। ଡେଙ୍ଗୁ-ମ୍ୟାଲେରିଆ ସଂକ୍ରମଣକୁ ରୋକିବା ଲାଗି ଏହାର ଉତ୍ସକୁ ନଷ୍ଟ କରିବା ସହ ରକ୍ତ ଭଣ୍ଡାରରେ ରକ୍ତ ସଂରକ୍ଷିତରଖିବାକୁ କୁହାଯାଇଛି। ଏଥିସହ ହସ୍ପିଟାଲରେ ସ୍ୱତନ୍ତ୍ର ଭାବେ ଡେଙ୍ଗୁ ୱାର୍ଡ ଖୋଲିବା ଓ ସାପ୍ତାହିକ ଡ୍ରାଏ ଡେ’ ପାଳନ ଲାଗି ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ସ୍ୱାସ୍ଥ୍ୟ ସଚିବ। ସେପଟେ ରାଜଧାନୀ ଭୁବନେଶ୍ୱରରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟାକୁ ନେଇ କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଡାକ୍ତର ଦଲ୍ଲୀପ କୁମାର ପଣ୍ଡା କହିଛନ୍ତି ଯେ ଭୁବନେଶ୍ୱରରେ ଅଧିକ ଡେଙ୍ଗୁ ରୋଗୀ ନାହାନ୍ତି। ବାହାରୁ ଅଧିକ ରୋଗୀ ଆସି ଭୁବନେଶ୍ୱରରେ ଟେଷ୍ଟିଙ୍ଗ କରୁଛନ୍ତି। ଯେଉଁଥି ପାଇଁ ଟେଷ୍ଟିଙ୍ଗ ଅଧିକ ହେଉଛି। ଭୁବନେଶ୍ୱରରେ ବିମାନ ବନ୍ଦର ଓ ରେଳ ଷ୍ଟେସନ ଅଛି। ସେଥିପାଇଁ ଅଧିକ ଲୋକେ ଆସି ଟେଷ୍ଟ କରୁଛନ୍ତି। ହେଲେ ଭୁବନେଶ୍ୱରର ଲୋକଙ୍କ ଭିତରେ ରୋଗୀ ସଂଖ୍ୟା କମ। ଦୈନିକ ୫୦ ଟେଷ୍ଟରୁ ୨ରୁ୩ ଡେଙ୍ଗୁ ପଜିଟିଭ ବାହାରୁଛନ୍ତି। କ୍ୟାପିଟାଲ ହସ୍ପିଟାଲରେ ୨୦ ଡେଙ୍ଗୁ ବେଡ଼ ଓ ୨୦ ଜେନେରାଲ ବେଡ଼ ଡେଙ୍ଗୁ ରୋଗୀଙ୍କ ପାଇଁ ରଖାଯାଇଛି। ଅନ୍ୟପଟେ ଭୁବନେଶ୍ୱର ମେୟର ସୁଲୋଚନା ଦାସ କହିଛନ୍ତି ଭୁବନେଶ୍ୱର ମହାନଗର ଅଞ୍ଚଳ ଏ ଯାଏଁ ଡେଙ୍ଗୁ ହଟସ୍ପଟ ହୋଇନି। କେବଳ ୩,୮ ଓ ୧୪ ନମ୍ବର ୱାର୍ଡରୁ ରୋଗୀ ଚିହ୍ନଟ ହୋଇଛନ୍ତି। ଏ ଯାଏଁ ବିଏମସି ଅଞ୍ଚଳରୁ ୪୩ ଡେଙ୍ଗୁ ରୋଗୀ ରିପୋର୍ଟ ହୋଇଛନ୍ତି। ଗତ ଥର ପରି ଭୟଙ୍କର ସ୍ଥିତି ନାହିଁ। ବହୁ ପୂର୍ବରୁ ଇଗଡ ପ୍ରସ୍ତୁତ ଅଛି। ସ୍ୱାସ୍ଥ୍ୟ ବିଭାଗ୍ଭି ସବୁ ଟଖଇ କୁ ଚିଠି କରିଛି। ବର୍ଷା ଦିନ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ ରହିଛି। ଏଣୁ ଆମେ ସଚେତନତା କାର୍ଯ୍ୟକ୍ରମ ମଧ ଅଙ୍ଗନବାଡି, ସ୍ୱାସ୍ଥ୍ୟ ଓ ଆଶା କର୍ମୀଙ୍କ ଦ୍ୱାର କରାଉଛୁ। ଘର ଘର ବୁଲି ଟିମ ଉତ୍ସ ଖୋଜି ଡେଙ୍ଗୁର ଲାଭା ଖୋଜି ନଷ୍ଟ କରୁଛନ୍ତି। ଡ୍ରାଏ ଡେ ପାଳନ ପାଇଁ ବୁଝାଯାଇଛି। ଘର ଓ ଆଖପାଖ ସଫା ରଖିବା ନେଇ ସଚେତନ କରାଯାଇଛି। ମଶା ତେଲ ଓ ଫଗିଙ୍ଗ, ଟାଇଆର ଲିଫ୍ଟଇଂ, ସଫା କାର୍ଯ୍ୟକ୍ରମ ଉପରେ ଜୋର ଦିଆଯାଉଛି। ଖୁବ ଶୀଘ୍ର ଫ୍ଲାଗାଥନ କରାଯିବ ଯେଉଁଥିରେ ଷ୍ଟ୍ରିଟ ପ୍ଲେ ଓ ରାଲି ମାଧ୍ୟମରେ ଲୋକଙ୍କୁ ସଚେତନ କରାଯିବ। ଭୁବନେଶ୍ୱରରେ ତିନୋଟି ଜୋନରେ ସଚେତନତା ରଥ ବୁଲୁଛି, ଆଗୁକୁ ସବୁ ଅଞ୍ଚଳରେ ବୁଲାଯିବ।

# ଶୁଖିଲା ପଡ଼ିଛି ରେଙ୍ଗାଳି ଜଳଭଣ୍ଡାର: ବିଦ୍ୟୁତ୍ ଉତ୍ପାଦନ ବାଧାପ୍ରାପ୍ତ ଆଶଙ୍କା



ଅନୁଗୁଳ, ୦୯/୦୭ (ନି.ପ୍ର): ମୌସୁମୀ ଛୁଇଁବାକୁ ଏ ଭିତରେ ଦୁଇ ସପ୍ତାହ ହେଲାଣି। ହେଲେ ଭଲ ବର୍ଷା ନାହିଁ। ତେଣୁ ଅନୁଗୁଳ ଜିଲ୍ଲାର ସମସ୍ତ ଜଳଭଣ୍ଡାର ଶୁଖିଲା ପଡ଼ିଛି। ରେଙ୍ଗାଳି ଜଳଭଣ୍ଡାରରେ ମାତ୍ର ୧୧୦.୭୨ ମିଟର ପାଣି ରହିଛି। ଆଉ ୧ ମିଟର ପାଣି ଶୁଖିଗଲେ ଏଠାରୁ ବିଜୁଳି ଉତ୍ପାଦନ ବି ବନ୍ଦ ହୋଇଯିବ। ଏପଟେ ଡେରେଜାଙ୍ଗ ଓ ମାନଯୋର ଜଳଭଣ୍ଡାର ମଧ ଖାଲି ପଡ଼ିଛି।
ଚଳିତବର୍ଷ ଅନୁଗୁଳରେ ନିଅଣ୍ଟିଆ ବର୍ଷା ଲାଗି ରହିଛି। ଏପ୍ରିଲ ଓ ମେ’ ମାସରେ କାଳବୈଶାଖୀ ବର୍ଷା ହୋଇନି। ଏହି ଦୁଇ ମାସରେ ପ୍ରବଳ ଖରା ସହ ବିଲ୍‌କୁଲ ବର୍ଷା ନ ହେବାରୁ ଜଳଭଣ୍ଡାରଗୁଡ଼ିକର ଜଳପତ୍ତନ ତଳକୁ ଖସିଥିଲା। ଆଶା କରାଯାଉଥିଲା, ଜୁନ୍‌ରେ ମୌସୁମୀ ଆସିଲେ ନିଅଣ୍ଟିଆ ବର୍ଷାକୁ ଭରଣା କରିଦେବ। ହେଲେ ଜୁନ୍‌ରେ ଅନୁଗୁଳ ଜିଲ୍ଲାରେ ୪୨ ପ୍ରତିଶତ ନିଅଣ୍ଟିଆ ବର୍ଷା ସ୍ଥିତିକୁ ଅଧିକ ବିଗାଡ଼ି ଦେଇଛି। ଜଳଭଣ୍ଡାରଗୁଡ଼ିକର ଜଳସ୍ତର ସର୍ବନିମ୍ନ ସ୍ତରକୁ ଖସିବାକୁ ବସିଲାଣି। ରେଙ୍ଗାଳି ଜଳଭଣ୍ଡାରରେ ଜଳସ୍ତର ଏବେ ୧୧୦.୭୨ ମିଟର ରହିଛି। ଏହି ଜଳଭଣ୍ଡାରର ସର୍ବୋଚ୍ଚ ଜଳଧାରଣ କ୍ଷମତା ୧୨୩ ମିଟର ରହିଥିଲା ବେଳେ ବିଜୁଳି ଉତ୍ପାଦନ ପାଇଁ ସର୍ବନିମ୍ନ ଜଳସ୍ତର ରହିଛି ୧୦୯.୭୨ ମିଟର। ଅର୍ଥାତ୍ ଜଳସ୍ତର ଆଉ ୯୦ ସେମି କମିଗଲେ ଏଠାକାର ଜଳ ଆଉ ବ୍ୟବହାର କରିହେବନି। ବ୍ରାହ୍ମଣୀର ଉପରମୁଣ୍ଡରେ ବର୍ଷାର ପରିମାଣ କମ୍ ଥିଲା ବେଳେ ଅନୁଗୁଳରେ ମଧ୍ୟ ଭଲ ବର୍ଷା ନାହିଁ। ଏମିତି ପରିସ୍ଥିତିରେ ବିଜୁଳି ଉତ୍ପାଦନ ଲାଗି ରହିଲେ ଜଳଭଣ୍ଡାର ଖାଲି ହୋଇଯିବାର ଆଶଙ୍କା ରହିଛି। ଏପଟେ ଏହି ଜଳଭଣ୍ଡାରରେ ଜଳସ୍ତର କମିବା ପରେ ବ୍ରାହ୍ମଣୀ ନଦୀର ତଳମୁଣ୍ଡରେ ଏହାର ପ୍ରଭାବ ପଡ଼ିଛି। ଜଳଭଣ୍ଡାର ତଳେ ଥିବା ସମଲ ବ୍ୟାରେଜ୍‌ରେ ମଧ ଜଳସ୍ତର କମିଛି। ଏଠାରୁ ବିଭିନ୍ନ ପାନୀୟ ଜଳ ପ୍ରକଳ୍ପକୁ ପାଣି ଦିଆଯାଉଛି। ଅନୁଗୁଳ ଓ ଢେଙ୍କାନାଳର ଜିଲ୍ଲାର ଅଧା ଡଜନ୍ ଶିଳ୍ପ ସଂସ୍ଥା ମଧ ପାଣି ନେଉଛନ୍ତି। ଫଳରେ ତଳମୁଣ୍ଡକୁ ଆଉ ବିଶେଷ ପାଣି ବଳୁନି। ସେଥିପାଇଁ ତଳ ମୁଣ୍ଡରେ ଥିବା ଜିଲ୍ଲାଗୁଡ଼ିକ ସମସ୍ୟା ପଡୁଛନ୍ତି। ପାନୀୟ ଜଳ ଯୋଗାଣ ସହ ଉଠା ଜଳସେଚନ ପ୍ରକଳ୍ପଗୁଡ଼ିକ ଆବଶ୍ୟକ ପାଣି ପାଇବା ନେଇ ଆଶଙ୍କା ରହୁଛି।
କେବଳ ରେଙ୍ଗାଳି ଜଳଭଣ୍ଡାର ଶୁଖିଲା ପଡ଼ିଛି ତାହା ନୁହେଁ, ମଧ୍ୟମ ଜଳସେଚନ ପ୍ରକଳ୍ପ ଡେରେଜାଙ୍ଗ ଓ ମାନଯୋର ଜଳଭଣ୍ଡାରରେ ମଧ ପାଣି ନାହିଁ। ଡେରେଜାଙ୍ଗ ଡ୍ୟାମ୍‌ରୁ ଅନୁଗୁଳ ସହରକୁ ପାନୀୟ ଜଳ ଯୋଗାଣ କରାଯିବା ସହ ତଳମୁଣ୍ଡରେ ଜଳସେଚନ ହେଉଛି। ଖରିଫ୍‌ରେ ପ୍ରାୟ ୭ ହଜାର ହେକ୍ଟର ଓ ରବିରେ ପ୍ରାୟ ୨ ହଜାର ହେକ୍ଟର ଜମିକୁ ଏଠାରୁ ପାଣି ଯୋଗାଇ ଦିଆଯାଉଛି। କିନ୍ତୁ ଏଥର ବର୍ଷା ନ ଥିବାରୁ ଏହା ବି ଶୁଖିଲା। ଲଗାଣ ବର୍ଷା ହେଲେ ଏହି ଦୁଇ ଜଳଭଣ୍ଡାର ଭରିବା ଆଶା ରହିଥିଲା ବେଳେ ଆସନ୍ତା ଦୁଇ ସପ୍ତାହ ଭିତରେ ଲଗାଣ ବର୍ଷା ନ ହେଲେ ସମସ୍ୟା ନିଶ୍ଚିତ ବୋଲି ବିଭାଗୀୟ ଅଧିକାରୀ କହିଛନ୍ତି।

## କେନାଲ ପୋଲ ଉପରେ ମାଟି ପକାଇ ପ୍ୟାଚ କାମ ଆରମ୍ଭ

ବଲାଙ୍ଗୀର, ୦୯/୦୭ (ନି.ପ୍ର): ଆଗଲପୁର (ଡୁଡୁକା) ବ୍ଲକ କୁଟାସିଂହା-ପଟୁଆପାଲି ରାସ୍ତାର ଦବି ଯାଇଥିବା କେନାଲ ପୋଲ ଉପରେ ମାଟି ପକାଇ ପ୍ୟାଚ କରାଯାଉଥିବା ଦେଖାଯାଇଛି। କଂକ୍ରିଟ ରାସ୍ତା ଉପରେ ମାଟି ପକାଇବା କେତେ ଯୁକ୍ତି ଯୁକ୍ତ ଏହା ଦେଖି ଲୋକେ ପ୍ରଶ୍ନ ଉଠାଇଛନ୍ତି। ସୂଚନା ଅନୁସାରେ ଠିକାଦାର ଏହି ରାସ୍ତା ଉପରେ ୨ ଟି ପୋଲ ନିର୍ମାଣ କରିଛନ୍ତି। ୨ଟି ଯାକ ପୋଲର ଉଭୟ ପାର୍ଶ୍ୱ କଂକ୍ରିଟ ନିମ୍ନମାନର କାମ ଯୋଗୁଁ ଦବି ଯାଇଥିଲା। ରାସ୍ତା ଦବି ବଡ ବଡ଼ ଗର୍ତ ସୃଷ୍ଟି ହୋଇଥିବାରୁ ଲୋକେ ଦୁର୍ଘଟଣା ର ଶିକାର ହେବା ପୁଣି ଅଭିଯୋଗ ହେବାରୁ ଆଜି ଲୋକ ଲଗାଇ ମାଟି ପକାଇ ମରାମତି କରୁଛନ୍ତି ସମ୍ପୃକ୍ତ ଠିକାଦାର। ପୁଣି ବିନା ସୂଚନା ଫଳକରେ ଆର ଡି ବିଭାଗ ପକ୍ଷରୁ କୋଟି କୋଟି ଟଙ୍କାର କାମ ହେଉଥିବାରୁ ଦୁର୍ନୀତି ର ଗନ୍ଧ ବାରି ହୋଇପଡୁଥିବା କିଛି ଲୋକ କହୁଛନ୍ତି। ଏମିତି ନିମ୍ନମାନର କାମର ବହୁ ଅଭିଯୋଗ ହେଉଥିଲେ ମଧ୍ୟ ପ୍ରଶାସନର ସ୍ଥାଣୁତା ଲୋକଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି ତେଣୁକରି ଏ ସବୁର ଉଚ୍ଚ ସ୍ତରୀୟ ତଦନ୍ତ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ଉତ୍ପତ୍ତିସ୍ଥଳରୁ ଦେଶୀ ଧାନ ଗାଏବ



ଜୟପୁର, ୦୯/୦୭ (ନି.ପ୍ର): କୋରାପୁଟ ଜିଲ୍ଲା ଧାନର ଉତ୍ପତ୍ତି ସ୍ଥଳ। କିନ୍ତୁ ଧୀରେ ଧୀରେ ଏହି ଜିଲ୍ଲାରୁ ପାରମ୍ପରିକ ଦେଶୀ ବିହନ ଗାଏବ ହେବାରେ ଲାଗିଛି। ଜିଲ୍ଲାରେ ପୂର୍ବରୁ ୨ହଜାରରୁ ଉର୍ଦ୍ଧ୍ୱ କିସମର ପାରଂପରିକ ଧାନ ବିହନ ରହିଥିଲା। ଦେଶୀ ବିହନ ଚାଷ କଲେ ଅଳ୍ପ ଉତ୍ପାଦନ ସହ ଅଧିକ ସମୟ ଲାଗିଥାଏ। ତେଣୁ ଧାନ ବିକ୍ରି ରୋଜଗାର ଉପରେ ସଂପୂର୍ଣ୍ଣ ନିର୍ଭର କରୁଥିବା ଚାଷୀ ସମୟକ୍ରମେ ପାରମ୍ପରିକ ବିହନ ଠାରୁ ବିମୁଖ ହେବାରେ ଲାଗିଛନ୍ତି। ଅଳ୍ପ ଜମିରେ ଅଧିକ ଉତ୍ପାଦନ ତଥା କମ୍ ସମୟ ମଧରେ ଉତ୍ପାଦନ ନିମନ୍ତେ ବଜାରରେ ମିଳୁଥିବା ହାଇବ୍ରିଡ୍ ତଥା ବିହନ ନିଗମର ବିହନ କିଣୁଛନ୍ତି। ବର୍ତ୍ତମାନ କୋରାପୁଟ ଜିଲ୍ଲାର କାଁଭାଁ ଚାଷୀ ପାରଂପରିକ ବିହନ ଚାଷ କରୁଛନ୍ତି। ଜିଲ୍ଲାରେ ଏମ୍.ଏସ୍ ସ୍ୱାମୀନାଥନ ଗବେଷଣା କେନ୍ଦ୍ର, ଜିଲ୍ଲା ସଂଗ୍ରହଳାୟ, ପଦ୍ମଶ୍ରୀ କମଳା ପୂଜାରୀ, ଚାଷୀ ନେତ୍ରାନନ୍ଦ ଲେଙ୍କା, ମନୋଜ ପାତ୍ର, କୋରାପୁଟ ଆଦିବାସୀ ସଂଗ୍ରହଳାୟ ସହ ଅଳ୍ପ କିଛି ବ୍ୟକ୍ତିଙ୍କ ନିକଟରେ ପାରମ୍ପରିକ ବିହନ ନମୁନା ସଂରକ୍ଷିତ ହୋଇ ରହିଛି। ପ୍ରାୟ ୨୨୦ କିସମର ପାରମ୍ପରିକ ବିହନ ନିଜ ପାଖରେ ସଂରକ୍ଷିତ କରି ରଖିଥିବା ପଦ୍ମଶ୍ରୀ କମଳା ପୂଜାରୀ କହିଛନ୍ତି। ଆସାମ ଚୁଡ଼ି, ଉମୁରିଆ ଚୁଡ଼ି, ମହୁରୀ, କଳାବତୀ, ହାଣ୍ଡିଶାଳ, ମଲାଗଣ୍ଡା, ସମୁଦ୍ରବାଲି, କଳାଜିରା, କାହ୍ନୁ, କଳାମାଳି, ସୋରିଷରାଣୀ ଭଳି ୨୮୭ କିସମ ବିହନକୁ ବଞ୍ଚାଇ ରଖିବାକୁ ପ୍ରୟାସ କରିବା ସହ ଚାଷ କରୁଛନ୍ତି ନେତ୍ରାନନ୍ଦ ଲେଙ୍କା। ପାରଂପରିକ ବିହନରେ ଏକର ପିଛା ମାତ୍ର ୫ରୁ ୧୦ କୁଇଣ୍ଟାଲ ପର୍ଯ୍ୟନ୍ତ ଧାନ ଅମଳ ହୋଇଥାଏ। ଏଥିପାଇଁ ପୁଣି ୧୨୦ରୁ ୧୫୫ ଦିନ ସମୟ ଲାଗେ। ଅନ୍ୟପକ୍ଷରେ ହାଇବ୍ରିଡ୍ ବିହନ ତଥା ନିଗମ ଦ୍ୱାରା ବିକ୍ରି ହେଉଥିବା ଅଧିକ ଅମଳକ୍ଷମ ବିହନ ଅଢ଼େଇରୁ ୩ମାସ ମଧରେ ଅମଳ ହେଉଥିଲା ବେଳେ ଏକର ପିଛା ୨୦ କୁଇଣ୍ଟାଲରୁ ଅଧିକ ଧାନ ଉତ୍ପାଦନ ହୋଇଥାଏ। ଜିଲ୍ଲାରେ ବହୁ କମ ଚାଷୀ ହିଁ ଏବେ କଳାଜିରା, ଆସାମଚୁଡ଼ି, ଯଯାତି ଆଦି ପୁରୁଣା ବିହନ ଚାଷ କରୁଛନ୍ତି। ପୁଣି ଅଧିକ ଅମଳ ପାଇଁ ଚାଷୀ ବର୍ତ୍ତମାନ ଅଧିକ ପରିମାଣରେ ରାସାୟନିକ ସାର ସହ କୀଟନାଶକ ବ୍ୟବହାର କରୁଛନ୍ତି। ଯାହାଫଳରେ ଜମିରେ ଅମ୍ଳତା ବଢୁଛି। ତେଣୁ ଆଗକୁ ଜମି ଉର୍ବରତା ହରାଇବା ସହ ପ୍ରକୃତିକୁ କ୍ଷତିଗ୍ରସ୍ତ କରିବ ବୋଲି ପରିବେଶବିତ୍ କହିଛନ୍ତି। ପାରଂପରିକ ବିହନ ଚାଷ ପାଇଁ ସରକାର ଅଧିକରୁ ଅଧିକ ପ୍ରୋତ୍ସାହନ ଯୋଗାଇ ଦେବାକୁ ଦାବି ହୋଇଛି।

# ଆଉ ପାଦେ ଆଗେଇଲା ବୃଉଙ୍ଗ ପ୍ରକଳ୍ପ: ମିଳିଲା ଦ୍ୱିତୀୟ ପର୍ଯ୍ୟାୟ ପରିବେଶ ମଞ୍ଜୁରି

ନୟାଗଡ଼/ଦଶପଲ୍ଲା, ୦୯/୦୭ (ନି.ପ୍ର): ନୟାଗଡ଼ ଜିଲ୍ଲାବାସୀଙ୍କ ଦୀର୍ଘ ପ୍ରାୟ ପାଞ୍ଚ ଦଶନ୍ଧିର ସ୍ୱପ୍ନ ପୂରଣ ହୋଇଛି। ବହୁ ପ୍ରତୀକ୍ଷିତ ବୃଉଙ୍ଗ ଜଳସେଚନ ପ୍ରକଳ୍ପକୁ ଦ୍ୱିତୀୟ ପର୍ଯ୍ୟାୟ ପରିବେଶ ମଞ୍ଜୁରି ମିଳିଛି। କେନ୍ଦ୍ର ସରକାରଙ୍କ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ମନ୍ତ୍ରାଳୟର ମଞ୍ଜୁରି ପରେ ଏହି ପ୍ରକଳ୍ପ ବାସ୍ତବ ରୂପ ନେବାକୁ ଯାଉଥିବାରୁ ଜିଲ୍ଲାର ହଜାର ହଜାର ଚାଷୀଙ୍କ ମୁହଁରେ ଉତ୍ସାହ ଦେଖାଦେଇଛି। ଏହି ପ୍ରକଳ୍ପ ଦ୍ୱାରା ନୟାଗଡ଼ ଜିଲ୍ଲାର ଦଶପଲ୍ଲା, ଖଣ୍ଡପଡ଼ା, ନୂଆଗାଁ ଓ ଓଡ଼ଗାଁ ବ୍ଲକର ୨୩ ହଜାର ୩ ଶହ ହେକ୍ଟର ଜମି ଜଳସେଚିତ ହେବାସହ ପାନୀୟଜଳର ମଧ ସୁବନ୍ଦୋବସ୍ତ ହୋଇପାରିବ। ଟାକରା ପଞ୍ଚାୟତର ମଞ୍ଜାରୀ ନିକଟରେ ଥିବା ମାଇ ଓ ଡାବଲଦେଇ ପାହାଡ଼ର ସଂଯୋଗରେ ଏହି ପ୍ରକଳ୍ପ ନିର୍ମାଣ କରାଯିବ। ସମୁଦାୟ ୩,୫୫୨ ହେକ୍ଟରରେ ନିର୍ମାଣ ହେବାକୁ ଥିବା ଏହି ପ୍ରକଳ୍ପ ମଧ୍ୟରେ ୧୫୨୪.୧୭ ହେକ୍ଟର ଜଙ୍ଗଲ ଜମି, ୭୯୦.୮୮ ହେକ୍ଟର ସରକାରୀ ଜମି ଓ ୧୨୩୭.୦୧ ହେକ୍ଟର ବେସରକାରୀ ଜମି ଥିବାବେଳେ ୨୧୨୧.୪୧ ହେକ୍ଟର ଜମି ଜଳ ପ୍ଲାବିତ ହେବ। ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା ପାଇଁ ବୃଉଙ୍ଗ ଜଳସେଚନ କ୍ରିୟାନୁଷ୍ଠାନ କମିଟିର ପଦଯାତ୍ରାଠାରୁ ଆରମ୍ଭ କରି ବିଧାନସଭାରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ନାନା ପ୍ରଶ୍ନ ଉଠାଇଥିଲେ। ଗତ ସାଧାରଣ ନିର୍ବାଚନ ପୂର୍ବରୁ ରାଜ୍ୟ ସରକାର ପ୍ରାଥମିକ ପର୍ଯ୍ୟାୟରେ ୧୭୦୦ କୋଟି ଟଙ୍କା ମଞ୍ଜୁର କରିଥିବା ନେଇ ଘୋଷଣା କରିଥିଲେ।
ତେବେ, ପ୍ରଥମ ପର୍ଯ୍ୟାୟ ପରିବେଶ ମଞ୍ଜୁରି ସମୟରେ ଦଶପଲ୍ଲା ତହସିଲର ୩ଟି ସର୍କଲ ଚଡ଼େୟାପଲ୍ଲୀ, କୁଲୁରୁକୁମ୍ପା ଓ ନେଳିଗୁଡ଼ା ସର୍କଲର ପ୍ରାୟ ୧୬ ହଜାର ୯ଶହ ୬୫ ଏକର ଜାଗାକୁ କଞ୍ଜର୍ଭେସନ ରିଜର୍ଭ ଘୋଷଣା ପାଇଁ ସର୍ତ୍ତାବଳୀ ରହିଥିଲା। କିଛିମାସ ତଳେ ଭୁବନେଶ୍ୱରରେ ବସିଥିବା ଉଚ୍ଚସ୍ତରୀୟ ବୈଠକରେ ଏସବୁ ଜାଗା ମଧରେ ବିକାଶମୂଳକ କାର୍ଯ୍ୟପାଇଁ ପ୍ରାୟ ୪ ହଜାର ୩ ଶହ ହେକ୍ଟର ସ୍ଥାନ ସମେତ ୯୬ଟି ଗ୍ରାମକୁ ଏଥିରୁ ବାଦ୍‌ଦେବାକୁ ନିଷ୍ପତ୍ତି ହୋଇଥିଲା। ଏ ନେଇ କେନ୍ଦ୍ର ସରକାର ମଧ ସହମତି ପ୍ରକାଶ କରିଥିଲେ। ଉଭୟଙ୍କ ସହମତି କ୍ରମେ ବିକାଶମୂଳକ କାର୍ଯ୍ୟପାଇଁ ଏସବୁ ସ୍ଥାନ ଏବଂ ଗ୍ରାମକୁ ବାଦ୍ ଦିଆଯିବାକୁ ନିଷ୍ପତ୍ତି ହେବାପରେ ତହସିଲ ପକ୍ଷରୁ ସେସବୁ ସ୍ଥାନ ଏବଂ ଗ୍ରାମକୁ ଚିହ୍ନଟ କରାଯାଇ ଜିଲ୍ଲାପାଳଙ୍କ ନିକଟରେ ରିପୋର୍ଟ ଦାଖଲ କରାଯିବା ସହ କେନ୍ଦ୍ର ସରକାରଙ୍କ ନିକଟକୁ ପଠାଯାଇଥିଲା। ଅନ୍ୟପକ୍ଷରେ, ଜଙ୍ଗଲ କ୍ଷୟର ଭରଣା ବା ନୂତନ ବନୀକରଣ ଏବଂ ହାତୀ କରିଡର ପାଇଁ ପ୍ରଥମ ପର୍ଯ୍ୟାୟରେ ଜଳସମ୍ପଦ ବିଭାଗ ୭୫ କୋଟି ୮୫ ଲକ୍ଷ ୨୯ ହଜାର ୩୧୪ ଟଙ୍କା ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୮୦ କୋଟି ୨୯ ଲକ୍ଷ ୭୨ ହଜାର ୫ଶହ ଟଙ୍କା ବନବିଭାଗ ନିକଟରେ ଦାଖଲ କରିଥିବା ଜଣାପଡ଼ିଛି।

## ଜାତୀୟସ୍ତରୀୟ ପଲ୍ଲୀଶ୍ରୀ ମେଳାରେ ଲୋକସମ୍ପର୍କ ବିଭାଗର ଫଟୋଚିତ୍ର ପ୍ରଦର୍ଶନୀ

ପୁରୀ/ଭୁବନେଶ୍ୱର, ୦୯/୦୭ (ନି.ପ୍ର): ଶ୍ରୀଜଗନ୍ନାଥ ସଂସ୍କୃତିର ଅନାଲୋଚିତ ଅଧ୍ୟାୟ ଏବଂ ଓଡିଆ ଅସ୍ମିତାକୁ ବିଶ୍ୱଦରବାରରେ ପହଂଚାଇବା ଲକ୍ଷ୍ୟରେ ଓଡିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ସ୍ଥାନୀୟ ଭୋଳାନାଥ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ଜାତୀୟ ସ୍ତରୀୟ ପଲ୍ଲୀଶ୍ରୀ ମେଳା ପରିସରରେ ଫଟୋଚିତ୍ର ପ୍ରଦର୍ଶନୀ ଆୟୋଜନ କରାଯାଇଛି। ଏଠାରେ ୧୭୦୦ ମସିହାରୁ ଅଦ୍ୟାବଧି ଶ୍ରୀମନ୍ଦିରର ବହୁ ବିରଳ ଓ ଦୁର୍ଲ୍ଲଭ ଫଟୋଚିତ୍ର, ପେଂଟିଂ ଓ ତାଳପତ୍ର ଖୋଦେଇ ଫଟୋ ବୋର୍ଡଗୁଡିକ ଅତି ଆକର୍ଷଣୀୟ ଢଙ୍ଗରେ ପ୍ରଦର୍ଶନ କରାଯାଇଛି। ସେହିପରି, ପ୍ରତି ପ୍ରଦର୍ଶନୀ ବୋର୍ଡରେ ସ୍ଥାନିତ ଫଟୋ ସହିତ ଉତମ ସାମଞ୍ଜସ୍ୟ ରଖି ପୁରାତନ ରଚନାରୁ ଉଦ୍ଧୃତ କବିତା ପଂକ୍ତିଗୁଡିକ ଓଡିଆ ଅସ୍ମିତାର ଭାବଧାରାକୁ ପୁନର୍ଜୀବିତ କରୁଛି। ଯେପରିକି ‘ସେ କମ୍ଭୁ କଟକ ରାଜା ନାମ ଜଗନ୍ନାଥ, ଚଉବର୍ଣ୍ଣେ ଚାରିବର୍ଗ ଦେବାକୁ ସମର୍ଥ’, ‘ଓଡ୍ର ରାଷ୍ଟ୍ରରେ ନୀଳଗିରି, ଯହିଁ ବିଜୟେ ନରହରି, ଜଗତ ଈଶ୍ୱର ଠାକୁର, ଲୀଳାଏ ନାନା ଅବତାର’, ‘ନାଥ ତୋ କ୍ଷେତ୍ରେ ସାନବଡ ନାହିଁ, ବ୍ରାହ୍ମଣ ଚାଣ୍ଡାଳ ଯେ ସରି ଦୁଇ’, ‘ସେତ ଅନୁପମ ଜଗନ୍ନାଥ ଧାମ, ନାହିଁ ତହିଁ ଜାତି ଭେଦ ଧରମ, ଶବର ଚାଣ୍ଡାଳ ବ୍ରାହ୍ମଣ ପାମର, ନୀଳାଦ୍ରୀନାଥଙ୍କ ପ୍ରିୟ ସନ୍ତାନ’, ‘ଭାରତେ ଉତ୍କଳ ଦେଶେ, ଭୂସ୍ୱର୍ଗେ ପୁରୁଷୋତମେ, ଦାରୁରୂପୀ ଜଗନ୍ନାଥୋ, ଭକ୍ତାନାଂ ଅଭୟ ପ୍ରଦଃ’, ‘ଦକ୍ଷିଣ ସାଗର ତୀରେ, ବିରାଜିତ ଶଙ୍ଖ କ୍ଷେତ୍ର ପୁରୀ, ବଇକୁଣ୍ଠ ପୁର ତେଜି, ଏ ମରତେ ବୈକୁଣ୍ଠ ବିହାରୀ’ ପରି ବହୁ ଦୁର୍ଲ୍ଲଭ ପୁରାତନ ରଚନାର କବିତା ପଂକ୍ତିଗୁଡିକ ଶ୍ରୀଜଗନ୍ନାଥ ସଂସ୍କୃତି ସହିତ ଜଡିତ ବୈଭବମୟ ଓଡିଆ ସାହିତ୍ୟକୁ ମଧ ଲୋକଲୋଚନକୁ ଆଣିପାରିଛି। ସେହିପରି ଏଠାରେ ସ୍ଥାପିତ ଭିଡିଓ-ୱାଲରେ ଶ୍ରୀମନ୍ଦିର ଓ ଶ୍ରୀଜଗନ୍ନାଥଙ୍କୁ ନେଇ ପ୍ରସ୍ତୁତ ଆଧ୍ୟାତ୍ମିକ ପ୍ରାମାଣିକ ଚଳଚ୍ଚିତ୍ର ଏବଂ ଓଡିଆ କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ଗାୟନ କରାଯାଇଥିବା ଭକ୍ତିଭାବ ସମ୍ବଳିତ ସଂସ୍କୃତ ଶ୍ଳୋକ ଓ ଓଡିଆ ଗୀତ ସହିତ ଚଳିତ ରଥଯାତ୍ରା ପରିପ୍ରେକ୍ଷୀରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ଜାରୀ କରାଯାଇଥିବା ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଓ ସୂଚନାଗୁଡିକ ପ୍ରଦର୍ଶିତ ହେଉଛି।

# ଚାଷୀଙ୍କୁ ହୀରାକୁଦ ଓ ବର୍ଷା ଭରସା: ଏମ୍‌ଆଇପି ସ୍ଥିତି ନେଇ ଉଠୁଛି ପ୍ରଶ୍ନ, କାମକୁ ଆସୁନି ମେଗା ଲିଫ୍ଟ



ବରଗଡ଼, ୦୯/୦୭ (ନି.ପ୍ର): ବରଗଡ଼ ଜିଲ୍ଲାରେ ରହିଛି ଅନେକ ଜଳସେଚନ ପ୍ରକଳ୍ପ। ସରକାରୀ ରିପୋର୍ଟରେ ଜିଲ୍ଲାରେ ଜଳସେଚିତ ଜମିର ପରିମାଣରେ ଯଥେଷ୍ଟ ଅଧିକ। ଲକ୍ଷ ଲକ୍ଷ ହେକ୍ଟର ଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯାଉଥିବା ତଥ୍ୟ କହୁଛି। ଏପରିକି ଏଥର ଖରିଫରେ ଧାନଚାଷ କରିବାକୁ ଯାହା ଲକ୍ଷ୍ୟ ରହିଛି, ତାହାଠୁ ଢେର ଅଧିକ ଜଳସେଚନ ସୁବିଧା ଥିବା ଦର୍ଶାଯାଇଛି। ତେବେ, ବାସ୍ତବ ସ୍ଥିତି ଓଲଟା ଥିବା ଅଭିଯୋଗ କରୁଛି ଚାଷୀ ସଂଗଠନ। ସରକାରୀ ତଥ୍ୟରେ ତାଳମେଳ ରହୁନି ଏବଂ ଅନେକ ପ୍ରକଳ୍ପରୁ ଚାଷୀ ପାଣି ପାଇବାରୁ ବର୍ଷ ବର୍ଷ ହେଲା ବଂଚିତ ଥିବା ଅଭିଯୋଗରେ ଦର୍ଶାଯାଉଛି। ଫଳରେ, ଚାଷୀମାନେ ହୀରାକୁଦ ଓ ବର୍ଷାକୁ ଭରସା କରି ରହୁଛନ୍ତି। ଗତ ୨୦୨୩ ଖରିଫ ଚାଷ ସମୟର ତଥ୍ୟ ଅନୁସାରେ ବରଗଡ଼ ଜିଲ୍ଲାରେ ପ୍ରାୟ ୨ ଲକ୍ଷ ୩୮ ହଜାର ହେକ୍ଟର ଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯାଇଛି। ହୀରାକୁଦରୁ ବରଗଡ଼ କେନାଲ ଜରିଆରେ ୮୪ ହଜାର ୫୧ ହେକ୍ଟର ଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯାଉଛି। ମଧ୍ୟମ ଜଳସେଚନ ପ୍ରକଳ୍ପରୁ ପାଇକମାଳ ଓ ଝାରବନ୍ଧ ବ୍ଲକକୁ ୬୪୪୬ ହେକ୍ଟର, ମାଇନର ଇରିଗେସନ ପ୍ରୋଜେକ୍ଟ (ଏମ୍‌ଆଇପି) ମାଧ୍ୟମରେ ଜିଲ୍ଲାର ବିଭିନ୍ନ ବ୍ଲକରେ ୨୭ ହଜାର ୧୩୦ ହେକ୍ଟର, ଉଠା ଜଳସେଚନରୁ ୧୦ ହଜାର ୩୦୦ ହେକ୍ଟର, ବୃହତ୍ ଉଠା ଜଳସେଚନରୁ ୫୯୨୦ ହେକ୍ଟର, ବୋରୱେଲରୁ ୮୩ ହଜାର ୮୦୮ ହେକ୍ଟର, ଡଗୱେଲ, ଫାର୍ମପଣ୍ଡ, ଚେକ୍‌ଡ୍ୟାମ୍ ସହ ଅନ୍ୟାନ୍ୟ ସବୁ ମିଶି ମୋଟ୍ ୨ ଲକ୍ଷ ୩୭ ହଜାର୯୦୦ ହେକ୍ଟରକୁ ଜଳସେଚନ ସୁବିଧା ଯୋଗାଇ ଦିଆଯାଉଥିବା ସରକାରୀ ଫାଇଲ୍‌ରେ ଉଲ୍ଲେଖ କରାଯାଇଛି। ଏଥର ଗଙ୍ଗାଧର ମେହେର ପ୍ରକଳ୍ପରୁ ପ୍ରାୟ ୨୦ ହଜାର ହେକ୍ଟର ଜମିକୁ ପୁଣି ଜଳସେଚନ ସୁବିଧା ଦିଆଯିବ ବୋଲି ଦାୟିତ୍ୱରେ ଥିବା ଯନ୍ତ୍ରୀ ସୂଚନା ଦେଇଛନ୍ତି। ଏହାସହ ଆଉ କିଛି ନୂଆ ଉଠା ଜଳସେଚନ ପ୍ରକଳ୍ପ ବି ହୋଇଛି। ଏସବୁକୁ ଦେଖିଲେ, ଏଥର ଖରିଫରେ ଜିଲ୍ଲାରେ ୨ ଲକ୍ଷ ୬୦ ହଜାର ହେକ୍ଟରରୁ ଉର୍ଦ୍ଧ୍ୱ ଜମିକୁ ଜଳସେଚନ ସୁବିଧା ମିଳିବ। ଅନ୍ୟପଟେ କୃଷି ବିଭାଗ ଗତ ଖରିଫ ଭଳି ଏଥର ମଧ ୨ ଲକ୍ଷ ୧୭ ହଜାର ହେକ୍ଟର ଜମିରେ ଧାନ ଚାଷ କରିବାକୁ ଲକ୍ଷ୍ୟ ରଖିଛି। ତେବେ ଲକ୍ଷ୍ୟଠାରୁ ଜଳସେଚନ ଜମିର ପରିମାଣ ଢେର ଅଧିକ ଅଛି। ଏଥିରେ ଚାଷୀଙ୍କୁ ପାଣି ପାଇବାରେ କୌଣସି ଅସୁବିଧା ହେବା କଥା ନୁହଁ। କିନ୍ତୁ କାଗଜକଲମରେ ଜଳସେଚନ ସୁବିଧା ଯୋଗାଉଥିବାରୁ ଚାଷୀ ଜଳସେଚନ ସୁବିଧାରୁ ବଂଚିତ ଥିବା କହୁଛନ୍ତି। ଚାଷୀ ସଂଗଠନ କହିବା ହେଲା, ବରଗଡ଼ ଜିଲ୍ଲାରେ ଚାଷ ପାଇଁ ମାଳମାଳ ଜଳସେଚନ ପ୍ରକଳ୍ପ ହେଉଛି। ପ୍ରତିବର୍ଷ ଜଳସେଚନ ପାଇଁ କୋଟି କୋଟି ଟଙ୍କାର ନୂଆ ପ୍ରକଳ୍ପ କାମ ଓ ପୁରୁଣା ପ୍ରକଳ୍ପର ପୁନରୁଦ୍ଧାର କାମ ହେଉଛି। ତଥାପି ଚାଷୀଙ୍କ ଜମିକୁ ପାଣି ମାଡୁନି। ଏମ୍‌ଆଇପିଗୁଡ଼ିକରୁ ଯେତେ ଜଳସେଚନ ସୁବିଧା ଚାଷୀ ପାଇବା କଥା ତାହା ପାଉନାହାନ୍ତି। ପ୍ରତିବର୍ଷ କୋଟି କୋଟି ଟଙ୍କା ଏମ୍‌ଆଇପିରେ ଖର୍ଚ୍ଚ ହେଉଛି। ଅନେକ ସ୍ଥାନରେ ଜଳସେଚନ ସୁବିଧା କାଗଜପତ୍ରରେ ସୀମିତ ରହିଛି। ରାଜବୋଡ଼ାସମ୍ବର କୃଷକ ସଂଗଠନର ଆଇନ ପରାମର୍ଶଦାତା ଅଜିତ ଶତପଥୀ କହିଛନ୍ତି, ପଦ୍ମପୁର ଉପଖଣ୍ଡରେ ଯାହା ଏମ୍‌ଆଇପି ରହିଛି, ସେସବୁର ପୁନରୁଦ୍ଧାର ନାଁରେ ଅର୍ଥ ବାଟମାରଣା କେବଳ ହେଉଛି। ଉଠା ଜଳସେଚନ ଅଧାରୁ ଅଧିକ ଆଉ କାମ କରୁନି। କେବଳ ଠିକାଦାରପୋଷା ନୀତିରେ ବିଭିନ୍ନ ଜଳସେଚନ ପ୍ରକଳ୍ପର ପୁନରୁଦ୍ଧାର କାମ ହେଉଥିବା ସେ ଅଭିଯୋଗ କରିଛନ୍ତି।

# ଯୋଗାଚାର୍ଯ୍ୟ ସୁବାସ ମୁନିଙ୍କ ୮୯ତମ ଜୟନ୍ତୀ ପାଳନ



ବେତନଟୀ , ୦୯/୭ (ନି.ପ୍ର): ଓଡିଶା ପ୍ରାନ୍ତ ମୁମନିସମାଜର ପ୍ରାଣ ପ୍ରତିଷ୍ଠାତା ତଥା ଓଡିଆ ଭାଷାରେ ଅନେକ ପୁସ୍ତକର ରଚୟିତା ଓ ଜ୍ଞାନଦୀପ ତ୍ରୈମାସିକ ପତ୍ରିକାର ସଂସ୍ଥାପକ ସଂପାଦକ ଦିବଂଗତ ଯୋଗାଚାର୍ଯ୍ୟ ମୁନିଶିରୋମଣି ସୁବାସ ମୁନିଙ୍କ ୮୯ତମ ଜୟନ୍ତୀ ଉତ୍ସବ ଆଜି ସ୍ଥାନୀୟ ବେତନଟୀ ପଣ୍ଡୁଗଡିଆ ଶିବମୁନି ଯୋଗାଶ୍ରମରେ ମହାସମାରୋହରେ ପରିପାଳିତ ହୋଇଯାଇଛି । ଉତ୍ସବର ପ୍ରାରମ୍ଭରେ ଯୋଗୀ ସୁବାସ ମୁନି ସ୍ମୃତି କମିଟିର ସଭାପତି ମୁନିମତୀ ତୂଳାମଣି ଭୂୟାଁ ସତ୍ୟ ପତାକା ଉତ୍ତୋଳନ କରିଥିଲେ ଓ ମୁନିମତୀ କଳ୍ପନା ପତାକା ସଙ୍ଗୀତ ଗାନ କରଥିଲେ । ଜୟଧ୍ୱନି ପରେ ମୁନିମତୀ ତୂଳାମଣି ଭୂୟାଁଙ୍କ ଅଧ୍ୟକ୍ଷତାରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ଏଥିରେ ଓଡିଶା ପ୍ରାନ୍ତୀୟ ମୁନିସମାଜର ଅଧକ୍ଷ ଯୋଗୀ ବସନ୍ତ ମୁନି ମୁଖ୍ୟଅତିଥିଭାବେ ଯୋଗଦାନ କରି ସୁବାସ ମୁନି ଯେ ବେତନଟୀର ଯୋଗଗୁରୁ ଥିଲେ ତାନୁହେଁ ସାରା ଓଡିଶାର ଯୋଗଗୁରୁଭାବେ ଖ୍ୟାତ ଲାଭ କରିଥିଲେ ଓ ସେ ଚିରଦିନ ପାଇଁ ଅମର ରହିବେ ବୋଲି କହିଥିଲେ । ମୁଖ୍ୟବକ୍ତାଭାବେ ଅବସରପ୍ରାପ୍ତ ଦର୍ଶନ ପ୍ରାଧାପକ ଯୋଗାଚାର୍ଯ୍ୟ ସୁଧାଂଶୁଶେଖର ମୁନି ଯୋଗଦେଇ ସୁବାସ ମୁନିଙ୍କ ବହୁମୁଖୀ ପ୍ରତିଭା ବର୍ଣ୍ଣନା କରିଥିଲେ । ସମ୍ମାନିତ ବକ୍ତାଭାବେ ଓଡିଶା ପ୍ରାନ୍ତୀୟ ମୁନିସମାଜର ସହ-ସଂପାଦକ ଯୋଗାଚାର୍ଯ୍ୟ ଅଭୟ ମୁନି, ସମ୍ମାନିତ ଅତିଥିଭାବେ ପ୍ରାନ୍ତୀୟ ଉପସଭାପତି ଯୋଗୀ ଶିରିଶ ଚନ୍ଦ୍ର ସାହୁ, ମୟୂରଭଞ୍ଜ ଜିଲ୍ଲା ମୁନିସମାଜର ସଂପାଦକ ଯୋଗୀ ଅନନ୍ତ ମୁନି, ପୂର୍ବତନ ଜିଲ୍ଲାଧକ୍ଷ ଯୋଗୀ ଅଜିତ ମୁନି, ବାଲେଶ୍ୱର ଜିଲ୍ଲା ସଂପାଦକ ଯୋଗୀ ଖଗେନ୍ଦ୍ର ମୁନି, ବ୍ୟାଖ୍ୟାକାର ଯୋଗୀ ହରେକୃଷ୍ଣ ମୁନି ପ୍ରମୁଖ ମଞ୍ଚସୀନ ଥିଲେ । ଅନ୍ୟତମ ବକ୍ତାଭାବେ ଯୋଗୀ ତପନ ମୁନି, ବେତନଟୀ ସାଇ ବୃନ୍ଦାବନ ମାଧ୍ୟମିକ ସ୍କୁଲର ଅଧକ୍ଷ ଯୋଗୀ ବଂଶୀଧର ମୁନି, ଯୋଗୀ କ୍ଷେତ୍ରମୋହନ ମୁନି, ଯୋଗୀ ପରମାନନ୍ଦ ମୁନି, ଯୋଗୀ ମୁରଲୀ ମୁନି, ମୁନିମତୀ ସୁବାସିନୀ ମହାନ୍ତ ପ୍ରମୁଖ ସୁବାସ ମୁନିଙ୍କ ସ୍ମୃତିଚାରଣ କରିଥିଲେ । ସଭା ଆରମ୍ଭରେ ଆଶ୍ରମ ପରିସରରେ ଥିବା ଯୋଗୀ ସୁବାସ ମୁନି ଓ ମୁନିସମାଜ ସଂସ୍ଥାପକ ଆଦି ମୁନୀଶ୍ୱର ଶିବମୁନିଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ଅତିଥିମାନେ ପୁଷ୍ପଗୁଚ୍ଛ ଓ ଦ୍ୱୀପ ପ୍ରଜ୍ଜଳନପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଯୋଗୀ ମହିମ ମୁନି ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ ଓ ସ୍ମୃତି କମିଟିର ସଂପାଦକ ତଥା "ଜ୍ଞାନଦୀପ" ସଂପାଦକ ଯୋଗୀ ସଞ୍ଜୟ ମୁନି ସ୍ୱାଗତ ସମ୍ଭାଷଣ ଓ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ମଞ୍ଚ ପରିଚାଳନା କରିଥିଲେ ମୁନିସୈନିକ ଯୋଗୀ ନରୋତ୍ତମ ମୁନି । ଅତିଥିମାନଙ୍କୁ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ ମୁନିକୁମାରୀ କିରଣପ୍ରଭା ଓ ମୁନିମତୀ ପ୍ରଜ୍ଞା । ମୁଖ୍ୟଅତିଥି ଯୋଗୀ ବସନ୍ତ ମୁନିଙ୍କୁ ଆଗାମୀ ପାଞ୍ଚବର୍ଷ ପାଇଁ ଓଡିଶା ପ୍ରାନ୍ତୀୟ ମୁନିସମାଜର ସଭାପତି ନିର୍ବାଚିତ ହୋଇଥିବାରୁ କମିଟି ତରଫରୁ ଉପାୟନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ସ୍ମୃତି କମିଟିର ନିଷ୍ପତ୍ତି ଅନୁଯାୟୀ ଚଳିତ ବର୍ଷ ବେତନଟୀ ବ୍ଲକର ମେଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଦୁଇଜଣଙ୍କୁ 'ଯୋଗୀ ସୁବାସ ମୁନି ମେଧା ସମ୍ମାନ' ପ୍ରଦାନ କରାଯାଇଥିଲା । ସେମାନେ ହେଲେ ଧବଳେଶ୍ୱର ଉଚ୍ଚ ବିଦ୍ୟାଳୟ କଣ୍ଟିପୁରର ଛାତ୍ର ଦୀପ୍ତେଶ ସିଂହ ଓ ବାଲକା ଉଚ୍ଚ ବିଦ୍ୟାଳୟର ଛାତ୍ର ପ୍ରୀତେଶ କୁମାର ପଣ୍ଡା । ପ୍ରତ୍ୟେକଙ୍କୁ ମାନପତ୍ର, ମମେଣ୍ଟୋ, ପୁଷ୍ପଗୁଚ୍ଛ ତଥା ନଗଦ ୧୫୦୦/- ଟଙ୍କା ପ୍ରଦାନ ଅତିଥିମାନଙ୍କ ଦ୍ୱାରା କରାଯାଇଥିଲା । ସେହିପରି ସର୍ବୋଚ୍ଚ ନମ୍ବର ରଖିଥିବା ବେତନଟୀ ଏମ୍.ପି.ସି. ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଜସ୍ମିନପ୍ରଭା ସେନାପତି, ବେତନଟୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଦିବ୍ୟାଶା ଭୋଇ ଓ ସଠିଲୋ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ବିଜୟଲକ୍ଷ୍ମୀ ସିଂଙ୍କୁ ମଧ ମେଧାସମ୍ମାନ ପ୍ରଦାନପୂର୍ବକ ପ୍ରତ୍ୟେକଙ୍କୁ ମାନପତ୍ର, ମମେଣ୍ଟୋ, ପୁଷ୍ପଗୁଚ୍ଛ ତଥା ନଗଦ ୧୦୦୦/- ଟଙ୍କା ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ମଞ୍ଚରେ ବେତନଟୀ ବ୍ଲକ ଓଷ୍ଟା ସଂପାଦକ ସୂର୍ଯ୍ୟାନନ୍ଦ ନାୟକ, ସହ ସଂପାଦକ ନରହରି ମହାନ୍ତ ଓ ଛାତ୍ରଛାତ୍ରୀ ମାନଙ୍କ ଅଭିଭାବକମାନେ ଉପସ୍ଥିତ ରହିଥିଲେ । ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ବେତନଟୀ ଆଞ୍ଚଳିକ ମୁନିସମାଜର ଅଧକ୍ଷ ଆଡଭୋକେଟ୍ ଯୋଗୀ କୃଷ୍ଣଚନ୍ଦ୍ର ମୁନି । ସହଯୋଗ କରିଥିଲେ ମୁନିମତୀ ଗୀତାଞ୍ଜଳି, ରତିକାନ୍ତ ମୁନି, ମୁନିମତୀ କାଞ୍ଚନ ମଣ୍ଡଳ, ଯୋଗୀ ସତୀଶ ମୁନି, ଯୋଗୀ ଭାଗବତ ମୁନି, ସନ୍ଦୀପ, ସୁମିତ୍, ସ୍ମୃତି କମିଟିର କୋଷାଧ୍ୟକ୍ଷ ଯୋଗୀ ସନ୍ତୋଷ ମୁନି, ଛାତ୍ର ସଂଗଠନ ଆମ୍ଭେ-୮୩ର ସଦସ୍ୟ ଓ ମହିଳା ସଂଗଠନ 'ପଦ୍ମମାଳୀ'ର ସଦସ୍ୟା ବୃନ୍ଦ ।

# ମୟୂରଭଞ୍ଜ କଲେଜ ଅଫ ଆକାଉନଟେନ୍ସି ଆଣ୍ଡ ମ୍ୟାନେଜମେଣ୍ଟ ରଥଯାତ୍ରା ଏନ୍.ଏସଏସ୍ ଶିବିରିକୁ ଉଦ୍ଘାଟନ କଲେ ମନ୍ତ୍ରୀ ଡ଼. କୃଷ୍ଣ ଚନ୍ଦ୍ର ମହାପାତ୍ର



ବାରିପଦା, ୦୯/୭ (ନି.ପ୍ର): ବାରିପଦା ରଥ ଯାତ୍ରା ରେ ପ୍ରତି ବର୍ଷ ପରି ଏହି ବର୍ଷ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟେନ୍ସି ଆଣ୍ଡ ମ୍ୟାନେଜମେଣ୍ଟ ଜାତୀୟ ସେବା ଯୋଜନା ଆନୁକୁଲ୍ୟରେ ଏବଂ ଶ୍ରୀ ରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ରଥ ଯାତ୍ରା ସ୍ୱତନ୍ତ୍ର କ୍ୟାମ୍ପ ଆୟୋଜିତ ହୋଇଯାଇଛି । ଏହି ଜାତୀୟ ସେବା ଯୋଜନା ସ୍ୱତନ୍ତ୍ର କ୍ୟାମ୍ପ କୁ ଓଡ଼ିଶା ର ଗୃହ ନଗର ଉନ୍ନୟନ ଓ ସଧାରଣ ଉଦ୍ୟୋଗ ବିଭାଗ ର ମାନ୍ୟବର ମନ୍ତ୍ରୀ ଡ଼. କୃଷ୍ଣ ଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଉଦ୍ଘାଟନ କରିବା ସହିତ ବାରିପଦା ବଡ଼ ବଜାର ଠାରେ ମୟୂରଭଞ୍ଜ କଲେଜ ଅଫ ଆକାଉନଟେନ୍ସି ଆଣ୍ଡ ମ୍ୟାନେଜମେଣ୍ଟ ଦ୍ୱାରା ଆୟୋଜନ କରାଯାଇଥିବା ଜଳଛତ୍ର ରେ ସକ୍ରିୟ ଅଂଶ ଗ୍ରହଣ କରି ଲେମ୍ବୁ ସରବତ ଦହି ସରବତ ଓ ଥଣ୍ଡା ପାଣି ରଥ ଦେଖିବାକୁ ଆସିଥିବା ଲୋକ ମାନଙ୍କୁ ବଣ୍ଟନ କରିଥିଲେ। ମାନ୍ୟବର ମନ୍ତ୍ରୀ ଙ୍କ ସେବା କାର୍ଯ୍ୟ ଦେଖି ସ୍ୱତନ୍ତ୍ର କ୍ୟାମ୍ପ ରେ ଯୋଗ ଦେଇଥିବା ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀ ଓ ଅନ୍ୟ ଛାତ୍ର ଛାତ୍ରୀ ମାନେ ବେଶ୍ ଉତ୍ସାହିତ ହୋଇଥିଲେ। ଆଗାମୀ ଦିନରେ ଛାତ୍ର ଛାତ୍ରୀ ମାନେ ଲୋକ ମାନଙ୍କର ସେବା କରିବା ସହିତ ଦେଶ ର ଉନ୍ନତି ପାଇଁ କାର୍ଯ୍ୟ କରିବାକୁ ଡ଼. ମହାପାତ୍ର ପରାମର୍ଶ ଦେଇଥିଲେ।ଏହି ଉଦ୍ଘାଟନ ଉତ୍ସବ ରେ ଶ୍ରୀ ରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟ ର ପି. ଜି. କାଉନସିଲ ଚେୟାରମେନ ପ୍ରଫେସର ଡ଼. ହେମନ୍ତ କୁମାର ସାହୁ,ପ.ଜି. ଏନ୍ ଏସ ଏସ ୟୁନିଟ ର ପ୍ରୋଗ୍ରାମ ଅଫିସର୍ ଡ଼. ବିଷ୍ଣୁ ପ୍ରିୟା ହାଁସଦା, ଜାତୀୟ ସେବା ଯୋଜନା ଜିଲ୍ଲା ଅଧିକାରୀ ଅନାମ ରାଉଳ, ପୂର୍ବତନ ପରୀକ୍ଷା ନିୟନ୍ତ୍ରକ ଡ଼. ସୁଶାନ୍ତ କୁମାର ନାୟକ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାଣ୍ଟ ଆଣ୍ଡ ମ୍ୟାନେଜମେଣ୍ଟ ର ଅଧକ୍ଷ ପ୍ରଦୀପ କୁମାର ନାୟକ, ଉପାଧକ୍ଷା ସଂଘମିତ୍ରା ରାଉତ, ଅଧାପିକା ଦେବାଶ୍ରିତା ବିଶ୍ୱାଳ, ସୁଜାତା ପାଲ, ସବିତା ରାଣୀ ଦାଶ, ଦିପ୍ତିଶ୍ରୀ ବେହେରା, ସସ୍ମିତା ସି, ମୀରା ସେନାପତି, ଅଙ୍କିତା ସାହୁ, ସୁଶ୍ରୀ ନାୟକ, ଅଧାପକ ସତ୍ୟଜିତ୍ ମିଶ୍ର ଆଦି କାର୍ଯ୍ୟକ୍ରମ ରେ ଅଂଶ ଗ୍ରହଣ କରିଥିଲେ। ଜାତୀୟ ସେବା ଯୋଜନା ଅଧିକାରୀ ମଦନ ମୋହନ ସାହୁ ଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ପରିଚାଳିତ ହେଇଛି ।ଏହି ସ୍ୱତନ୍ତ୍ର କ୍ୟାମ୍ପ ୭ ଦିନ ଧରି ଚାଲିବ।ଛାତ୍ର ଛାତ୍ରୀ ଓ ସ୍ୱେଚ୍ଛାସେବୀ ମାନେ ରଥ ସମୟ ରେ ଜନ ସାଧାରଣ ଙ୍କୁ ବିଭିନ୍ନ ପ୍ରକାର ସରବତ, ଥଣ୍ଡା ପାଣି ବଣ୍ଟନ କରିବା ସହିତ ବଡ଼ଦାଣ୍ଡ ସଫେଇ ଓ ବୃକ୍ଷରୋପଣ ଆଦିକାର୍ଯ୍ୟ କରାଯିବ ବୋଲି କାର୍ଯ୍ୟକ୍ରମ ଖସଡ଼ା ପ୍ରସ୍ତୁତ କରାଯାଇଛି। ଶେଷରେ ଉଭିଦ ବିଜ୍ଞାନ ଅଧାପକ କୀର୍ତ୍ତି କୌଶିକ ନାୟକ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ସାରସକଣା ଜଗନ୍ନାଥ ପୀଠରେ ରଥଯାତ୍ରା



ସାରସକଣା, ୦୯/୭ (ନି.ପ୍ର): ସାରସକଣା ଜଗନ୍ନାଥ ପୀଠ ସାରସକ୍ଷେତ୍ରର ତ୍ରୟୋବିଂଶତମ ରଥଯାତ୍ରା ବିପୁଳ ଭକ୍ତ ସମାଗମ ମଧ୍ୟରେ ତା: ୭.୭.୨୦୨୪ ଏବଂ ତା: ୮.୭.୨୦୨୪ ଅନୁଷ୍ଠିତ ହୋଇଯାଇଛି। ଯାତ୍ରାର ପ୍ରଥମ ଦିବସ ଅପରାହ୍ନରେ ପୀଠର ବାରଚକ ବିଶିଷ୍ଟ ସୁଦୃଶ୍ୟ ରଥକୁ ଦେଉଳ ପୁରୋହିତ ମନୋଜ ରଞ୍ଜନ ଦାଶ, ଅକ୍ଷୟ କୁମାର କର ଓ ଦିବ୍ୟସୁନ୍ଦର କର ପ୍ରତିଷ୍ଠା କଲାପରେ ସମୟ ପ୍ରାୟ ଘ ୩.୩୦ ଟିକାରେ ମା'ସୁଭଦ୍ରା ବାଳିକା ଉଚ୍ଚବିଦ୍ୟାଳୟର ଛାତ୍ରୀମାନଙ୍କ ଶଙ୍ଖ ହୁଳହୁଳି, ଭକ୍ତଙ୍କ ହରିବୋଲ ଭିତରେ, ଯୋଗେଶ୍ୱର ନାଏକ ଓ ସଞ୍ଜୟ କୁମାର ଭୋଳଙ୍କ ଦ୍ୱାରା ପ୍ରସ୍ତୁତ ହରିନାମ ସଂକୀର୍ତ୍ତନ ମଧ୍ୟଦେଇ ସେବାୟତ ଅଜିତ ରଞ୍ଜନ ଷଡ଼ଙ୍ଗୀ, ଅବିନାଶ କର, ଅମର ବିକାଶ ଷଡ଼ଙ୍ଗୀ, ଅତୁଲ ଚନ୍ଦ୍ର ଦାସ, ଶାନ୍ତନୁ କୁମାର ନାୟକ, ଶମ୍ଭୁନାଥ ପତି ଆଦିଙ୍କ ଗହଣରେ ଜୀଉମାନେ ଗୋଟି ପହଣ୍ଡିରେ ଆସି ରଥୋପରେ ବିରାଜମାନ କରିଥିଲେ। ରଥରେ ଛେରା ପହଁରା ସେବା ନିର୍ବାହ କରିଥିଲେ ବିଶିଷ୍ଟ ଅତିଥି ଓଡ଼ିଶା ଉଚ୍ଚନ୍ୟାୟାଳୟର ମାନ୍ୟବର ବିଚାରପତି ଶ୍ରୀଯୁକ୍ତ ଦେବବ୍ରତ ଦାଶ। ଶ୍ରୀଗୁଣ୍ଡିଚାର ପ୍ରଥମ ଦିବସରେ ଶ୍ରଦ୍ଧାଳୁ ରଥ ଟାଣିଆଣି ବଡ଼ଦାଣ୍ଡ ମଝାମଝିରେ ପହଞ୍ଚାଇଲା ଉପରାନ୍ତେ ପରଦିନ ପାରମ୍ପାରିକ ଭାବେ ରଥକୁ କେବଳ ମହିଳାମାନେ ଆଣି ମାଉସୀ ମା' ମନ୍ଦିର ନିକଟରେ ପହଞ୍ଚାଇଛନ୍ତି। ପୀଠରୁ ପ୍ରକାଶ ପାଇ ଆସୁଥିବା ହରିକଥା ସମ୍ବଳିତ ଆଧାତ୍ମିକ ବାର୍ଷିକ ସାହିତ୍ୟ ପତ୍ରିକା 'ହେ' ଭଗତେ - ୨୦୨୪' ଜୀଉମାନଙ୍କୁ ନିବେଦନ ପୂର୍ବକ ଉନ୍ମୋଚନ ହୋଇଥିଲା। ପତ୍ରିକାଟି ରଥ ଉପରୁ ହାଇକୋର୍ଟର ମାନ୍ୟବର ବିଚାରପତି ଶ୍ରୀଦାଶ, ସାରସକଣାର ମାନ୍ୟବର ବିଧାୟକ ଭାଦ୍ରବ ଚନ୍ଦ୍ର ହାଁସଦାଃ, ସ୍ଥାନୀୟ ତହସିଲଦାର ରାଜେନ୍ଦ୍ର ନାରାୟଣ କର ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁମନରାଜା ମହାନ୍ତିଙ୍କ ଦ୍ୱାରା ପାଠକ/ ପାଠିକାଙ୍କ ନିମନ୍ତେ ଲୋକାର୍ପଣ ହୋଇଥିଲା। ରଥଯାତ୍ରାର ଧାରା ବିବରଣୀ ପ୍ରଦାନ କରିଥିଲେ ଜଗନ୍ନାଥ ସଂସ୍କୃତିର ବିଦ୍ୱାନ ଅଧାପକ ସମରେନ୍ଦ୍ର କୁମାର ବଶା ଓ ପ୍ରାକ୍ତନ କୃତି ଶିକ୍ଷକ ଏକାଦଶୀ ମହାନ୍ତ। ରଥଟଣାର ଦିଶା ନିର୍ଦ୍ଦେଶ ତଦାରଖ କରିଥିଲେ ଆୟୋଜନ କମିଟି ଓ ସ୍ଥାନୀୟ ଜୟଦୁର୍ଗା ଯୁବକ ସଂଘର ସଦସ୍ୟ ସର୍ବଶ୍ରୀ ହିମାଂଶୁ ଶେଖର ସାହୁ, ଡ.ଉପେନ୍ଦ୍ର ନାଥ ସାହୁ,ସୁଧୀର ଚନ୍ଦ୍ର ସାହୁ, ପ୍ରଦୀପ କୁମାର ପାଲିତ, ମନୋଜ କୁମାର ସାହୁ(ମାନେ), ଅନ୍ତର୍ଯ୍ୟାମୀ ସାହୁ, ନବକିଶୋର ସେଠୀ, ବାସୁଦେବ ସାହୁ, ଦୁର୍ଗା ପ୍ରସାଦ ନନ୍ଦୀ, ଅସିତ କୁମାର ସାହୁ, ନିମାଇଁ ଦଣ୍ଡପାଟ, ସୁରଥ କୁମାର ସାହୁ ଓ ରତିକାନ୍ତ ସେଠୀ ପ୍ରମୁଖ। ରଥର ତୃଟିବିଚ୍ୟୁତି ସଜାଡି ରଖୁଥିଲେ ମୁଖ୍ୟ ମହାରଣା ଗୋଲକ ଚନ୍ଦ୍ର ଦଣ୍ଡପାଟ ଓ ସହଯୋଗୀ ବିମଳ ସିଂ, ମୋହନ ବେହେରା। ଶରତପାଳ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନାର ? ସ୍ୱେଚ୍ଛାସେବୀ ରଥ ଚାରିକଡରେ କୋର୍ଡନ ନିର୍ମାଣ କରି ଭିଡ଼ ନିୟନ୍ତ୍ରଣ କରିଥିଲେ। ସାରସକଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରଛାତ୍ରୀମାନେ ମଧ୍ୟ ତହିଁରେ ସହାୟତା କରିଥିଲେ। ଅଧ୍ୟାପିକା ସୁଜାତା ପଟ୍ଟନାୟକ ଓ ଅଧାପକ ମାନସ କୁମାର ପତି ପିଲାଙ୍କ କାର୍ଯ୍ୟର ମାର୍ଗଦର୍ଶକ ଭାବେ ଉପସ୍ଥିତ ରହିଥିଲେ। ଯାତ୍ରାରେ ବଜରଂଦଳର ସଦସ୍ୟମାନେ ଘୋଳଦହି ବିତରଣ ଏବଂ ସ୍ୱଚ୍ଛପାନୀୟଜଳ ଯୋଗାଉଥିବାର ଦୃଷ୍ଟିଗୋଚର ହେଉଥିଲା। ରଥଯାତ୍ରାରେ ଝାରପୋଖରୀଆ ଥାନାର ପୋଲିସ ବାହିନୀ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। ସାରସକଣା ବ୍ଲକ ଡ୍ରାଇଭର ମହାସଂଘର ସଭାପତି ବିଷ୍ଣୁ ପ୍ରସାଦ ମଣ୍ଡଳ ଓ ସମ୍ପାଦକ ବ୍ରଜ ସୁନ୍ଦର ବାସରୀ ସଂଘ ସଭ୍ୟମାନଙ୍କୁ ନେଇ ଶୃଙ୍ଖଳା ରକ୍ଷାରେ ସାହାଯ୍ୟ କରୁଥିବାର ଦେଖାଯାଉଥିଲା। କ୍ଷେତ୍ରର ଶୃଙ୍ଖଳିତ ରଥଯାତ୍ରାରେ ସରକାରୀ ପ୍ରଶାସନ, ପୋଲିସ, ଅଗ୍ନିଶମ ବିଭାଗ, ପ୍ରିଣ୍ଟ୍ ଏବଂ ବୈଦ୍ୟୁତିକ ଗଣମାଧ୍ୟମ ଓ ସ୍ଥାନୀୟ ଜନସାଧାରଣଙ୍କ ଆତ୍ମିକ ସହଯୋଗ ନିମନ୍ତେ ମନ୍ଦିର ପରିଚାଳନା ଟ୍ରଷ୍ଟ୍ ସଭାପତି, ସମ୍ପାଦକ ପଦ୍ମନାଭ ସାହୁ ଏବଂ ଜଗନ୍ନାଥ ସାହୁ ସଭିଙ୍କୁ ଆନ୍ତରିକ କୃତଜ୍ଞତା ଓ ଧନ୍ୟବାଦ ଜଣାଇଛନ୍ତି।

## ଝୁମ୍ପୁରାଠାରେ ଅନୁଷ୍ଠିତ ଜନଶୁଣାଣିରେ ୩୫୩ଟି ଅଭିଯୋଗ

କେନ୍ଦୁଝର , ୦୯/୭ (ନି.ପ୍ର): ମଙ୍ଗଳବାର ଦିନ ଜିଲ୍ଲାପାଳ ବିଶାଳ ସିଂହ ଙ୍କ ନେତୃତ୍ୱରେ କେନ୍ଦୁଝର ଜିଲ୍ଲା ର ଝୁମ୍ପୁରା ବ୍ଲକ ପରିସରରେ ଯୁଗ୍ମ ଜନଶୁଣାଣୀ ଅନୁଷ୍ଠିତ ହୋଇ ଯାଇଥିବା ବେଳେ ଏଥିରେ ସର୍ବମୋଟ ୩୫୩ ଟି ଅଭିଯୋଗ ଶୁଣାଣୀ ନିମନ୍ତେ ଆସିଥିଲା । ଶୁଣାଣୀ ନିମନ୍ତେ ଆସିଥିବା ଅଭିଯୋଗ ମାନଙ୍କ ମଧ୍ୟରୁ ୨୧୨ ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା । ଆସିଥିବା ସମୁଦାୟ ଅଭିଯୋଗ ମଧ୍ୟରୁ ୬୪ ଟି ଗୋଷ୍ଠୀ ସମସ୍ୟା ତଥା ଗ୍ରାମ୍ୟ ସମସ୍ୟା ମୂଳକ ହୋଇଥିବା ବେଳେ ୨୮୯ ଟି ଅଭିଯୋଗ ବାକ୍ତିଗତ ସମସ୍ୟା ଆଧାରିତ ଥିଲା ବୋଲି ସୂଚନା ମିଳିଛି । ଏହି ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଯଦୁମଣୀ ମହଲା ,ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆଟୋକ କୁଜୁରୁ , ଆଇଏ ଏସ ପ୍ରୋବେସନର ପ୍ରେକ୍ଷା ଅଗ୍ରୱାଲା , ଚମ୍ପୁଆ ଉପ-ଜିଲ୍ଲାପାଳ ସୁକାନ୍ତ ମାଝୀ , ଝୁମ୍ପୁରା ବିଡିଓ ହୃଦନନ୍ଦ ଅଡା , ତହସିଲଦାର ରୋହିତ ବାଗ , ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବିପ୍ଲବ ସାମନ୍ତରାୟ ଏବଂ ଅନ୍ୟ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ ।

## ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ....

### ଗ୍ରାହାମ୍ ଷ୍ଟେନ୍ସ ହତ୍ୟା ...

ଏ ସଂପର୍କରେ ଢରେ ସୂଚନା ଦେଇଛନ୍ତି ଦାରା ସିଂହର ଓକିଲ ବିଷ୍ଣୁ ଶଙ୍କର ଜୈନ। ୧୯୯୯ ମସିହାରେ ଅଷ୍ଟ୍ରେଲିଆର ମିଶନାରୀ ଗ୍ରାହାମ ଷ୍ଟେନ୍ସ ଓ ତାଙ୍କ ଦୁଇ ପୁଅଙ୍କୁ ପୋଡ଼ି ମାରିଥିଲା ଦାରା ସିଂ। କେନ୍ଦୁଝର ଜିଲ୍ଲା ମନୋହରପୁରରେ ଗ୍ରାହାମ ଷ୍ଟେନ୍ ଓ ତାଙ୍କ ଦୁଇ ଶିଶୁପୁତ୍ରଙ୍କୁ ଜୀବନ୍ତ ଅବସ୍ଥାରେ ପୋଡ଼ି ହତ୍ୟା କରାଯାଇଥିଲା। ଏହି ମାମଲାରେ ମୁଖ୍ୟ ଅଭିଯୁକ୍ତ ଦାରା ସିଂ ଦୋଷୀ ସାବ୍ୟସ୍ତ ହୋଇ ଜେଲରେ ରହିଛି। ଗତ ୨୪ ବର୍ଷ ୫ ମାସ ହେଲା କେନ୍ଦୁଝର ଜେଲରେ ସଜା କାଟୁଛି ଦାରା। ଏତେଦିନ ଧରି ଦାରା ସିଂ ଜେଲରେ ଥିବାରୁ ତା'ର ମାନସିକ ଅବସ୍ଥା କେମିତି ଅଛି, କ'ଣ ରହିଛି ତାର ଆଚରଣ ? ଏ ସଂପର୍କରେ ଜବାବ ରଖିବାକୁ ରାଜ୍ୟ ସରକାରଙ୍କୁ କହିଛନ୍ତି ସୁପ୍ରିମକୋର୍ଟ।

### ଡେଙ୍ଗୁ ଚିନ୍ତା: ସବୁ ଜିଲ୍ଲାପାଳଙ୍କୁ ...

ଚିକିତ୍ସା ଓ ଠିକ୍ ସମୟରେ ରେଫରାଲ ଉପରେ ଗୁରୁତ୍ୱାରୋପ କରାଯାଇଛି। ଡେଙ୍ଗୁ-ମ୍ୟାଲେରିଆ ସଂକ୍ରମଣକୁ ରୋକିବା ଲାଗି ଏହାର ଉତ୍ସକୁ ନଷ୍ଟ କରିବା ସହ ରକ୍ତ ଭଣ୍ଡାରରେ ରକ୍ତ ସଂରକ୍ଷିତରଖିବାକୁ କୁହାଯାଇଛି। ଏଥିସହ ହସ୍ପିଟାଲରେ ସ୍ୱତନ୍ତ୍ର ଭାବେ ଡେଙ୍ଗୁ ୱାର୍ଡ ଖୋଲିବା ଓ ସାପ୍ତାହିକ ଡ୍ରାଏ ଡେ' ପାଳନ ଲାଗି ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ସ୍ୱାସ୍ଥ୍ୟ ସଚିବ।

### ଗୋଟି ପହଣ୍ଡି ବେଳେ ହାମୁଡେଇ...

ପଡ଼ିଥିଲେ।ବହୁ କଷ୍ଟରେ ସେବାୟତମାନେ ବଡ଼ ଠାକୁରଙ୍କୁ ଉଠାଇ ଚାରମାଳ ଉପରେ ବସାଇ ଦେଇଥିଲେ। କିଛି ସମୟ ପରେ ପୁଣି ଥରେ ଗୋଟି ପହଣ୍ଡିରେ ଗୁଣ୍ଡିଚା ମନ୍ଦିର ଅଭିମୁଖେ ଯାଉଛନ୍ତି ବଡ଼ ଠାକୁର। ଚାରମାଳରୁ ଖସି ପଡ଼ିବାରୁ ୭ରୁ ଅଧିକ ସେବାୟତ ଆହତ ହୋଇଥିବା ଜଣାପଡ଼ିଛି। ଆହତ ସେବାୟତଙ୍କୁ ଷ୍ଟ୍ରେଚରରେ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ଅଣା ଯାଇଥିଲା। ତା'ପରେ ସେମାନଙ୍କୁ ମେଡ଼ିକାଲ୍‌ରେ ଭର୍ତ୍ତି କରାଯାଇଛି। ସେମାନଙ୍କ ଭିତରୁ ଅଧିକାଂଶଙ୍କ ହାତ ଓ ଗୋଡ଼ରେ ଆଘାତ ଲାଗିଛି। ସେବାୟତଙ୍କ ହାଲ୍‌କା ମନୋଭା ପାଇଁ ଏପରି ଘଟିଥିବା ଚର୍ଚ୍ଚା ହେଉଛି। ସୂଚନାରୁ ପ୍ରକାଶ,ଗତବର୍ଷ ମହାପ୍ରଭୁ ଜଗନ୍ନାଥ ଚାରମାଳ ଉପରେ ଗୋଟିଏ ପାର୍ଶ୍ୱକୁ ନଇଁ ପଡ଼ିଥିଲେ। ଯେଉଁଥିପାଇଁ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ସେତେବେଳେ ଏହାକୁ ନେଇ ବହୁ ଚର୍ଚ୍ଚା ହେଉଥିଲା।

### ଦୀର୍ଘବର୍ଷ ପରେ କ୍ୟାବିନେଟ୍ ...

ଦ୍ୱିତୀୟ କ୍ୟାବିନେଟ୍ ବୈଠକ । ରାଜ୍ୟରେ ବିଜେପି ସରକାର ଶପଥ ଗ୍ରହଣ କରିବା ଦିନ ହିଁ ପ୍ରଥମ କ୍ୟାବିନେଟ ବୈଠକ କରି ୪ଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଥିଲେ । ଆସନ୍ତାକାଲି କ୍ୟାବିନେଟ୍ ବୈଠକରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ରତ୍ନଭଣ୍ଡାର ଯାଞ୍ଚ ପାଇଁ କମିଟି ଗଠନକୁ ଅନୁମୋଦନ ଓ ଖୋଲିବା ପାଇଁ ଝଙ୍କକୁ ମଞ୍ଜୁରୀ, 'ସୁଭଦ୍ରା' ଯୋଜନାକୁ କାର୍ଯ୍ୟକାରୀ ପାଇଁ ଗାଇଡଲାଇନ୍ , ଖରିଫ ଧାନ ସଂଗ୍ରହ ନୀତିକୁ ମଞ୍ଜୁରୀ, ଚାଷୀଙ୍କୁ କେନ୍ଦ୍ର ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଏମଏସପି ଉପରେ ବୋନସ୍ ଆଦି ପ୍ରସ୍ତାବକୁ ଅନୁମୋଦନ ମିଳିବାର ସମ୍ଭାବନା ରହିଛି। ଉଲ୍ଲେଖଯୋଗ୍ୟ, ରାଜ୍ୟରେ ଦୀର୍ଘ ୨୪ବର୍ଷ ଧରି କ୍ଷମତାରେ ରହିଥିବା ନବୀନ ପଟ୍ଟନାୟକ ସରକାର ବିଗତ ଏକ ଦଶନ୍ଧି ଧରି କ୍ୟାବିନେଟ୍ ବୈଠକକୁ ଏଭଳି ଢଙ୍ଗରେ ପରିଚାଳନା କରୁଥିଲେ ଯେ ମନ୍ତ୍ରୀମାନେ ବି ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ କ୍ୟାବିନେଟରେ ଆଲୋଚନା ହେବାକୁ ଥିବା ଏଜେଣ୍ଡା କିମ୍ବା ସମୟ ଆଦିକୁ ନେଇ ଟେର ପାଉନଥିଲେ । ସାମ୍ବାଦିକମାନଙ୍କୁ ପ୍ରେସ୍ ବିବୃତ୍ତି ପାଇଁ ସରକାରୀ ଭାବେ ଦିନକ ପୂର୍ବରୁ ସୂଚନା ଦିଆ ମଧ ଯାଉନଥିଲା । ମାତ୍ର ଏବେ ସରକାରର ପରିବର୍ତ୍ତନ ସହ ସରକାରୀ କଳର ମାନସିକତାରେ ପରିବର୍ତ୍ତନ ଆସିଛି । ରାଜ୍ୟ ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗ ଦିନକ ପୂର୍ବରୁ ରାଜ୍ୟ କ୍ୟାବିନେଟ୍ ବୈଠକ ସମ୍ପର୍କରେ ଗଣମାଧମକୁ ସୂଚନା ଦେଇ ପ୍ରେସ୍ ବିବୃତ୍ତି ପାଇଁ ଉପସ୍ଥିତ ରହିବାକୁ ନିମନ୍ତ୍ରଣ ମଧ କରିବାକୁ ପଛାଇ ନାହିଁ।

### ଦିନ ଦିପ୍ରହରରେ ବ୍ୟାଙ୍କ...

ଆଜି ଅପରାହ୍ନରେ କୁପାରୀସ୍ଥିତ କୁପେଶ୍ୱର ପେଟ୍ରୋଲ ପମ୍ପର ୨କର୍ମଚାରୀ ଅଜୟ ମହାପାତ୍ର ଓ ବିଷ୍ଣୁପ୍ରସାଦ ମହାପାତ୍ର ଆନୁମାନିକ ୧୨ଲକ୍ଷ ଟଙ୍କା ଧରି ବର୍ତ୍ତନା ସ୍ଥିତ ଇଣ୍ଡିଆନ ବ୍ୟାଙ୍କ ଶାଖା କାର୍ଯ୍ୟାଳୟକୁ ଜମା କରିବାକୁ ଯାଇଥିଲେ। ପମ୍ପ କର୍ମଚାରୀ ମାନେ ଶାଖା କାର୍ଯ୍ୟାଳୟକୁ ଯାଉଥିବା ବେଳେ ପଟ୍ରୋଲ ଟାଙ୍କି ପାଖରୁ ୨ଗାଡିରେ ୬ଦୁର୍ବୃତ୍ତ ପିଛାକରିଥିଲେ। ବ୍ୟାଙ୍କ କାର୍ଯ୍ୟାଳୟ ଗେଟ ନିକଟରେ ଲୁଟେରାଙ୍କ ମଧ୍ୟରୁ ୨ଜଣ ବିଷ୍ଣୁ ଧରିଥିବା ଟଙ୍କା ବ୍ୟାଗଟିକୁ ଟାଣିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ କିଛି ସମୟ ଠେଲାପେଲା ହୋଇଥିଲା। ବିଷ୍ଣୁ କିନ୍ତୁ ପ୍ରଥମେ ସାହସର ସହ ମୁକାବିଲା କରିଥିଲେ। ଜଣେ ଯୁବକ ବିଷ୍ଣୁଙ୍କ ଗୋଡକୁ ଗୁଳିମାରି ଟଙ୍କା ବ୍ୟାଗଟିକୁ ନେଇ ପଳାଇବାକୁ ସକ୍ଷମ ହୋଇଥିଲେ। ସେତେବେଳକୁ ବ୍ୟାଙ୍କରେ ଥିବା ଅନ୍ୟ ଗ୍ରାହକ ମାନେ ଭୟରେ ଦୌଡାଦୌଡି ଆରମ୍ଭ କରିଥିଲେ। ପରେ ଲୁଟେରା ମାନେ ଆଗରପଡା-କୁପାରୀ ରାସ୍ତାରେ ଆସିଥିବା ବାଇକରେ କୁପାରୀ ଆଡକୁ ପଳାଇଥିଲେ। କ୍ରମାଗତ ଲୁଟ ସମ୍ପର୍କରେ ଏସପି ସାଗରିକା ନାଥଙ୍କ ସହ ଯୋଗାଯୋଗ କରିବାରେ ଅପରାଧି ମାନଙ୍କୁ ଧରିବାକୁ ଉଦ୍ୟମ କରାଯାଉଥିବା କହିଛନ୍ତି।

### ଦୀର୍ଘବର୍ଷ ପରେ କ୍ୟାବିନେଟ୍ ...

ପ୍ରସ୍ତୁତ କରିବା ଏବଂ ଛାତ୍ରଛାତ୍ରୀଙ୍କ ମଧ୍ୟରେ କ୍ରିଟିକାଲ ଥିଙ୍କିଂକୁ ସୁନିଶ୍ଚିତ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଶିକ୍ଷା ପରିସଂସ୍ଥାନକୁ ସୁଦୃଢ଼ କରିବା ସହ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ବେଷ୍ଟ୍ ପ୍ରାକ୍ଟିସକୁ ବଢ଼ାଇବା ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ରକୁ ଏକ ଟିମ୍ ଭାବେ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ସେ କହିଥିଲେ । କାପାସିଟି ବିଲଡିଂକୁ ମଜଭୂତ୍ କରିବା, ସହଯୋଗୀ ଶିକ୍ଷା ବ୍ୟବସ୍ଥା ଗଠନ କରିବା ଏବଂ ଶିକ୍ଷାକୁ ବିକଶିତ ଭାରତର ମୁଖ୍ୟ ସ୍ତମ୍ଭ ଭାବରେ ଉପଯୋଗ କରିବା ଦିଗରେ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ଶ୍ରୀ ପ୍ରଧାନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ସମସ୍ତ ଷ୍ଟେକହୋଲ୍ଡରଙ୍କୁ ଆହ୍ୱାନ କରିଛନ୍ତି । ଏହାବ୍ୟତିତ ଶିକ୍ଷକମାନଙ୍କ ଦକ୍ଷତା ବୃଦ୍ଧିର ଗୁରୁତ୍ୱ, ନିଯୁକ୍ତି ସୁଯୋଗ ବୃଦ୍ଧି ପାଇଁ ଦକ୍ଷତା ଭିତ୍ତିକ ଶିକ୍ଷା ପ୍ରଦାନ ଉପରେ ମଧ ସେ ଗୁରୁତ୍ୱାରୋପ କରିଥିଲେ । ଏହି ବୈଠକରେ ପଞ୍ଚବାର୍ଷିକ କାର୍ଯ୍ୟଯୋଜନା ଉପରେ ଆଲୋଚନା ହେବ । ୧୦୦ ଦିନିଆ ଆକ୍ସନ ପ୍ଲାନ, ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ସମଗ୍ର ଶିକ୍ଷା ଅଧୀନରେ ଭିତ୍ତିଭୂମି କାର୍ଯ୍ୟ, ଆଇସିଟି ଏବଂ ସ୍ମାର୍ଟ ଶ୍ରେଣୀଗୃହର ଅଗ୍ରଗତି ସ୍ଥିତି ଉପରେ ଚର୍ଚ୍ଚା ହେବ । ସେହିପରି ଭିଏସକେ ଏବଂ ୨୦୦ ଚ୍ୟାନେଲର ସେଟିଂ, ୨୦୨୩-୨୪ ପାଇଁ ୟୁଡିଆଇଏସଇ+ ର ଚୂଡ଼ାନ୍ତୀକରଣ, ଡାଏଟ୍ ଉପରେ ଆଲୋଚନା ଏବଂ ବିଦ୍ୟାଳୟ ଗୁଡ଼ିକରେ ତମାଖୁ ନିୟନ୍ତ୍ରଣ ଏବଂ ଟିଓଏଫଇଆଇ ନିର୍ଦ୍ଦେଶାବଳୀ ପ୍ରତିରୋପଣ ଆବଶ୍ୟକତା ଉପରେ ଆଲୋଚନା ହେବ । ଏହି ବୈଠକରେ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧୁରୀ, ଶିକ୍ଷା ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀ, ଏନସିଇଆରଟି, ଏସସିଇଆରଟି, କେନ୍ଦ୍ରୀୟ ବିଦ୍ୟାଳୟ, ନବୋଦୟ ବିଦ୍ୟାଳୟ, ସିବିଏସଇର ମୁଖ୍ୟ ଓ ପ୍ରତିନିଧି ମଣ୍ଡଳୀ ପ୍ରମୁଖ ଉପସ୍ଥିତ ଥିଲେ ।

### ସାଙ୍ଗ ପାଇଁ ସାଙ୍ଗର ଚାଲିଗଲା....

ତାର କାରଣ ଜଣାପଡ଼ି ନାହିଁ। ରେଲୱେ ପୁଲିସ ମୃତଦେହକୁ ଉଦ୍ଧାର କରି ଘଟଣାର ତଦନ୍ତ କରୁଛି। ରେଲୱେ ଗେଟ କିପର ନିରଞ୍ଜନ ବେହେରା କହିଛନ୍ତି, ପୁରୀ-ହାଓ୍ୱଡା ଏକ୍ସପ୍ରେସ ଆସୁଥିବାରୁ ମୁଁ ଗେଟ୍ ବନ୍ଦ କରିଥିଲି। ଦୁଇ ଜଣ ଯୁବକ ବାଇକରେ ଆସିଥିଲେ। ବାଇକରେ ପଛରେ ବସିଥିବା ଯୁବକ ଜଣଙ୍କ ହଠାତ୍ ଗାଡ଼ିରୁ ଓହ୍ଲାଇ ଟ୍ରେନ ସାମ୍ନାକୁ ଆସି ଯାଇଥିଲେ। ଏହି ସମୟରେ ଅନ୍ୟ ଜଣେ ଯୁବକ ତାଙ୍କୁ ବଞ୍ଚାଇବାକୁ ଆସି ଯାଇଥିଲେ। ଉଭୟଙ୍କ ଉପରେ ଟ୍ରେନ ମାଡ଼ି ଯାଇଥିଲା।

# ପାଟଣାଗଡ଼ ବ୍ଲକରେ ଜିଲ୍ଲା ପ୍ରଶାସନର ଯୁଗ୍ମ ଜନ-ଅଭିଯୋଗ ଶୁଣାଣି

ବଲାଙ୍ଗିର, ୦୯/୭ (ନି.ପ୍ର): ଜୁଲାଇ ମାସ ପାଇଁ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ଅନୁସାରେ ଆଜି ପାଟଣାଗଡ଼ ବ୍ଲକ ମୁଖ୍ୟାଳୟରେ ଜିଲ୍ଲାପ୍ରଶାସନର ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି । ଏହି ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଗୌରଓ୍ୱ ଶିଓ୍ୱାଜୀ ଇସଲଓ୍ୱାର, ଆରକ୍ଷୀ ଅଧିକ୍ଷକ ଖିଲାରୀ ରିଷିକେଶ ଦ୍ୟାନଦେଓଙ୍କୁ ସମୁଦାୟ ୧୯ ଗୋଟି ଅଭିଯୋଗ ଦରଖାସ୍ତ ଦାଖଲ ହୋଇଥିଲା । ତନ୍ମଧ୍ୟରୁ ୧୪ ଟି ବ୍ୟକ୍ତିଗତ ଅଭିଯୋଗ ଓ ଅବଶିଷ୍ଟ ୫ ଟି ସାମୁହିକ ଦରଖାସ୍ତ ଥିଲା । ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଜନସାଧାରଣଙ୍କ ଏହି ସମସ୍ତ ଅଭିଯୋଗ ଓ ସମସ୍ୟା ଗୁଡିକର ଶୁଣାଣୀ କରିଥିଲେ । ୧୦ ଟି ମାମଲାର ଶୁଣାଣୀର ତୁରନ୍ତ ସମାଧାନ ହେଇଛି ଏବଂ ବାକି ଥିବା ମାମଲା ଗୁଡିକୁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ଶୀଘ୍ର ସମାଧାନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଏଥିରେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି କିମ୍ବା ରେଡ଼କ୍ରସ ସହାୟତା ପାଇଁ କୌଣସି ଆବେଦନ ଆସିନଥିଲା । ଏହି ଶିବିର ରେ ୨ ଜଣ ଭିନ୍ନକ୍ଷମଙ୍କୁ ୨ ଟି ହୁଇଲ ଚେୟାର ଏବଂ କୌତୁକ ବାଗ ନାମକ ଜଣେ ଛାତ୍ରଙ୍କୁ ଲାପଟପ ପ୍ରଦାନ କରାଯାଇଥିଲା । ଜିଲ୍ଲାପାଳ ତାଙ୍କ ଏହି ଗସ୍ତରେ ପାଟଣାଗଡ଼ ବ୍ଲକ ଓ ଏନଏସି ବୁଲିଦେଖିଥିଲେ । ସେ ଗଂଜଉଦାର ରେ ସରଂକ୍ଷିତ ନର୍ସରୀ ,ଡୁଙ୍ଗୁରିମୁଣ୍ଡା ସହ ସ୍ମାର୍ଟପାର୍କ ଏବଂ ମଲ୍ଟିପରପୋଜ କମ୍ୟୁନିଟୀ ହଲ , ଉପଖଣ୍ଡ ମେଡ଼ିକାଲ, ମାଛ ମଞ୍ଜି ହ୍ୟାଚେରୀ , ବଥର୍ଲା ମାଛ ଚାଷ ପୋଖରୀ ବୁଲି ଦେଖିଥିଲେ । ଏହି ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ କାର୍ଯକ୍ରମରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାତ କୁମାର ମହାପାତ୍ର , ପାଟଣାଗଡ଼ ଉପଜିଲ୍ଲାପାଳ ଅମିତ କୁମାର ନାୟକ, ଡେପୁଟି କଲେକ୍ଟର (ସାଧାରଣ ଓ ବିବିଧ)ସଚିଦାନନ୍ଦ ମିଶ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପ୍ରଦୀପ କୁମାର ଗୁରୁ, ଡିଏସଏସଓ ପ୍ରସନ୍ନଜିତ ହୋତା, ଜିଲ୍ଲା ଶିକ୍ଷାଧିକାରୀ ଧ୍ରୁବ ଚରଣ ବେହେରା, ଜିଲ୍ଲା ମୁଖ୍ୟ ମତ୍ସ୍ୟ ଅଧିକାରୀ ଉମେଶ ଧରୁଆ, ଡ଼ିପିସି ମିଶନ ଶକ୍ତି ସୁମନ ଦ୍ୱିବେଦୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀମତୀ ଲକ୍ଷ୍ମୀ ସିଂ, ଜିଲ୍ଲା ମଙ୍ଗଳ ଅଧିକାରୀ ଅଲେଖ ବିଶ୍ୱାଳ, ସ୍ନିଗ୍ଧାରାଣୀ ତ୍ରିପାଠୀ ତଥା ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା

# ପୌରପାଳିକା ପକ୍ଷରୁ ପଥପାର୍ଶ୍ୱ ସୌନ୍ଦର୍ଯ୍ୟକରଣ ଉଦ୍‌ଘାଟିତ

ବାରିପଦା, ୦୯/୭ (ନି.ପ୍ର):ବାରିପଦା ପୌରପାଳିକା ପକ୍ଷରୁ ସହରରେ ଥିବା ମୁକ୍ତ ସ୍ଥାନ ଗୁଡ଼ିକର ଉନ୍ନତି ନିମନ୍ତେ ସୌନ୍ଦର୍ଯ୍ୟ କରି ବିକାଶ କରାଯାଉଛି । ଏହିକ୍ରମରେ ଦାରୋଗାଡାହି ଗୋଳେଇ ସ୍ଥିତ ପଥପାର୍ଶ୍ୱ ମୁକ୍ତ ସ୍ଥାନରେ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଉଦଘାଟିତ ହୋଇଯାଇଛି । ବାରିପଦା ପୌରପାଳିକା ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ପୌରହିତ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗ ଦେଇ ଉଦଘାଟନ କରିଛନ୍ତି । ଅନ୍ୟ ମାନଙ୍କ ମଧ୍ୟରେ ବାରିପଦା ବିଧାୟକ ପ୍ରକାଶ ସୋରେନ, ବାଙ୍ଗିରିପୋଷି ବିଧାୟିକା ସଞ୍ଜଲି ମୁର୍ମୁ, ଉପ ନଗରପାଳ ସୀମା ଦାସ, କାର୍ଯ୍ୟ ନିର୍ବାହୀ ଅଧିକାରୀଣି ଡ଼ଃ ମଧୁସ୍ମିତା ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ । ପୌରପାଳିକା ପକ୍ଷରୁ ୩୩ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ମୁକ୍ତା ଯୋଜନାରେ ମୁକ୍ତ ସ୍ଥାନର ବିକାଶ କାର୍ଯ୍ୟ କରାଯାଇଛି । ଉକ୍ତ ସ୍ଥାନର ସୌନ୍ଦର୍ଯ୍ୟକରଣ ସମେତ ଆଲୋକୀକରଣ, ସେଲ୍ଫି ପଏଣ୍ଟ ଓ ରାସ୍ତା ଆଦି ବିକାଶ କରାଯାଇଛି । ଯାହା ଫଳରେ ପୂର୍ବରୁ ମୁକ୍ତ ପଡିଥିବା ସ୍ଥାନର ସୌନ୍ଦର୍ଯ୍ୟକରଣ କରାଯାଇପାରିଛି । ସ୍ଥାନୀୟ ଲୋକମାନଙ୍କ ଉପଯୋଗୀ ହେବା ସହ ଚିତ୍ତ ବିନୋଦନ କାର୍ଯ୍ୟରେ ଲାଗି ପାରିବ । ତେବେ ଆଗକୁ ବାରିପଦା ସହରରେ ଥିବା ଅନ୍ୟାନ୍ୟ ଖାଲି ସରକାରୀ ସ୍ଥାନ ଗୁଡ଼ିକର ବାରିପଦା ପୌରପାଳିକା ପକ୍ଷରୁ ସର୍ବାଙ୍ଗୀନ ବିକାଶ କରି ଲୋକଙ୍କ କାର୍ଯ୍ୟ ଉପଯୋଗୀ କରାଯିବ ବୋଲି ନଗରପାଳ ଶ୍ରୀ ମହାନ୍ତି କହିଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ ଓ୍ୱାର୍ଡ କାଉନସିଲର, ପୌର କର୍ମଚାରୀ ଏବଂ ଅନ୍ୟାନ୍ୟ ପ୍ରମୁଖ ଉପସ୍ଥିତ ଥିଲେ ।



# ୨୯ତମ ଭଜନସନ୍ଧ୍ୟା କାର୍ଯ୍ୟକ୍ରମରେ ଦର୍ଶକଙ୍କ ମନମୋହିଲେ ବିଶିଷ୍ଟ କଣ୍ଠଶିଳ୍ପୀ ସୌରଭ ନାୟକ



ନୀଳଗିରି, ୦୯/୭ (ନି.ପ୍ର): ଦୀର୍ଘ ୨୯ବର୍ଷର ଲମ୍ବାଯାତ୍ରା । କିଛି ଉଦଯୋଗୀ ଯୁବକଙ୍କ ପ୍ରୟାସ ଶେଷରେ ରଙ୍ଗ ଆଣିଛି । ନବଯୌବନ ଭଜନ ସନ୍ଧ୍ୟା ଗଠନ କରି ପ୍ରତିବର୍ଷ ରଥଯାତ୍ରା ସମୟରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ ଭଜନ ମାଧ୍ୟମରେ ଭକ୍ତିର ଭାବମୟ ସହିତ ମନୋରଞ୍ଜନର ଖୋରାକ କମିଟି ପକ୍ଷରୁ ଯୋଗାଇ ଦିଆଯାଉଛି । ପ୍ରସିଦ୍ଧ ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରି ଶ୍ରୀଜଗନ୍ନାଥଙ୍କ ମନ୍ଦିର ପ୍ରାଙ୍ଗଣରେ ଥିବା ସ୍ନାନମଣ୍ଡପରେ ଚଳିତ ବର୍ଷ ୨୯ତମ ଭଜନ ସନ୍ଧ୍ୟା ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମ ୮ତାରିଖ ସନ୍ଧ୍ୟା ୭.୩୦ ମିନିଟ ସମୟରେ ଅନୁଷ୍ଠିତ ହୋଇଯାଇଛି । ଉଦ୍ଘାଟନୀ କାର୍ଯ୍ୟକ୍ରମ ରେ ଉଦଘାଟକ ଭାବେ ନୀଳଗିରି ବଂଶାନୁକ୍ରମିକ ରାଜା ଜୟନ୍ତ ଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନ ଶ୍ରୀ ଜଗନ୍ନାଥଙ୍କ ମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ ପୂର୍ବକ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍ଘାଟନ କରିଥିଲେ । ଭଜନ ସନ୍ଧ୍ୟା କମିଟିର ସଭାପତି ବରିଷ୍ଠ ଆଇ.ଏ.ଏସ ଶ୍ରୀଯୁକ୍ତ ସରୋଜ କୁମାର ସେଠୀ ସଭାପତିତ୍ୱ କରିଥିଲେ । କମିଟିର ବରିଷ୍ଠ ସଦସ୍ୟ ପ୍ରଶାନ୍ତ କୁମାର ଆଚାର୍ଯ୍ୟ ସ୍ୱାଗତ ଅଭିଭାଷଣ ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ । କମିଟି ସମ୍ପାଦକ ଅଭିଷେକ ମହାପାତ୍ର ବାର୍ଷିକ ବିବରଣୀ ପଠନ କରିଥିଲେ । ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ସୌରଭ ନାୟକ, ପମି ମିଶ୍ର,ସରୋଜ ଜେନା, ସୌରଭ ଭରଦ୍ୱାଜ ଓ ସାଥି ଙ୍କ ସୁମଧୁର କଣ୍ଠରେ ଶ୍ରୀଜଗନ୍ନାଥଙ୍କ ଭଜନ, ଜଣାଣରେ ରଥ ଦାଣ୍ଡରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା । ଶତାଧିକ ଦର୍ଶକ ରାତ୍ରୀ ୧୨ଟା ପର୍ଯ୍ୟନ୍ତ ଉକ୍ତ କାର୍ଯ୍ୟକ୍ରମକୁ ମନଭରି ଉପଭୋଗ କରିଥିବା ଦେଖାଯାଇଥିଲା । କମିଟି ସଦସ୍ୟ ଗୋପୀନାଥ ପାତ୍ର, କୁମାର ରାୟ, କମଳାକାନ୍ତ ବାରିକ, ରାଜୀବ ସିଂ, ଅବିନାଶ ନନ୍ଦ, ଦେବାଶିଷ ନାୟକ, ଚିନ୍ମୟ ରାଉତ, କମଳାକାନ୍ତ ମୁଖୀ, ପୁଣ୍ୟଶ୍ଳୋକ ନନ୍ଦ, ପ୍ରଶାନ୍ତ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ପୋଖରୀ ପାଣିରେ ପଡି ମହିଳା ମୃତ

ଲଙ୍ଗଳେଶ୍ୱର , ୦୯/୭ (ନି.ପ୍ର): ବାଲିଆପାଳ ଥାନା ହର ନବାବି ଗ୍ରାମର ପ୍ରଭାକର ବେହେରାଙ୍କ ସ୍ତ୍ରୀ ଲଳିତା ବେହେରା (୬୧ ) ରବିବାର ସନ୍ଧ୍ୟା ବେଳକୁ ଘର ପୋଖରୀକୁ ଗାଧୋଇବାକୁ ଯାଇଥିଲେ । ପୋଖରୀ ତୁଠ ରୁ ଗୋଡ଼ ଖସି ଯିବାରୁ ଲଳିତା ଅଧିକ ପାଣିକୁ ଯିବା ସହିତ ବୁଡ଼ି ଯାଇ ଥିଲେ । କିଛି ସମୟ ପରେ ପରିବାର ଲୋକେ ସେ ପାଣିରେ ଭାସୁ ଥିବା ଦେଖି ଉଠାଇ ଥିଲେ ।ସେମାନେ ତତ୍ କ୍ଷଣାତ ଲଳିତାକୁ ବାଲିଆପାଳ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଯାଇଥିଲେ ।ସେଠାରେ ଡାକ୍ତର ଲଳିତାଙ୍କୁ ମୃତ ଘୋଷଣା କରିଥିଲେ । ପୁଲିସ୍ ଲଳିତା ର ଶବକୁ ବ୍ୟବଚ୍ଛେଦ କରିବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଛି । କେଶ ନଂ ୩୨/୨୪ ।

# ଜେ.ଏସ୍.ଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ପକ୍ଷରୁ କୁଞ୍ଜବିହାରୀଙ୍କ ରଥଯାତ୍ରାରେ ଜଳସେବା ଶିବିର

ପାରାଦିପ, ୦୯/୭ (ନି.ପ୍ର): ଜଗତସିଂହପୁର ଜିଲା ଏରସମା ଅନ୍ତର୍ଗତ ଗଡକୁଜଙ୍ଗ ସ୍ଥିତ କୁଞ୍ଜବିହାରୀ ପୀଠରେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ଅନୁଷ୍ଠିତ ହେଇ ଯାଇଛି । କିମ୍ବଦନ୍ତୀ ଅନୁସାରେ ଏହି ପୀଠରେ ଶ୍ରୀକ୍ଷେତ୍ରରେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ପରଦିନ ଏଠାରେ ରଥ ଟଣା ହେଇଥାଏ । ସେଥିପାଇଁ ଏହାକୁ ବାସି ରଥଯାତ୍ରା ବେଲି କୁହା ଯାଇଥାଏ । ଚଳିତ ବର୍ଷ ଭଲ ପାଗ ଥିବାରୁ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ତଥା ଜନ ସାଧାରଣ ଯୋଗ ଦେଇଥିଲେ । ସୋମବାର ସକାଳୁ ମହାପ୍ରଭୁ ଶ୍ରୀ କୁଞ୍ଜବିହାରୀଙ୍କ ସମସ୍ତ ନିତୀକ୍ରାନ୍ତି ଶେଷ ହେବା ପରେ




ଅପରାହ୍ନରେ ରଥଟଣା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଜେ.ଏସ୍.ଡ଼ବ୍ଲୁ ଉତ୍କଳ ଷ୍ଟିଲ୍ ପକ୍ଷରୁ ବଡ ଦାଣ୍ଡରେ ଜଳସେବା ଶ୍ୱିରର ଆୟୋଜନ କରାଯାଇଥିଲା । ସ୍ଥାନୀୟ କାଯ୍ୟାଳୟର ଗ୍ରାମ୍ୟ ସଂଯୋଜକ ମାନେ ଭକ୍ତଙ୍କୁ ଦହି ପାଣି ଓ ବିଷୁଦ୍ଧ ପାନୀୟ ଜଳ ବଣ୍ଟନ କରିଥିଲେ । ଏହି ଅବସରରେ ସ୍ଥାନୀୟ ଜେ.ଏସ୍.ଡ଼ବ୍ଲୁ କାର୍ଯ୍ୟାଳୟର ପ୍ରଶାସନିକ ମୁଖ୍ୟ ଧନଞ୍ଜୟ କୁମାର ସିହ୍ନାଙ୍କ ସମେତ ସମସ୍ତ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ମାନେ ପ୍ରଭୁ ଶ୍ରୀ କୁଞ୍ଜ ବିହାରୀଙ୍କ ଦର୍ଶନ କରିବା ସହିତ ରଥଟାଣିବାର ସୈଭାଗ୍ୟ ପାପ୍ତ କରିଥିଲେ ।କମ୍ପାନୀର ଏଭଳି ଜନହିତକର କାର୍ଯ୍ୟକ୍ରମକୁ ମନ୍ଦିର ଟ୍ରଷ୍ଟି ତଥା ସ୍ଥାନୀୟ ଜନସାଧାରଣ ପ୍ରଶଂସା କରିଥିଲେ ।

# ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ଛାତ୍ରୀଙ୍କ କୃତିତ୍ୱ



ବାଲିଆପାଳ , ୦୯/୭ (ନି.ପ୍ର): ବାଲିଆପାଳ ବ୍ଲକ ବଡ ସିମୁଳିଆ ସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ଛାତ୍ରୀ ଜୟ ଲକ୍ଷ୍ମୀ ପାତ୍ର ଚଳିତ ବର୍ଷ ପଞ୍ଚମ ଶ୍ରେଣୀ ପରୀକ୍ଷା ରେ କୃତିତ୍ୱ ଅର୍ଜନ କରିଛନ୍ତି । ଜୟ ଲକ୍ଷ୍ମୀ ଙ୍କ ଘର ଅସ୍ତି ପଞ୍ଚାୟତ ଡାଲୁଆ -୨ ଗ୍ରାମର ବ୍ୟବସାୟୀ ଭକ୍ତ ବନ୍ଧୁ ପାତ୍ର ଙ୍କ କନ୍ୟା ଅଟନ୍ତି । ଚଳିତ ବର୍ଷ ସେ ଆଦର୍ଶ ବିଦ୍ୟାଳୟ , ନବୋଦୟ ବିଦ୍ୟାଳୟ କୁ ଯିବା ପାଇଁ ପରୀକ୍ଷା ରେ ସଫଳତା ହାସଲ କରିଛନ୍ତି । ଜୟ ଲକ୍ଷ୍ମୀ ତାଙ୍କର ଏହି ସଫଳତା ର ଶ୍ରେୟ ତାଙ୍କ ପିତା, ମାତା, ଗୁରୁଜୀ, ଗୁରୁମା ମାନଙ୍କୁ ଦେବା ପାଇଁ ଚାହାଁନ୍ତି । ଭବିଷ୍ୟତ ରେ ଜଣେ ଡାକ୍ତର ହେବାକୁ ଜୟ ଲକ୍ଷ୍ମୀ ଲକ୍ଷ୍ୟ ରଖିଛନ୍ତି ।

# ମାଉସୀ ମା' ମନ୍ଦିରରେ ଲାଗିଲା ଚତୁର୍ଦ୍ଧାମୂର୍ତ୍ତିଙ୍କ ରଥ: ଶ୍ରୀ ବିଗ୍ରହଙ୍କ ଆଡ଼ପ ମଣ୍ଡପ ବିଜେ

ନୀଳଗିରି , ୦୯/୭ (ନି.ପ୍ର): 'ରଥେତୁ ବାମନଂ ଦୃଷ୍ଟ୍ୱା ପୁନର୍ଜନ୍ମ ନ ବିଦ୍ୟତେ' । ବାମନ ରୂପୀ ଜଗନ୍ନାଥଙ୍କୁ ରଥ ଉପରେ ଦର୍ଶନ କଲେ ପୁନର୍ଜନ୍ମ ହୋଇ ନଥାଏ ବୋଲି ବିଶ୍ୱାସ ରହିଛି । ତେଣୁ କୋଟି ହୃଦୟର ମଉଡମଣୀ ପରମ ଆରାଧ ଶ୍ରୀ ଜଗନ୍ନାଥଙ୍କ ସହିତ ଭଉଣୀ ସୁଭଦ୍ରା, ବଡ଼ଭାଇ ବଳଭଦ୍ର ଏବଂ ଚକ୍ରରାଜ ସୁଦର୍ଶନଙ୍କୁ ରଥ ଉପରେ ଦର୍ଶନ କରିବାର ଅଭିଳିପ୍ସା ପ୍ରତ୍ୟେକ ହିନ୍ଦୁ ମାନଙ୍କର ରହି ଆସିଛି । ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିରେ ଚଳିତ ବର୍ଷ ଘୋଷଯାତ୍ରା ଉପଲକ୍ଷେ ମଙ୍ଗଳବାର ପ୍ରଥମ ପର୍ଯ୍ୟାୟ ରଥଟଣା ସମ୍ପନ୍ନ ହୋଇଛି । ନୀଳଗିରି ପୋଷ୍ଟ ଅଫିସ ସାମ୍ନାରେ ଅଟକିଥିବା ରଥ ନୀତିସମ୍ପନ୍ନ ପରେ ଅପରାହ୍ନ ଚାରିଟାରେ ରଥଟଣା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ସହକାରୀ ଜିଲ୍ଲାପାଳ ରଞ୍ଜନ କୁମାର ସେନାପତି ରଥ ପରିଚାଳନାରେ ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବାବେଳେ ନୀଳଗିରି ଉପଜିଲ୍ଲାପାଳ ମନ୍ଦରଧର



ମହାଳିକ ତତ୍ତ୍ୱାବଧାରକ ଭାବେ ରଥଟଣା କାର୍ଯ୍ୟ ତଦାରଖ କରିଥିଲେ । ଶାନ୍ତି ଶୃଙ୍ଖଳା ଏବଂ ଯାନବାହାନ ଚଳାଚଳରେ ନୀଳଗିରି ଉପଖଣ୍ଡ ପୋଲିସ ଅଧିକ୍ଷକ ସରୋଜ କୁମାର ଉପାଧ୍ୟାୟ ଏବଂ ଆଇ ଆଇ ସି ଗୋପାଳ ଚନ୍ଦ୍ର କର୍ଣ୍ଣ ଙ୍କ ନେତୃତ୍ୱରେ ୭ପ୍ଲାଟୁନ ପୋଲିସ ଫୋର୍ସ, ୩୦ଜଣ ପୋଲିସ ଅଧିକାରୀଙ୍କ ସମେତ ସାଧା ପୋଷାକ ପୋଲିସ କର୍ମଚାରୀ, ଗୃହରକ୍ଷୀ ନିଯୁକ୍ତି ରହିଥିଲେ । ଘଣ୍ଟ ଘଣ୍ଟା, କାହାଳୀ, ମୃଦଙ୍ଗର ତାଳେତାଳେ ରଥକୁ ଭିଡି ନେଇଥିଲେ ହଜାର ହଜାର ଶ୍ରଦ୍ଧାଳୁ । ରଥ ଉପରେ ବିଶିଷ୍ଟ ଉଦ୍ଘୋଶକଙ୍କ ପରମ ପ୍ରେମମୟ ବାଣୀରେ ରସାପ୍ଲୁତ ହୋଇ ଉଠିଥିଲା ବଡ଼ଦାଣ୍ଡ । ଭକ୍ତଙ୍କ ମେଳରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏବଂ ବିଧାୟକ ସନ୍ତୋଷ ଖଟୁଆ ରଥ ଟାଣୁଥିବା ଦେଖିବାକୁ ମିଳିଥିଲା । ମହିଳା ରଥ ନିକଟରେ ନୀଳଗିରି ତହସିଲଦାର ଦୀପ୍ତିମୟୀ ବେହେରା ମହିଳା ମାନଙ୍କ ସହିତ ରଥ ଟାଣୁଥିବା ର ଅପୂର୍ବ ଦୃଶ୍ୟ ଦେଖିବାକୁ ମିଳିଥିଲା । ସନ୍ଧ୍ୟାରେ ଚାରମାଳ ବନ୍ଧାଯିବା ପରେ ଶହ ଶହ ସଂଖ୍ୟାରେ ଭକ୍ତ ରଥ ଉପରେ ଚଢ଼ି ଭୋଗ ଲଗାଇବା ସହିତ ପ୍ରଭୁଙ୍କ ନିକଟରେ ଆଶିଷ କାମନା କରୁଥିବା ଦେଖାଯାଇଛି । ରାତ୍ର ୧୨ଟା ପରେ ଶ୍ରୀଜୀଉ ମାନେ ଗୋଟି ପହଣ୍ଡିରେ ଯାଇ ଆଡ଼ପ ମଣ୍ଡପ ବିଜେ କରିବାର କାର୍ଯ୍ୟକ୍ରମ ରହିଛି । ଆଜିଠାରୁ ପ୍ରତିଦିନ ପ୍ରଭୁ ବିଭିନ୍ନ ବେଶରେ ଭକ୍ତଙ୍କୁ ଦର୍ଶନ ଦେବାକୁ ଥିବାବେଳେ ଆଜି ମତ୍ସ୍ୟକଚ୍ଛପ ବେଶରେ ଦର୍ଶନ ଦେବେ ଶ୍ରୀଜୀଉ ।

# ଦନ୍ତା ହାତୀ ମୃତ କାରଣ ଅସ୍ପଷ୍ଟ

ଖୋର୍ଦ୍ଧା , ୦୯/୭ (ନି.ପ୍ର): ଖୋର୍ଦ୍ଧା ବନ ଖଣ୍ଡ ଅଧିନ୍ ଟାଙ୍ଗୀ ରେଞ୍ଜ୍ ଡମନ ଭୂଇଁ ଗ୍ରାମ ଛୋଟରାୟ ସାହିରେ ପାଖ ଫସଲ ବାଡ଼ି ଓ ଚାଷ ଜମି ନଷ୍ଟ କରୁଛନ୍ତି ।ଲୋକେ ହାତୀ ମାନଙ୍କ ଉପଦ୍ରବ ଯୋଗୁ ବେଷ୍ଟ ବିବ୍ରତ । ଗତ ପବିତ୍ର ଗୁଣ୍ଡିଚା ଦିନ ତା,୭,୨୦୨୪ ରିଖ ରାତ୍ର ଗୋଟାଏ ଦନ୍ତା ହାତୀ ମୃତ ,କାରଣ ଅସ୍ପଷ୍ଟ । ଶୁଣିବାକୁ ମିଳେ ଗତ ସାତ ତାରିଖ ରାତିରେ ହାତୀପଲ ଖାଦ୍ୟ ଖୋଜି ବୁଲୁ ଥିଲେ ଲୋକେ ଦେଖିଛନ୍ତି । ସବୁ ହାତୀ ଫେରିଯିବା ପରେ ଗୋଟିଏ ବଡ ପୁରୁଷ ହାତୀ ଫେରି ନ ଥିଲା । ତାପର ଦିନ ୮ ତାରିଖ ସକାଳୁ ଗଜଦଳ (ହାତୀ ଦଳ)ଠାବ କରିବା ପରେ ଲୋକଲୋଚନ ଆସିଥିଲା । ଖୋର୍ଦ୍ଧା ବନ ଖଣ୍ଡ ଅଧୀକାରିଣୀ ପାଣ୍ଡିଆନ ଓ ତାଙ୍କ ଷ୍ଟାଫ୍ ମାନେ ଯାଇ ଦେଖିଥିଲେ । ହାତୀ ଦେହରେ କିଛି କ୍ଷେତ ନ ଥିଲା । ଏହି ହାତୀ ଶବ ବ୍ୟବଚ୍ଛେଦ କରାଯିବା ପରେ କାରଣ ଜଣାପଡିବ ବୋଲି ବନ ବିଭାଗ ପକ୍ଷରୁ ପ୍ରକାଶ । ଖାଦ୍ୟ ଅଭାବ ଯୋଗୁ ହାତୀ ମାନେ ଜନବସତି ମୁହାଁ ହେଉଛନ୍ତି । ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଚନ୍ଦକା ଅଞ୍ଚଳରେ ବଡ ବଡ କୋଠା ଓ ଆପାର୍ଟମେଣ୍ଟ, ଉଜଳ ,ଆଲୋକ ଯୋଗୁ ହାତୀ ମାନେ ସହର ମଧ୍ୟରେ ଭୁବନେଶ୍ୱର ମହାନଗର ନିଗମ ଭିତରୁକୁ ପଶି ଆସୁଛନ୍ତି । ମଣିଷକୁ ତାଙ୍କର ଭୟ ନାହିଁ, ମାତ୍ର ଲୋକ ମାନଙ୍କ ପାଇଁ ହାତୀ ବିପଦ ଓ ଫସଲ ନଷ୍ଟ କରୁଛନ୍ତି । ହାତୀ ପାଇଁ ସରକାର ଖାଦ୍ୟ ଜଙ୍ଗଲ ସୃଷ୍ଟି କଲେ ସେମାନଙ୍କ ଉପଦ୍ରବ ରୋକିବା ସମ୍ଭବ ବୋଲି କୁହାଯାଏ ।

# ଦବିଯାଇଥିବା ଓଭରବ୍ରିଜ୍ ବୁଲି ଦେଖିଲେ ମେୟର

ଭୁବନେଶ୍ୱର, ୦୯/୭ (ନି.ପ୍ର):ଭୁବନେଶ୍ୱର ଆଇଗିଣିଆ ୧୬ ନମ୍ବର ଜାତୀୟ ରାଜପଥରେ ଓଭର ବ୍ରିଜ୍ ଦବିବା ଘଟଣାରେ ବିଏମସି ମେୟର ସୁଲୋଚନା ଦାସ ମଙ୍ଗଳବାର ଘଟଣାସ୍ଥଳ ପରିଦର୍ଶନ କରି ଏଥିପାଇଁ ଏନଏଚଏଆଇକୁ ଦାୟୀ କରିଛନ୍ତି । ପରିଦର୍ଶନ ପରେ ମେୟର କହିଛନ୍ତି ଏଥିରେ ନିମ୍ନମାନର କାମ ହୋଇଥିବା ଅଭିଯୋଗ ହୋଇଛି । ବ୍ରିଜ ନିର୍ମାଣର ମାତ୍ର ୬ ମାସରେ ଦବିବା ଆଶ୍ଚର୍ଯ୍ୟର କଥା । ବ୍ୟସ୍ତ ବହୁଳ ରାସ୍ତାର ଏଭଳି ଅବସ୍ଥା ମୃତ୍ୟୁକୁ ନିମନ୍ତ୍ରଣ କରୁଛି । ଟେକ୍ନିକାଲ ଟିମ୍ ଏହି ଓଭର ବ୍ରିଜ ସହିତ ସମସ୍ତ ନିର୍ମାଣଧୀନ ବ୍ରିଜ ଯାଂଚ କରନ୍ତୁ ବୋଲି ଦାବି କରିଛନ୍ତି ସୁଲୋଚନା ଦାସ । ରାସ୍ତା ଦବିବାର କାରଣ ଜାଣିବା ନିହାତି ଦରକାର । ନଚେତ୍ ବିହାର ଭଳି ଅବସ୍ଥା ଓଡ଼ିଶାରେ ମଧ ହେବ ବୋଲି ସେ ଆଶଙ୍କା କରିଛନ୍ତି । ଅନ୍ୟପକ୍ଷରେ ଏନଏଚଏଆଇର ଆଂଚଳିକ ଅଧିକାରୀ ବୀରେନ୍ଦ୍ର ସିଂହ କହିଛନ୍ତି, ଓଭରବ୍ରିଜ ଜଳବନ୍ଦୀ ହେବା ଦ୍ୱାରା ସିପେଜ୍ ହୋଇ ରାସ୍ତା ଦବିଛି । ଯାଂଚ ପାଇଁ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଦାୟିତ୍ୱ ଦିଆଯାଇଛି ।

# ବାବା ଆଖଣ୍ଡଳମଣି ପୀଠ ଆରଡ଼ିରେ ଶ୍ରାବଣୀ ଜଳାଭିଷେକ ପାଇଁ ପ୍ରଶାସନିକ ପ୍ରସ୍ତୁତି ବୈଠକ

ଭଦ୍ରକ, ୦୯/୭ (ନି.ପ୍ର): ଓଡ଼ିଶା ପ୍ରସିଦ୍ଧ ବାବା ଆଖଣ୍ଡଳମଣି ବିଜେ ଆରଡ଼ି ପୀଠରେ ଆଗାମୀ ଶ୍ରାବଣୀ ଜଳାଭିଷେକ କାର୍ଯ୍ୟକ୍ରମକୁ ଶାନ୍ତି ଶୃଙ୍ଖଳାର ସହିତ ପରିଚ୍ଚଳନା କରାଯିବା ଉପରେ ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧକ୍ଷତାରେ ସଦ୍‌ଭାବନା ସଭାଗୃହରେ ଆୟୋଜିତ ଏହି ବୈଠକରେ ଭଦ୍ରକ ଜିଲ୍ଲା ପରିଷଦ ଅଧକ୍ଷ ପ୍ରଫୁଲ୍ଲ କୁମାର ଜେନା, ଭଦ୍ରକ ଏସ୍.ପି. ବରୁଣ ଗୁଣ୍ଟୁପାଲ୍ଲି, ଉପଜିଲ୍ଲାପାଳ ମନୋଜ ପାତ୍ର, ଚ୍ଚନ୍ଦବାଲି ବିଧାୟକଙ୍କ ପ୍ରତିନିଧି ଭାବେ ଚ୍ଚନ୍ଦବାଲି ଜିଲ୍ଲା ପରିଷଦ ସଭ୍ୟ ପ୍ରିନ୍ସ ରାକେଶ ନାୟକ ପ୍ରମୁଖ ଯୋଗଦେଇ ଆଲୋଚନାରେ ମତାମତ ରଖିଥିଲେ । ଜୁଲାଇ ୨୨ ତାରିଖ ସୋମବାର ଠାରୁ ଆରମ୍ଭ ହେବାକୁ ଥିବା ଏହି ଜଳାଭିଷେକ ପର୍ବ ଅଗଷ୍ଟ ୧୯ ତାରିଖ ସୋମବାର ପର୍ଯ୍ୟନ୍ତ ଚ୍ଚଲୁ ରହିବା ନେଇ ବୈଠକରେ ସୂଚନା ପ୍ରଦାନ କରାଯାଇଥିଲା । ବୈଠକରେ ଆଲୋଚନା ହେବାକୁ ଥିବା



କାର୍ଯ୍ୟସୂଚୀ ଅନୁଯାୟୀ ବିଶେଷ କରି କାଉଡ଼ିଆ ମାନଙ୍କ ସୁବିଧା ପାଇଁ ଶାନ୍ତି ଶୃଙ୍ଖଳା ରକ୍ଷା, ଗହଳି ନିୟନ୍ତ୍ରଣ, ପରିଷ୍କାର ପରିଚ୍ଛନ୍ନତା, ପାନୀୟ ଜଳ ଯୋଗାଣ, ଶୌଚ୍ଚଳୟ ବ୍ୟବସ୍ଥା, ଚିକିତ୍ସା ଶିବିର ଆୟୋଜନ ଆଦି ସଂପୃକ୍ତ ବିଷୟ ନେଇ ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ଆବଶ୍ୟକ ମତେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଂପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ସେବାୟତ ବିଜୟ କୁମାର ଦାଶ ଶ୍ରାବଣୀ ଯାତ୍ରା ସମୟରେ ଜଳାଭିଷେକ ହେବାକୁ ଥିବା ସୋମବାର ଗୁଡ଼ିକରେ ବାବାମଣିଙ୍କ ସ୍ୱତନ୍ତ୍ର ନୀତିକାନ୍ତି ଓ ପୂଜାବିଧି ସମୟ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ । ସୂଚନା ଯୋଗ୍ୟ କି ଜୁଲାଇ ୨୨ ରୁ ଅଗଷ୍ଟ ୧୯ ପର୍ଯ୍ୟନ୍ତ ପଡୁଥିବା ୫ଟି ସୋମବାରରେ ଜଳାଭିଷେକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଆଇନ୍ ଶୃଙ୍ଖଳା ପରିଚ୍ଚଳନା ପାଇଁ ପୋଲିସ୍ ପେଟ୍ରୋଲିଂ ବ୍ୟବସ୍ଥା, ନଦୀଘାଟ ଗୁଡ଼ିକରେ ପୋଲିସ୍, ଓଡ଼ରାଫ ଟିମ୍ ମୁତୟନ, ଅଗ୍ନିଶମ ସେବା ନିଯୁକ୍ତି ବ୍ୟବସ୍ଥା, ଯାତ୍ରୀବାହି ଗାଡ଼ି ଓ ଘାଟ ଡଙ୍ଗାରେ ଅଧିକ ଯାତ୍ରୀ ପରିବହନ ନ କରିବା ପାଇଁ ନିୟନ୍ତ୍ରଣ ବ୍ୟବସ୍ଥା ଆରଡ଼ି ପୀଠକୁ ସଂଯୋଗ କରୁଥିବା ରାସ୍ତା ମରାମତି, କାଉଡ଼ିଆ ମାନଙ୍କ ପାଇଁ ପାନୀୟଜଳ, ସ୍ୱାସ୍ଥ୍ୟ ପରିମଳ, ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର ସହ ରାସ୍ତାପାର୍ଶ୍ୱ ଡାକ୍ତରଖାନା ନିର୍ଦ୍ଧାରିତ ଆବଶ୍ୟକ ସମୟରେ ଖୋଲା ରଖାଯିବା, ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ଆଦି ସଂପୃକ୍ତ ସମସ୍ତ ଗୁରୁତ୍ୱପୂର୍ଣ୍ଣ ଦିଗ ଗୁଡ଼ିକ ଉପରେ ବିଶଦ ଆଲୋଚନା କରାଯାଇ ଯଥାଶୀଘ୍ର ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା । ବିଶେଷ କରି କାଉଡ଼ିଆ ମାନଙ୍କ ନିମନ୍ତେ ଛକଜାଗା ମାନଙ୍କରେ ପ୍ରସାଦ ପ୍ରସ୍ତୁତି ଏବଂ ସେବନ ସ୍ଥାନରେ ବିଶ୍ରାମସ୍ଥଳରେ ଯଥେଷ୍ଟ ମାତ୍ରାରେ ପାନୀୟଜଳ ଯୋଗାଣ ପାଇଁ ଆବଶ୍ୟକ ସଂଖ୍ୟକ ଟ୍ୟାଙ୍କର ବ୍ୟବସ୍ଥା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥିଲା । ବିଭାଗୀୟ ଅଧିକାରୀ ଭାବେ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ଚ୍ଚନ୍ଦବାଲି ବି.ଡ଼ି.ଓ. ଅସିତ୍ କୁମାର ମହାନ୍ତି, ଡି.ଏସ୍.ପି.ଡି.ଆଇ.ବି. ପ୍ରଭାତ କୁମାର ବିଶ୍ୱାଳ, ପୂର୍ତ୍ତ ଅଧିକ୍ଷଣ ଯନ୍ତ୍ରୀ ଦୀପକ ପାଣିଗ୍ରାହୀ ପ୍ରମୁଖଙ୍କ ସହ ସଂପୃକ୍ତ ବିଭିନ୍ନ ବିଭାଗୀୟ ଅଧିକାରୀ ପୋଲିସ୍ ଅଧିକାରୀ ଏହି ବୈଠକରେ ଉପସ୍ଥିତ ଥିଲେ । ସେବାୟତ ଗଦାଧର ପାଢ଼ୀ, ଆସିସ୍ ପାଢ଼ୀ, ଅରବିନ୍ଦ ପାଢ଼ୀ, ବାବାଜୀ ଶଙ୍କର ପାଢ଼ୀ, ସଞ୍ଜୟ ମହାପାତ୍ର, ସରୋଜ ଦାସ, ଟ୍ରଷ୍ଟବୋର୍ଡ଼ ସେବାୟତ ପ୍ରତିନିଧି ସନ୍ତୋଷ ପାଢ଼ୀ ପ୍ରମୁଖ ଏହି ବୈଠକରେ ଉପସ୍ଥିତ ରହି ମତାମତ ରଖିଥିଲେ । ମନ୍ଦିର ଟ୍ରଷ୍ଟର କାର୍ଯ୍ୟନିର୍ବାହୀ ଅଧିକାରୀ ବିଦ୍ୟାଧର ପଲେଇ ଓ କର୍ମଚ୍ଚରୀ ପ୍ରମୁଖ ଏହି ବୈଠକ ଆୟୋଜନରେ ଆନୁସଙ୍ଗିକ ସହଯୋଗ କରିଥିଲେ ।

# ସେବା ମାଧ୍ୟମରେ ବାନ୍ଧି ହେଉଛି ବନ୍ଧୁତା, ସୁଦୂର ପ୍ରସାରି ହେଉଛି ଆମ ଅଂଚଳର ବାର୍ତ୍ତା : ଇନରହୁଇଲ

ଉଦଳା , ୦୯/୭ (ନି.ପ୍ର): କେବଳ ମହିଳା ମାନଙ୍କୁ ନେଇ ଉଦଳାରେ ଗଢ଼ି ଉଠିଥିବା କ୍ଲବ 'ଇନରହୁଇଲ' ତରଫରୁ ଚଳିତ ଜୁଲାଇ ୮ ତାରିଖ ସୋମବାର ଦିନ ରଥଯାତ୍ରା ଅବସରରେ ବାଟୋଇ ମାନଙ୍କୁ ମିଷ୍ଟାନ୍ନ ଓ ଦହି ସରବତ ବଂଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । କ୍ଲବର ସଭାପତି ଗିତାଶ୍ରୀ ରାୟ ଏହି କାର୍ଯ୍ୟକ୍ରମର ନେତୃତ୍ୱ ନେବା ସହିତ ସେବା ମାଧ୍ୟମରେ ସ୍ୱତଃ କିପରି ବହୁ ଲୋକଙ୍କ ସହ ସମ୍ପର୍କ ସ୍ଥାପନ ହୋଇ ଯାଉଛି ଓ ପରେ ଏହି ସମ୍ପର୍କ ଅଧିକ ନିବିଡ଼ ହୋଇ ବନ୍ଧୁତା ସ୍ଥାପନ ହୋଇ ପାରୁଛି ତାହା ବ୍ୟକ୍ତ କରିଥିଲେ । ପ୍ରକାଶ ଥାଉକି ଉଦଳା ରଥଯାତ୍ରାର ଦ୍ୱିତୀୟ ଦିବସରେ କେବଳ ମହିଳା ମାନଙ୍କ ଦ୍ୱାରା ରଥ ଟଣାଯାଇଥାଏ । ଠିକ୍ ଏହି ଦିନ ମହିଳା ମାନଙ୍କ ଦ୍ୱାରା ଗଠିତ କ୍ଲବ 'ଇନରହୁଇଲ' ର ଏହିଭଳି ସେବା ମୂଳକ କାର୍ଯ୍ୟକ୍ରମ ବେଶ ପ୍ରଶଂସନୀୟ ବୋଲି ଅନେକ ମତ ଦେଇଛନ୍ତି । କ୍ଲବର ପୁର୍ବତନ ସଭାପତି ଜୟନ୍ତି ପଟ୍ଟନାୟକ, ଆଜକୁ ଏକଶହ ବର୍ଷ ପୁର୍ବେ ଇଂଲଣ୍ଡରେ ଜନ୍ମ ଗ୍ରହଣ କରିଥିବା କ୍ଲବ 'ଇନରହୁଇଲ' ବର୍ତ୍ତମାନ ପୃଥିବୀର ପ୍ରାୟ ଶତାଧିକ ଦେଶରେ ତାହାର ଶାଖା ଖୋଲି ପାରିଛି ଓ ପୃଥିବୀର ସର୍ବ ବୃହତମ ମହିଳା ସଂଗଠନ ନାମରେ ନିଜର ପରିଚୟ ସୃଷ୍ଟି କରିପାରିଛି । ତେବେ ଉଦଳା ରଥଯାତ୍ରାରେ ସେବା ମୂଳକ କାର୍ଯ୍ୟକ୍ରମ ଇନରହୁଇଲ ମାଧ୍ୟମରେ ପୃଥିବୀର ଶତାଧିକ ଦେଶର ଲୋକଙ୍କ ପାଖରେ ପହଂଚିଯାଇ ପାରୁଛି ବୋଲି ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ ଉଦଳାର ପଟ୍ଟନାୟକ ମୋଟର୍ସ ସହଯୋଗର ହାତ ବଢ଼ାଇଥିବା ବେଳେ ବିଜ୍ଞାପିତ ଅଂଚଳ ପରିଷଦ ଉଦଳାର ନଗରପାଳ ପ୍ରମିଳା ପଣ୍ଡା ଅତିଥି ଭାବରେ ଯୋଗ ଦେଇ, ସେବା ସହିତ ବନ୍ଧୁତା ସ୍ଥାପନ ପାଇଁ 'ଇନରହୁଇଲ' ଉଦଳାରେ ଯେଉଁ ଭିତି ଭୂମିତିଆରି କରିପାରିଛି ତାହା ବାସ୍ତବରେ ପ୍ରଶଂସନୀୟ ବୋଲି ବ୍ୟକ୍ତ କରିଥିଲେ । ଆଜିର ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ମିନାକ୍ଷୀ ମହାନ୍ତି, ମମତା ମହାନ୍ତି, ସୁଜାତା ବିଶ୍ୱାଳ, ଅନୁପମା ମହାପାତ୍ର, ପ୍ରତିଭା ଘଡ଼େଇ, ସୁଭଦ୍ରା ରାଉତ, ପୁଷ୍ପଲତା ପଣ୍ଡା, ପ୍ରମୋଦିନି ମହାପାତ୍ର, ସରିତା ରାଉତ, ମମତା ସାହୁ ପ୍ରମୁଖ ସହଯୋଗ କରିଥିଲେ ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo